


▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-23 •FRIDAY •17 JULY 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୪ •ସଂଖ୍ୟା-୨୩ •ଶୁକ୍ରବାର •୧୭ ଜୁଲାଇ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦



**ମହାପ୍ରଭୁଙ୍କ ଘୋଷଯାତ୍ରା**

# ଦି’ ହାତ ଗଡ଼ିଲା ନନ୍ଦିଘୋଷ

## ମାର୍କେଟ ଛକରେ ତାଳଧ୍ୱଜ, ମରିଚିକୋଟ ଛକରେ ଦର୍ପଦଳନ, ଆଜି ହେବ ରଥଟଣା

## ଦଳାଚକଟାରେ ୨ ମୃତ, ଶତାଧିକ ଆହତ

■ ପୁରୀ, ୧୬।୭ (ସମିସ): ନୀଳକନ୍ଦରର ନିରବତା ଭାଙ୍ଗି ଗୁରୁବାର ବଡ଼ଦାଣ୍ଡକୁ ଓହ୍ଲାଇ ଆସିଛନ୍ତି ବିଶ୍ୱନିୟନ୍ତା। ଭାଇଭଉଣୀଙ୍କୁ ସାଥୀରେ ଧରି ଜନ୍ମବେଦୀ ଅଭିମୁଖେ ଯାତ୍ରା କରିଛନ୍ତି ନୀଳାଦ୍ରିନାଥ। ଦାରୁଦେବତାଙ୍କ ସ୍ପର୍ଶରେ ରଥ, ପଥ ହୋଇଛି ବ୍ରହ୍ମମୟ। ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କର ହୋଇଛି ଅପୂର୍ବ ମିଳନ। ଦାରୁଦିଅଁଙ୍କ ଦିବ୍ୟ ଦର୍ଶନ ପାଇ ଭାବରେ ଭିଜିଛନ୍ତି ଲକ୍ଷ ଲକ୍ଷ ଭକ୍ତ। ବର୍ଷା ସତ୍ତ୍ୱେ ପ୍ରାୟ ୫ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ରଥାରୂଢ଼ ମହାପ୍ରଭୁଙ୍କୁ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ସଅଳ ପହଣ୍ଡି ଆରମ୍ଭ ହୋଇଥିଲେ ହେଁ ରଥଟଣା ବିଳମ୍ବ ଯୋଗୁଁ ଗୋଟିଏ ବି ରଥ ଶରଧାବାଲି ଛୁଇଁପାରି ନାହିଁ। ପରମ୍ପରା ଅନୁଯାୟୀ, ଶୁକ୍ରବାର ସକାଳେ ଅଟକିଥିବା ତିନି ରଥକୁ ପୁଣି ଟଣାଯିବ। ରାତିରେ ରଥ ଉପରେ ଦର୍ଶନ ଦେଇ ଶନିବାର ଚତୁର୍ଦ୍ଧାବିଗ୍ରହ ଆଡ଼ପମଣ୍ଡପ ବିଜେ କରିବେ। ଏହି ଭକ୍ତିମୟ ପରିବେଶ ଭିତରେ ବଡ଼ଦାଣ୍ଡରେ ଘଟିଛି ବଡ଼ ଅଘଟଣ। ଦଳାଚକଟା ଘଟି ୨ ଜଣ ଶ୍ରଦ୍ଧାଳୁ ଅଣନିଃଶ୍ୱାସୀ ହୋଇପଡ଼ିବାରୁ ସେମାନଙ୍କ ଜୀବନ ଚାଲିଯାଇଛି।



ପବିତ୍ର ଘୋଷଯାତ୍ରା ପାଇଁ ଗୁରୁବାର ନୀତିକାନ୍ତି ଆରମ୍ଭରୁ ସଅଳ ଚାଲିଥିଲା। ନୀତି ନିର୍ଘଣ୍ଟ ଅନୁଯାୟୀ, ଗୁରୁବାର ସକାଳ ୬ଟାରେ ମଙ୍ଗଳ ଆଳତି ଥିବାବେଳେ ▶ପୃଷ୍ଠା-୭

## ଭକ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ ସରକାର: ନବୀନ

■ ଭୁବନେଶ୍ୱର, ୧୬।୭ (ସମିସ): ରଥଯାତ୍ରାରେ ବଡ଼ଦାଣ୍ଡର ଭକ୍ତଙ୍କ ପ୍ରାଣହାନୀ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମରେ ଏକ୍ସରେ ନବୀନ କହିଛନ୍ତି ଯେ ବଡ଼ଦାଣ୍ଡର ଭିଡ଼ରେ ଶ୍ରଦ୍ଧାଳୁଙ୍କ ପ୍ରାଣହାନୀ ହୋଇଥିବା ଖବର ପାଇ ମୁଁ ଅତ୍ୟନ୍ତ ଦୁଃଖିତ। ପ୍ରାଣ ହରାଇଥିବା ଶ୍ରଦ୍ଧାଳୁଙ୍କ ଅମର ଆତ୍ମାର ସଦଗତି ସହ ଆହତ ହୋଇଥିବା ଶତାଧିକ ଭକ୍ତଙ୍କ ଆଶୁଆରୋଗ୍ୟ କାମନା କରୁଛି। ଏପରି ଦୁଃଖଦ ସମୟରେ ସଭିଙ୍କ ସହାୟତା ପାଇଁ ବିଜୁ ଜନତା ଦଳର ସମସ୍ତ କର୍ମୀ ପୂର୍ଣ୍ଣ ସହଯୋଗ ଯୋଗାଇ ଦେବେ। ମୁଁ ଆଶା କରୁଛି ରାଜ୍ୟ ସରକାର ଭିଡ଼ ପରିଚାଳନା ସଠିକ ଭାବେ କରି ଭକ୍ତଙ୍କ ସୁବିଧା ତଥା ସୁରକ୍ଷା ସୁନିଶ୍ଚିତ କରନ୍ତୁ ବୋଲି ନବୀନ କହିଛନ୍ତି।



## ବିନା ଟାହିଆରେ ଆସିଲେ ମଉଡ଼ମଣି


■ ପୁରୀ, ୧୬।୭ (ସମିସ): ଝିପିଝିପି ବର୍ଷା ସହ ଘଣ୍ଟନାଦରେ କମ୍ପୁଥିଲା ସିଂହଦ୍ୱାର। ରତ୍ନବେଦୀରୁ ବଡ଼ଦାଣ୍ଡକୁ ଓହ୍ଲାଉଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ହେଲେ ଗୁମୁଟରେ ଚକାଆଖିକୁ ଦର୍ଶନ କରିବା ବେଳେ ଭକ୍ତ ଚକିତ ହୋଇଗଲେ। କଳାସାଆନ୍ତଙ୍କ ଶ୍ରୀମସ୍ତକ ଫାଙ୍କା ରହିଥିଲା। ବିନା ଟାହିଆରେ ବଡ଼ଦାଣ୍ଡକୁ ଓହ୍ଲାଇଥିଲେ ଜଗତର ମଉଡ଼ମଣି।

### ମର୍ମାହତ ଭକ୍ତ; କୁଆଡ଼େ ଗଲା ଆମ ଠାକୁରଙ୍କ ଟାହିଆ?

ସାଧାରଣତଃ ପହଣ୍ଡି ସମୟରେ ଭିଡ଼ କିମ୍ବା ଝୁଲଣ ଯୋଗୁଁ ଟାହିଆର କିଛି ଅଂଶ ଭାଙ୍ଗିବା ନଜିର୍ ଥିଲେ ମଧ୍ୟ, ଆଜିର ଘଟଣା ଥିଲା ସମ୍ପୂର୍ଣ୍ଣ ଭିନ୍ନ। ଶ୍ରୀମସ୍ତକରେ ପବିତ୍ର ପାରମ୍ପରିକ ଫୁଲ ମୁକୁଟ ‘ଟାହିଆ’ ନ ଥିଲା। ଧାଡ଼ି ପହଣ୍ଡିରେ ପ୍ରଥମେ ସୁଦର୍ଶନ, ପରେ ବଳଭଦ୍ର ଓ ସୁଭଦ୍ରା ରଥାରୂଢ଼ ହେଲେ। ଶେଷରେ ମହାପ୍ରଭୁ ଜଗନ୍ନାଥ ବଡ଼ଦେଉଳରୁ ବାହାରିଲେ। ସାତ ପାହାଚରେ ତାଙ୍କ ମସ୍ତକରେ ଟାହିଆ ଲାଗି ହୋଇଥିଲା। କିନ୍ତୁ ୨୨ ପାହାଚ ଅତିକ୍ରମ କରି ସିଂହଦ୍ୱାର ଗୁମୁଟ ପାଖରେ ପହଞ୍ଚିବା ବେଳକୁ ଟାହିଆ ଦେଖିବାକୁ ମିଳି ନ ଥିଲା। କେଉଁ ପରିସ୍ଥିତିରେ କିଭଳି ଘଟିଲା ତାହା ବୁଝାପଡ଼ି ନ ଥିଲା। ▶ପୃଷ୍ଠା-୭









# ଚାକିରି ଛାଡ଼ିଲେ ୧୦୦ ଇସ୍ରୋ ବୈଜ୍ଞାନିକ

ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ରୁ ବହୁ ସଂଖ୍ୟାରେ ବୈଜ୍ଞାନିକ ଓ ବୈଷୟିକ ଅଧିକାରୀ ଚାକିରି ଛାଡ଼ିବା




ଏବଂ ସ୍ୱେଚ୍ଛାକୃତ ଅବସର ନେବା ଘଟଣାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ମହାକାଶ ବିଭାଗ ପକ୍ଷରୁ ଜାରି ଏକ ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ଇସ୍ରୋର ପ୍ରମୁଖ ଗବେଷଣା କେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ପ୍ରଥମ ଶ୍ରେଣୀ (ଗ୍ରୁପ୍ 'ଏ') ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞଙ୍କ ଇସ୍ତଫା କିମ୍ବା ସ୍ୱେଚ୍ଛାକୃତ ଅବସର ଆବେଦନକୁ ଏବେ ସହଜରେ ଗ୍ରହଣ କରାଯିବ ନାହିଁ। ବର୍ତ୍ତମାନ ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାନବ ମହାକାଶ ଯାତ୍ରା କାର୍ଯ୍ୟକ୍ରମ 'ଗଗନଯାନ' ଏବଂ ଅନ୍ୟାନ୍ୟ ଜାତୀୟ ପ୍ରକଳ୍ପ ଉପରେ ଏହି ଗଣ-ଇସ୍ତଫା ଗମ୍ଭୀର

**■ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଲା**
**■ ଇସ୍ତଫା ରୋକିବାକୁ ନିୟମ କଡ଼ାକଡ଼ି**

ପ୍ରଭାବ ପକାଉଛି। ନିକଟରେ ଇସ୍ରୋରୁ ପ୍ରାୟ ୧୦୦ରୁ ଅଧିକ ବୈଜ୍ଞାନିକ ଓ ବୈଷୟିକ କର୍ମଚାରୀ ଚାକିରି ଛାଡ଼ିଛନ୍ତି। ବିଶେଷ କରି ବେଙ୍ଗାଲୁରୁ ସ୍ଥିତ 'ୟୁଆର୍ ରାଓ ସାଟେଲାଇଟ୍ ସେଣ୍ଟର' ଏବଂ ତିରୁବନନ୍ତପୁରମ ସ୍ଥିତ 'ବିକ୍ରମ ସାରାଭାଇ ସ୍ପେସ୍ ସେଣ୍ଟର' ରୁ ସର୍ବାଧିକ ଅଧିକାରୀ ଅବସର ନେଇଛନ୍ତି। ଏମାନଙ୍କ ମଧ୍ୟରେ ଗଗନଯାନ ପାଇଁ ବ୍ୟବହାର ହେବାକୁ ଥିବା ରକେଟ୍ ପ୍ରକଳ୍ପର ନିର୍ଦ୍ଦେଶକ ଭିକ୍ଟର ଜୋସେଫ୍ ମଧ୍ୟ ସାମିଲ ଅଛନ୍ତି। ୨୦୨୦ ମସିହାରେ କେନ୍ଦ୍ର ସରକାର ମହାକାଶ କ୍ଷେତ୍ରକୁ ବେସରକାରୀ ସଂସ୍ଥାଗୁଡ଼ିକ ପାଇଁ ଉନ୍ମୁକ୍ତ କରିବା ପରେ ଦେଶରେ ମହାକାଶ ସମ୍ପର୍କିତ ଷ୍ଟାର୍ଟଅପ୍ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଛି। ବର୍ତ୍ତମାନ ଭାରତରେ ୪୦୦ ରୁ ଅଧିକ ପଞ୍ଜିକୃତ ସ୍ପେସ୍ ଷ୍ଟାର୍ଟଅପ୍ ରହିଛି, ଯେଉଁଠାରେ ବହୁ ପରିମାଣର ପୁଞ୍ଜିନିବେଶ ହେଉଛି। ଇସ୍ରୋର ଅଭିଜ୍ଞ ବୈଜ୍ଞାନିକମାନେ ଉଚ୍ଚ ଦରମା ଓ ଉନ୍ନତ ସୁଯୋଗ ପାଇଁ ଏହିସବୁ ଘରୋଇ କମ୍ପାନୀରେ ଯୋଗ ଦେଉଥିବା ଜଣାପଡ଼ିଛି। ପୂର୍ବରୁ ୨୦୨୦ ମସିହାରେ ହୋଇଥିବା ପ୍ରଶାସନିକ ନିୟମ ଅନୁଯାୟୀ, ଇସ୍ରୋ କେନ୍ଦ୍ରଗୁଡ଼ିକର ନିର୍ଦ୍ଦେଶକମାନେ ନିଜ ସ୍ତରରେ ବୈଜ୍ଞାନିକମାନଙ୍କ ଇସ୍ତଫା ଗ୍ରହଣ କରିପାରୁଥିଲେ। ମାତ୍ର ନୂଆ ନିର୍ଦ୍ଦେଶ ଅନୁଯାୟୀ, ବର୍ତ୍ତମାନ ଏଭଳି ସମସ୍ତ ଆବେଦନକୁ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ସ୍ପେସ୍ ବିଭାଗ (ଡିପାର୍ଟମେଣ୍ଟ ଅଫ୍ ସ୍ପେସ୍) କୁ ପଠାଇବାକୁ ପଡ଼ିବ। ନିକଟରେ ଇସ୍ରୋର ପିଏସଏଲଭି ରକେଟ୍ ଉତ୍କ୍ଷେପଣରେ ଦୁଇଟି ବଡ଼ ବିଫଳତା ଦେଖାଦେଇଥିବା ବେଳେ, ଗଗନଯାନ, ଚନ୍ଦ୍ରଯାନ-୪, ମଙ୍ଗଳଯାନ-୨ ଏବଂ ଭାରତୀୟ ମହାକାଶ ଷ୍ଟେସନ ଭଳି ବଡ଼ ମିଶନକୁ ସଫଳ କରିବା ପାଇଁ ସରକାର ନିଜର ଦକ୍ଷ ବୈଜ୍ଞାନିକମାନଙ୍କୁ ସଂଗଠନରେ ଧରି ରଖିବାକୁ ଏହି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

## ଇ-୨୦ ପେଟ୍ରୋଲ ମାମଲା: କମ୍ପାନୀକୁ ନୂଆ ଗାଡ଼ି ସହ ଜରିମାନା ନିର୍ଦ୍ଦେଶ

ରାୟପୁର, ୧୬ ।୭ (ଏଜେନ୍ସି): ଦେଶରେ ପ୍ରଥମ ଥର ପାଇଁ ଇ-୨୦ ପେଟ୍ରୋଲ ଜନିତ ଗାଡ଼ି ଇଞ୍ଜିନ ଖରାପ ମାମଲାରେ ଜଣେ ଗ୍ରାହକଙ୍କ ସପକ୍ଷରେ ନିଷ୍ପତ୍ତି ଶୁଣାଇଛନ୍ତି ଗ୍ରାହକ ଅଦାଲତ। ଛତିଶଗଡ଼ର ରାୟପୁର ଜିଲ୍ଲା ଗ୍ରାହକ ବିବାଦ ସମାଧାନ ଆୟୋଗ ଐତିହାସିକ ରାୟ ଦେଇ ଗ୍ରାହକଙ୍କୁ ଏକ ନୂଆ ଗାଡ଼ି ପ୍ରଦାନ କରିବା ସହ ମାନସିକ ନିର୍ଯାତନା ପାଇଁ କ୍ଷତିପୂରଣ ଦେବା ଲାଗି ପ୍ରସିଦ୍ଧ କାର ନିର୍ମାତା କମ୍ପାନୀ ମାରୁତି ସୁଜୁକି ଏବଂ ସମ୍ପୃକ୍ତ ବିକ୍ରେତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଛତିଶଗଡ଼ର ଜଣେ ଗାଡ଼ି ମାଲିକ ନିଜ କାରରେ କ୍ରମାଗତ ଭାବେ ଦେଖାଦେଉଥିବା ଇଞ୍ଜିନ ସମସ୍ୟାକୁ ନେଇ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରଙ୍କ ଇଥାନଲ ମିଶ୍ରଣ ଯୋଜନା ଆରମ୍ଭ ହେବା ପରେ ସେ ଏହି ଗାଡ଼ିଟିକୁ କିଣିଥିଲେ ମଧ୍ୟ ବଜାରରେ ମିଳୁଥିବା ଇ-୨୦ ପେଟ୍ରୋଲ ପକାଇବା ମାତ୍ରେ ଗାଡ଼ିର କାର୍ଯ୍ୟଦକ୍ଷତା ହ୍ରାସ ପାଇବା ସହ ଇଞ୍ଜିନରେ ବାରମ୍ବାର ତ୍ରୁଟି ଦେଖାଦେଇଥିଲା। ବହୁବାର କମ୍ପାନୀର ଅଧିକୃତ ମରାମତି କେନ୍ଦ୍ରକୁ ଯିବା ସତ୍ତ୍ୱେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରି ନ ଥିଲା। କମ୍ପାନୀ ପକ୍ଷରୁ ଗାଡ଼ିଟି ଇଥାନଲ ଉପଯୋଗୀ ବୋଲି ଦାବି କରାଯାଇଥିଲେ ହେଁ ଅଦାଲତ ଏହାକୁ ଗ୍ରହଣ କରିନାହାନ୍ତି। ବର୍ତ୍ତମାନ ପେଟ୍ରୋଲ ପମ୍ପଗୁଡ଼ିକରେ କେବଳ ଇ-୨୦ ପେଟ୍ରୋଲ ହିଁ ସହଜରେ ଉପଲବ୍ଧ ହେଉଛି, ଯାହାଫଳରେ ଗ୍ରାହକଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ଇନ୍ଧନ ବାଛିବାର ସୁଯୋଗ ନାହିଁ। ବାରମ୍ବାର ଗାଡ଼ି ଖରାପ ହେବା ହିଁ ପ୍ରମାଣିତ କରୁଛି ଯେ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଇଥାନଲ ଉପଯୋଗୀ ନୁହେଁ। ଅଦାଲତ ନିଜ ଆଦେଶରେ ସ୍ପଷ୍ଟ କରିଛନ୍ତି ଯେ ଆସନ୍ତା ୪୫ ଦିନ ମଧ୍ୟରେ କମ୍ପାନୀ ଗ୍ରାହକଙ୍କୁ ଏକ ସମ୍ପୂର୍ଣ୍ଣ ଇ-୨୦ ଇନ୍ଧନ ଉପଯୋଗୀ ନୂଆ ଗାଡ଼ି ପ୍ରଦାନ କରିବ। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଗାଡ଼ି ବଦଳାଇ ଦିଆନଯାଏ, ତେବେ ଗାଡ଼ିର ସମ୍ପୂର୍ଣ୍ଣ ମୂଲ୍ୟ ଗ୍ରାହକଙ୍କୁ ଫେରସ୍ତ କରାଯିବ। ଏହା ସହିତ ଗ୍ରାହକ ସହୁଥିବା ମାନସିକ ଅଶାନ୍ତି ଏବଂ ହଇରାଣ ହରକତ ପାଇଁ ଏକ ଲକ୍ଷ ଟଙ୍କାର ଆର୍ଥିକ କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।


## ଆମେରିକା ଫେଡେରାଲ୍ ରିଜର୍ଭ ବ୍ୟାଙ୍କରେ ରାଜନଙ୍କ ସମେତ ୩ ଭାରତୀୟଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ

ୱାସିଂଟନ୍, ୧୬ ।୭ (ଏଜେନ୍ସି): ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ 'ଫେଡେରାଲ୍ ରିଜର୍ଭ' ନିଜର ଆର୍ଥିକ ନୀତିକୁ ଅଧିକ ସୁଦୃଢ଼ ଓ ସଂସ୍କାରମୂଳକ କରିବା ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛି। ଏଥିପାଇଁ ଗଠିତ ସ୍ୱତନ୍ତ୍ର କାର୍ଯ୍ୟକାରୀ ଗୋଷ୍ଠୀରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନଙ୍କ ସମେତ ତିନି ଜଣ ଭାରତୀୟ ବଂଶୋଦ୍ଭବ ବିଶେଷଜ୍ଞଙ୍କୁ ସାମିଲ କରାଯାଇଛି। ଗତ କିଛି ବର୍ଷ ଧରି ଲାଗି ରହିଥିବା ଅତ୍ୟଧିକ ମୁଦ୍ରାସ୍ଫୀତି ବା ମହଙ୍ଗା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ବ୍ୟାଙ୍କର ଆର୍ଥିକ ନୀତିକୁ ସଂସ୍କାର କରିବା ଏହି ନିଯୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ। ଆରବିଆଇର ପୂର୍ବତନ ମୁଖ୍ୟ ତଥା ଆନ୍ତର୍ଜାତୀୟ ସ୍ତରରେ ଜଣାଶୁଣା ଅର୍ଥଶାସ୍ତ୍ରୀ ରଘୁରାମ ରାଜନ ଆମେରିକା କେନ୍ଦ୍ରୀୟ ବ୍ୟାଙ୍କର 'ଆୟ-ବ୍ୟୟ ଚିଠା ନୀତି' (ବାଲାନ୍ସ ସିଟ୍ ପଲିସି) ସମ୍ପର୍କିତ ବିଶେଷଜ୍ଞ ଦଳରେ କାର୍ଯ୍ୟ କରିବେ। ସେ ବ୍ୟାଙ୍କର ସମ୍ପତ୍ତି, ଏହାର ଖର୍ଚ୍ଚ ଏବଂ ମୁଦ୍ରାନୀତି ଉପରେ ଏହାର ସାମଗ୍ରିକ ପ୍ରଭାବର ଗଭୀର ଅନୁଧ୍ୟାନ କରିବେ। କୋଭିଡ ମହାମାରୀ ପରଠାରୁ ଆମେରିକା କେନ୍ଦ୍ରୀୟ ବ୍ୟାଙ୍କର ବାଲାନ୍ସ ସିଟ୍ ପ୍ରାୟ ୯ ଲକ୍ଷ କୋଟି ଡଲାରକୁ ବୃଦ୍ଧି ପାଇଛି, ଯାହାକୁ ସନ୍ତୁଳିତ କରିବା ଏକ ବଡ଼ ଆହ୍ୱାନ। ରଘୁରାମଙ୍କ ବ୍ୟତୀତ ଅନ୍ୟ ଦୁଇ ଜଣ ପ୍ରଭାବଶାଳୀ ଭାରତୀୟ ବଂଶୋଦ୍ଭବଙ୍କୁ ମଧ୍ୟ ଭିନ୍ନ ଭିନ୍ନ ଦାୟିତ୍ୱ ଦିଆଯାଇଛି। ସେମାନେ ହେଲେ ରାଜ ଚେଟ୍ଟୀ ଓ ଆଶା ଶର୍ମା। ରାଜ ଚେଟ୍ଟୀ ଦିଲ୍ଲୀ ଜନ୍ମିତ ପ୍ରସିଦ୍ଧ ଆମେରିକୀୟ ଅର୍ଥଶାସ୍ତ୍ରୀ ରାଜ ଚେଟ୍ଟୀ 'ତଥ୍ୟ ସମୀକ୍ଷା କମିଟି'ର ସହ-ନେତୃତ୍ୱ ନେବେ। ସେ ଆର୍ଥିକ ସଙ୍କେତର ଗୁଣବତ୍ତା ଓ ବାସ୍ତବ ସମୟର ତଥ୍ୟକୁ ଅଧିକ ସଠିକ୍ କରିବାରେ ବ୍ୟାଙ୍କକୁ ସାହାଯ୍ୟ କରିବେ। ସେହିପରି ମାଇକ୍ରୋସଫ୍ଟର ବରିଷ୍ଠ ଅଧିକାରୀ ତଥା ଏକ୍ସବକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଶା ଶର୍ମା 'କାର୍ଯ୍ୟଦକ୍ଷତା ଓ ନିଯୁକ୍ତି କମିଟି'ରେ ରହିବେ। ସେ ବର୍ତ୍ତମାନର ଆଧୁନିକ ପ୍ରଯୁକ୍ତିବିଦ୍ୟା ଯଥା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଆର୍ଥିକ ଅଭିବୃଦ୍ଧି ଓ ନିଯୁକ୍ତି ଉପରେ କିପରି ପ୍ରଭାବ ପକାଉଛି, ସେ ସମ୍ପର୍କରେ ଅନୁଧ୍ୟାନ କରିବେ। ଆମେରିକା ଫେଡେରାଲ୍ ରିଜର୍ଭର ନୂତନ ଅଧ୍ୟକ୍ଷ କେଭିନ ୱାର୍ଶଙ୍କ ନିର୍ଦ୍ଦେଶରେ ଗଠିତ ପାଞ୍ଚଟି ସ୍ୱତନ୍ତ୍ର କମିଟି ମଧ୍ୟରୁ ଏହି ନିଯୁକ୍ତି କରାଯାଇଛି। ଏହି କମିଟିଗୁଡ଼ିକରେ ବ୍ୟାଙ୍କ ଅଫ୍ ଇଂଲଣ୍ଡର ପୂର୍ବତନ ଗଭର୍ଣ୍ଣର ମରଭିନ୍ କିଙ୍ଗ୍ ଏବଂ ନୋବେଲ ବିଜେତା ଥୋମାସ ସାର୍ଜେଣ୍ଟଙ୍କ ଭଳି ବିଶ୍ୱର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ମଧ୍ୟ ସାମିଲ ଅଛନ୍ତି। ନୂତନ ବିଚାରଧାରା ଏବଂ ସ୍ୱଚ୍ଛତା ମାଧ୍ୟମରେ ଆମେରିକାର ଆର୍ଥିକ ନୀତିକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଏହି ବ୍ୟବସ୍ଥା କରାଯାଇଛି।

## ଇରାନରେ ଟ୍ରମ୍ପଙ୍କ 'କଫିନ' ଚିତ୍ର ପ୍ରଦର୍ଶନ

ତେହରାନ, ୧୬ ।୭ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଇରାନ ପକ୍ଷରୁ ଚକ୍ରାନ୍ତ କରାଯାଉଥିବା ଚର୍ଚ୍ଚା ମଧ୍ୟରେ ଇରାନର ରାଜଧାନୀ ତେହେରାନର ମଧ୍ୟଭାଗରେ ଏକ ବିରାଟକାୟ ବିବାଦୀୟ ବିଲବୋର୍ଡ ଲଗାଯାଇଛି। 'ଏଙ୍ଗେଲାବ ସ୍କୋୟାର'ରେ ଲଗାଯାଇଥିବା ଏହି ବୋର୍ଡରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଏକ କଳା ରଙ୍ଗର କଫିନ୍ ମଧ୍ୟରେ ଶୋଇଥିବା ଅବସ୍ଥାରେ ଦର୍ଶାଯାଇଛି। ଏହି ବିଲବୋର୍ଡରେ ଟ୍ରମ୍ପଙ୍କ ଆଖି ଓ ପାଟି ବନ୍ଦ ଥିବା ବେଳେ କଫିନ ଉପରେ ପାର୍ସୀ ଏବଂ ଇଂରାଜୀ ଭାଷାରେ 'ଆମେ ଟ୍ରମ୍ପଙ୍କୁ ହତ୍ୟା କରିବୁ' ବୋଲି ସ୍ପଷ୍ଟ ଭାବେ ଲେଖାଯାଇଛି। ଏହା ନିକଟରେ ଇରାନର ସ୍ୱର୍ଗତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ଏକ ପ୍ରତିମୂର୍ତ୍ତି ମଧ୍ୟ ରହିଛି। ଚଳିତ ବର୍ଷ ଫେବୃଆରୀ ମାସରେ ଆମେରିକା-ଇସ୍ରାଏଲ୍ ବାହିନୀର ଆକ୍ରମଣରେ ଖାମେନେଇ ପ୍ରାଣ ହରାଇଥିଲେ। ସେବେଠାରୁ ଇରାନ ସାର୍ବଜନୀନ ସ୍ଥାନଗୁଡ଼ିକରେ ବିରାଟକାୟ ବିଲବୋର୍ଡ ମାଧ୍ୟମରେ ନିଜର ଆକ୍ରୋଶ ଓ ସାମରିକ ଶକ୍ତି ପ୍ରଦର୍ଶନ କରିଆସୁଛି। ଏହି ବିଲବୋର୍ଡରେ ଖାମେନେଇଙ୍କ ସ୍ମୃତିଚାରଣ ସହ ଇରାନର ମିନାବ ସହରରେ ଆମେରିକୀୟ ଆକ୍ରମଣରେ ପ୍ରାଣ ହରାଇଥିବା ସ୍କୁଲ୍ ପିଲାମାନଙ୍କର ପ୍ରତିଶୋଧ ନେବା କଥା ମଧ୍ୟ ଉଲ୍ଲେଖ ରହିଛି। କେବଳ ସେତିକି ନୁହେଁ, ଇରାନର ଏକ ରକ୍ଷଣଶୀଳ ସମ୍ବାଦପତ୍ର ପକ୍ଷରୁ ପ୍ରକାଶିତ ଏକ ତାଲିକାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମରଙ୍କ ସମେତ ବିଶ୍ୱର ୧୩ ଜଣ ପ୍ରମୁଖ ନେତାଙ୍କୁ ହତ୍ୟା କରିବା ପାଇଁ ଖୋଲାଖୋଲି ଧମକ ଦିଆଯାଇଛି। ଏହି ଘଟଣା ପରେ ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି।

## ସିବିଏସ୍‌ଇର ତ୍ରି-ଭାଷା ନୀତି ଉପରେ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ



ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ସିବିଏସ୍‌ଇ ପାଠ୍ୟକ୍ରମରେ ନବମ ଶ୍ରେଣୀରୁ ତୃତୀୟ ଭାଷା ପ୍ରଚଳନ କରିବା ନେଇ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପୂର୍ବରୁ ନବମ ଶ୍ରେଣୀରେ ଏକ ନୂଆ ଭାଷା ଶିଖାଇବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଉପରେ ଅନାବଶ୍ୟକ ମାନସିକ ଚାପ ପଡ଼ିବ ବୋଲି ଖଣ୍ଡପୀଠ ଆପତ୍ତି ପ୍ରକାଶ କରିଛନ୍ତି। ଏଥିସହ ଏହି ନୀତିକୁ ନବମ ପରିବର୍ତ୍ତେ ଷଷ୍ଠ ଶ୍ରେଣୀରୁ ହିଁ ଲାଗୁ କରିବାକୁ ଅଦାଲତ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ମାମଲାର ଶୁଣାଣି କରି ବିଚାରପତି ବି ଭି ନାଗରତ୍ନ କହିଛନ୍ତି ଯେ, ନବମ ଶ୍ରେଣୀରୁ ହିଁ ଦଶମ ବୋର୍ଡ ପରୀକ୍ଷାର ଚାପ ଆରମ୍ଭ ହୋଇଯାଇଥାଏ। ଏଭଳି ସ୍ଥିତିରେ ଏକ ନୂତନ ଭାଷା ପ୍ରବର୍ତ୍ତନ କରିବା ଏକ ଭୁଲ ନିଷ୍ପତ୍ତି। ସେ ନିଜ ସ୍କୁଲ ଦିନର ଅଭିଜ୍ଞତା ମନେ ପକାଇ କହିଛନ୍ତି ଯେ, ପିଲାଦିନରୁ ହିଁ ତୃତୀୟ ଭାଷା ଶିକ୍ଷା ଦିଆଗଲେ ତାହା ସହଜ ହୋଇଥାଏ। ତେଣୁ ସିବିଏସଇ କିମ୍ବା ଆଇସିଏସଇ ବୋର୍ଡରେ ଏହାକୁ ଷଷ୍ଠ ଶ୍ରେଣୀରୁ ହିଁ ଆରମ୍ଭ କରାଯିବା ଉଚିତ। ଶୁଣାଣି ସମୟରେ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ରେ ହିନ୍ଦୀକୁ ବାଧ୍ୟତାମୂଳକ କରାଯାଇ ନାହିଁ। ଏଥିରେ ରାଜ୍ୟ ଭାଷା, ଇଂରାଜୀ ଏବଂ ଯେକୌଣସି ତୃତୀୟ ଭାଷା ପଢ଼ିବାର ନିୟମ ରହିଛି। ସଂସ୍କୃତ

**ନବମ ଶ୍ରେଣୀରୁ କାହିଁକି?**

କିମ୍ବା ଅନ୍ୟ କୌଣସି ଭାଷାକୁ ମଧ୍ୟ ତୃତୀୟ ଭାଷା ଭାବେ ଚୟନ କରାଯାଇପାରିବ ଏବଂ କୌଣସି ରାଜ୍ୟ ଉପରେ ଜୋର ଜବରଦସ୍ତ କୌଣସି ଭାଷା ଲଦି ଦିଆଯିବ ନାହିଁ। ତାମିଲନାଡୁର ପ୍ରତ୍ୟେକ ଜିଲ୍ଲାରେ ଜବାହର ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ମାଡ୍ରାସ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତ୍ରି-ଭାଷା ନୀତିକୁ ବିରୋଧ କରି ତାମିଲନାଡୁ ସରକାର ଏହି ସ୍କୁଲ ପ୍ରତିଷ୍ଠା ଚାହୁଁନାହାନ୍ତି। ଏହା ଉପରେ ସୁପ୍ରିମକୋର୍ଟ ତାମିଲନାଡୁକୁ ପରାମର୍ଶ ଦେଇ କହିଛନ୍ତି ଯେ, କେବଳ କେନ୍ଦ୍ର ସରକାରଙ୍କ ନୀତି ବୋଲି ଏହାକୁ ଆଖିବୁଜା ବିରୋଧ କରିବା ଉଚିତ ନୁହେଁ। କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକୁ ନିଜ ରାଜ୍ୟରେ କାର୍ଯ୍ୟ କରିବାକୁ ରୋକିବା ଠିକ୍ ନୁହେଁ। ବର୍ତ୍ତମାନ ଏହି ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆଲୋଚନା ଜାରି ରହିଥିବାରୁ, ସୁପ୍ରିମକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣିକୁ ଆସନ୍ତା ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି।


### ମୁନିରଙ୍କୁ ମୌଲାନାଙ୍କ ଚ୍ୟାଲେଞ୍ଜ
## ସେନା ଛାଡ଼ି ନିର୍ବାଚନ ଲଢ଼ନ୍ତୁ

ଇସଲାମାବାଦ, ୧୬ ।୭ (ଏଜେନ୍ସି): ପାକିସ୍ତାନର ବରିଷ୍ଠ ରାଜନେତା ତଥା ଜେୟୁଆଇ-ଏଫ୍ ମୁଖ୍ୟ ମୌଲାନା ଫଜଲୁର ରେହମାନ ସେନା ମୁଖ୍ୟ ଫିଲ୍ଡ ମାର୍ଶଲ ଆସିମ୍ ମୁନିରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଯଦି ସେନାର ରାଜନୀତି କରିବାକୁ ଏତେ ଇଚ୍ଛା, ତେବେ ସେନା ପୋଷାକ ଓହ୍ଲାଇ ନିଆରା ରାଜନୈତିକ ଦଳ ଗଠନ କରି ନିର୍ବାଚନ ଲଢ଼ନ୍ତୁ ବୋଲି ସେ ଚ୍ୟାଲେଞ୍ଜ କରିଛନ୍ତି। ସରକାରୀ ଜନସଂଖ୍ୟା କମିଟିରେ ସେନା ମୁଖ୍ୟଙ୍କୁ ସାମିଲ କରାଯିବା ନିଷ୍ପତ୍ତି ପରେ ଫଜଲୁର ଏହି ବୟାନ ଦେଇଛନ୍ତି। ଫଜଲୁର କହିଛନ୍ତି ଯେ ଦେଶରେ କିଏ ସରକାର ଗଢ଼ିବ ବା କିଏ ଗାଦିରୁ ଓହ୍ଲାଇବ, ତାହା ସେନାର କାମ ନୁହେଁ। ଏଥିସହ ଦେଶର ସୁରକ୍ଷା ପାଇଁ ସୈନ୍ୟମାନଙ୍କୁ ଜନସାଧାରଣଙ୍କ ଟିକସ ଅର୍ଥରୁ ଦରମା ଦିଆଯାଉଥିବା ବେଳେ ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ସାଧାରଣ ନାଗରିକଙ୍କୁ ଅସ୍ତ୍ରଶସ୍ତ୍ର ଉଠାଇବାକୁ କହିବା ଏବଂ ମିଲିସିଆ ଗଠନ କରିବା ନିଷ୍ପତ୍ତିକୁ ସେ ଦୃଢ଼ ବିରୋଧ କରିଛନ୍ତି। ଏହାଦ୍ୱାରା ଦେଶ ଦୀର୍ଘକାଳୀନ ହିଂସା ମଧ୍ୟକୁ ଠେଲି ହୋଇଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଡଙ୍ଗା ବୁଡ଼ି ୫୦୦ ରୋହିଙ୍ଗ୍ୟା ମୃତ

ୟାଙ୍ଗୁନ୍, ୧୬ ।୭ (ଏଜେନ୍ସି): ମିଆଁମାର ଉପକୂଳରେ ଦୁଇଟି ପ୍ରବାସୀ ଡଙ୍ଗା ବୁଡ଼ିଯିବା ଫଳରେ ୫୦୦ରୁ ଅଧିକ ରୋହିଙ୍ଗ୍ୟା ଶରଣାର୍ଥୀ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ମିଳିତ ଜାତିସଂଘର ଶରଣାର୍ଥୀ ସଂଗଠନ ଏବଂ ଆନ୍ତର୍ଜାତୀୟ ପ୍ରବାସୀ ସଂଗଠନ ପକ୍ଷରୁ ମିଳିତ ଭାବେ ଏହି ସୂଚନା ଦିଆଯାଇଛି। ସୁରକ୍ଷିତ ଆଶ୍ରୟ ସନ୍ଧାନରେ ଏହି ରୋହିଙ୍ଗ୍ୟାମାନେ ସମୁଦ୍ର ପଥରେ ଯାତ୍ରା କରୁଥିବା ବେଳେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି। ପ୍ରାୟ ୨୫୦ ଯାତ୍ରୀଙ୍କୁ ନେଇ ଯାଉଥିବା ପ୍ରଥମ ଡଙ୍ଗାଟି ଯାତ୍ରା ଆରମ୍ଭର କିଛି ସମୟ ପରେ ନିଖୋଜ ହୋଇଯାଇଥିଲା। ସେହିପରି ୨୮୦ ଯାତ୍ରୀ ଥିବା ଦ୍ୱିତୀୟ ଡଙ୍ଗାଟି ଜୁଲାଇ ୮ ତାରିଖରେ ମିଆଁମାରର ଇରାବତୀ ଉପକୂଳ ନିକଟରେ ବୁଡ଼ି ଯାଇଥିବା ବିଶ୍ୱାସ କରାଯାଉଛି।

## ତିରୁପତି ମନ୍ଦିରରେ ରେକର୍ଡ: ଗୋଟିଏ ଦିନରେ ମିଳିଲା ୯୭ କୋଟି ଟଙ୍କା



ତିରୁପତି, ୧୬ ।୭ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ତିରୁମାଲା ତିରୁପତି ବାଲାଜୀ ମନ୍ଦିରରେ ଗତ ମଙ୍ଗଳବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ରେକର୍ଡ ୯୬.୯୮ କୋଟି (ପ୍ରାୟ ୯୭ କୋଟି) ଟଙ୍କାର ଦାନ ମିଳିଛି। ଜୁଲାଇ ୧୫ ମଧ୍ୟରାତ୍ରିରୁ ମନ୍ଦିର ପ୍ରଶାସନର ନୂଆ ଦାତା ନୀତି ଲାଗୁ ହେବାକୁ ଥିବାରୁ, ଏହାର ପୂର୍ବରୁ ଆଜୀବନ ସୁବିଧା ପାଇବା ପାଇଁ ପ୍ରାୟ ୨, ୪୬୦ ଜଣ ଦାତା ବଡ଼ ପରିମାଣର ଅର୍ଥ ଦାନ କରିଛନ୍ତି। ମନ୍ଦିର ପରିଚାଳନା ବୋର୍ଡ (ଟିଟିଡି) ଅନୁଯାୟୀ, ପୂର୍ବରୁ ଦାତାମାନଙ୍କୁ ମିଳୁଥିବା 'ଆଜୀବନ ସୁବିଧା' ବ୍ୟବସ୍ଥାକୁ ଏବେ ଉଚ୍ଛେଦ କରାଯାଇଛି। ନୂଆ ନିୟମ ଅନୁସାରେ ବ୍ୟକ୍ତିଗତ ଦାତାଙ୍କ ପାଇଁ ସୁବିଧାର ଅବଧି ୨୦ ବର୍ଷ ଏବଂ ସଂସ୍ଥା ବା ଟ୍ରଷ୍ଟ ପାଇଁ ୧୫ ବର୍ଷକୁ ସୀମିତ କରାଯାଇଛି। ଏହାସହ ସ୍ୱତନ୍ତ୍ର ଦର୍ଶନ, ମାଗଣା ରହଣି ଏବଂ ଦେବୀ ପ୍ରସାଦ ସ୍ୱରୂପ ମିଳୁଥିବା ସୁନା-ରୂପା ମୁଦ୍ରାର ପରିମାଣ ମଧ୍ୟ ହ୍ରାସ କରାଯାଇଛି। ସାଧାରଣ ଶ୍ରଦ୍ଧାଳୁଙ୍କୁ ଦର୍ଶନ ପାଇଁ ଅଧିକ ସୁଯୋଗ ଦେବା ଏବଂ ଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ଏହି ପଦକ୍ଷେପ ନିଆଯାଇଛି। ତେବେ ଜୁଲାଇ ୧୫ ପୂର୍ବରୁ ଦାନ କରିଥିବା ପୁରୁଣା ଦାତାମାନଙ୍କ ଆଜୀବନ ସୁବିଧା ଅପରିବର୍ତ୍ତିତ ରହିବ। ଏହି କାରଣରୁ ନୂଆ ନିୟମ ଲାଗୁ ହେବାର ଠିକ୍ ପୂର୍ବ ଦିନ ମନ୍ଦିରରେ ଦାନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଭାବନୀୟ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ବିଶ୍ୱର ଅନ୍ୟତମ ସମୃଦ୍ଧ ଏହି ମନ୍ଦିରର ସାମଗ୍ରିକ ସମ୍ପତ୍ତି ପ୍ରାୟ ୩.୩୮ ଲକ୍ଷ କୋଟି ଟଙ୍କା ବୋଲି ଜଣାଯାଇଛି।

## ରାଜ୍ୟସଭାରୁ ଅଭିନେତ୍ରୀ କୋଏଲଙ୍କ ଇସ୍ତଫା



**ଟିଏମସି ସଭ୍ୟସଂଖ୍ୟା ୯କୁ ଖସିଲା**

ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମସି) ର ଅସନ୍ତୁଷ୍ଟ ନେତା ଓ ବିଧାୟକଙ୍କ ଦଳ ଛାଡ଼ିବା ପ୍ରକ୍ରିୟା ଜାରି ରହିଥିବା ବେଳେ ଦଳକୁ ଆଉ ଏକ ବଡ଼ ଝଟକା ଲାଗିଛି। ଟିଏମସି ନେତ୍ରୀ ତଥା ଅଭିନେତ୍ରୀରୁ ରାଜନେତ୍ରୀ ପାଲଟିଥିବା କୋଏଲ ମଲ୍ଲିକ ଗୁରୁବାର ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି। ସୂତ୍ର ଅନୁଯାୟୀ, ସେ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି ପି ରାଧାକ୍ରିଷ୍ଣନଙ୍କୁ ଭେଟି ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଦଳ ପାଇଁ ଏହି ସପ୍ତାହ ବେଶ୍ ସଙ୍କଟଜନକ ସାବ୍ୟସ୍ତ ହୋଇଛି। କୋଏଲଙ୍କ ଇସ୍ତଫାର ଠିକ୍ ଗୋଟିଏ ଦିନ ପୂର୍ବରୁ ମମତା ବାନାର୍ଜୀଙ୍କ ଅତି ନିକଟତର ବିଧାୟକ ମଦନ ମିତ୍ର ଦଳ ଛାଡ଼ି ରତବ୍ରତ ବାନାର୍ଜୀଙ୍କ ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇଥିଲେ। ଏହାପୂର୍ବରୁ ଦଳର ବରିଷ୍ଠ ନେତା ସୁଖେନ୍ଦୁ ଶେଖର ରାୟ, ସୁସ୍ମିତା ଦେବ ଏବଂ ପ୍ରକାଶ ଚିକ ବଡ଼ାଇକ ଉଭୟ ରାଜ୍ୟସଭା ଓ ଟିଏମସିରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇ ସାରିଛନ୍ତି। ପଶ୍ଚିମବଙ୍ଗରେ ହେବାକୁ ଥିବା ରାଜ୍ୟସଭା ଉପନିର୍ବାଚନ ପାଇଁ ଏହି ପୂର୍ବତନ ଟିଏମସି ନେତାମାନେ ବିଜେପି ଟିକେଟରେ ନିଜର ନାମାଙ୍କନ ପତ୍ର ମଧ୍ୟ ଦାଖଲ କରିଛନ୍ତି।

## ସୋନମ୍ ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ ଲାଗି ହାଇକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ଲଦାଖର ବିଶିଷ୍ଟ ସମାଜସେବୀ ତଥା ଆନ୍ଦୋଳନକାରୀ ସୋନମ ୱାଙ୍ଗଚୁକଙ୍କ ବିଗୁଡୁଥିବା ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ହୋଇଯାଇଛି। ସେ ଦୀର୍ଘ ୧୯ ଦିନ ହେବ ଜନ୍ତର ମନ୍ତରଠାରେ ଆମରଣ ଅନଶନରେ ବସିଥିବା ବେଳେ ତାଙ୍କର ଜୀବନ ରକ୍ଷା ପାଇଁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇଦେବାକୁ କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋର୍ଟଙ୍କୁ ଆଶ୍ୱାସନା ଦିଆଯାଇଛି ଯେ, ଡାକ୍ତରଙ୍କ ପରାମର୍ଶ ଏବଂ ସ୍ୱାସ୍ଥ୍ୟ ସମୀକ୍ଷା ରିପୋର୍ଟ ଆଧାରରେ ସରକାର ସମସ୍ତ ପ୍ରକାର ଆବଶ୍ୟକୀୟ ଚିକିତ୍ସା ଯୋଗାଇଦେବେ। ଜାତୀୟ ପ୍ରବେଶିକା ପରୀକ୍ଷା (ନିଟ୍) ରେ ହୋଇଥିବା ବ୍ୟାପକ ଅନିୟମିତତା ପ୍ରତିବାଦରେ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ଗତ ଜୁନ୍ ୨୮ ତାରିଖରୁ ସୋନମ ୱାଙ୍ଗଚୁକ ଅନଶନ ଜାରି ରଖିଛନ୍ତି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ଗମ୍ଭୀର ହେଉଥିବାରୁ ଆଡଭୋକେଟ ରାକେଶ କୁମାର ସୈନୀଙ୍କ ଦ୍ୱାରା ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ଏହି ଆବେଦନରେ ୱାଙ୍ଗଚୁକଙ୍କୁ ତୁରନ୍ତ ଡାକ୍ତରଖାନା ସ୍ଥାନାନ୍ତର କରିବା ସହ ଆବଶ୍ୟକ ସ୍ଥଳେ ଜୋର ଜବରଦସ୍ତ ତରଳ ଖାଦ୍ୟ ଓ ପୋଷକ ତତ୍ତ୍ୱ ପ୍ରଦାନ କରି ତାଙ୍କ ଜୀବନ ରକ୍ଷା କରିବାକୁ ଅନୁରୋଧ କରାଯାଇଥିଲା। ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ବିଚାରପତି ତେଜସ କାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ, 'ଦେଶର ପ୍ରତ୍ୟେକ ନାଗରିକଙ୍କ ଜୀବନ ଅତ୍ୟନ୍ତ ମୂଲ୍ୟବାନ।' ସରକାରୀ ଡାକ୍ତରଙ୍କ ଦ୍ୱାରା ପ୍ରତିଦିନ ସୋନମଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉ ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେଲେ ତୁରନ୍ତ ଚିକିତ୍ସା ପ୍ରକ୍ରିୟାରେ ହସ୍ତକ୍ଷେପ କରାଯାଉ। ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଛନ୍ତି ଯେ, ସରକାରୀ ଡାକ୍ତରୀ ଦଳ ସୋନମଙ୍କ ସ୍ୱାସ୍ଥ୍ୟ ଉପରେ କ୍ରମାଗତ ନଜର ରଖିଛନ୍ତି ଏବଂ ତାଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି। କେନ୍ଦ୍ରର ଏହି ସକାରାତ୍ମକ



ଆଭିମୁଖ୍ୟକୁ ପ୍ରଶଂସା କରି କୋର୍ଟ ମାମଲାର ସମାଧାନ କରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ବରିଷ୍ଠ ଚିକିତ୍ସକ ଡାକ୍ତର ସତୀଶ ଲାମ୍ବାଙ୍କ ସୂଚନା ଅନୁଯାୟୀ, ଅନଶନ ଯୋଗୁଁ ସୋନମଙ୍କ ଓଜନରେ ଦ୍ରୁତ ହ୍ରାସ ଘଟିଛି। ଗତ ୨୪ ଘଣ୍ଟା ମଧ୍ୟରେ ତାଙ୍କ ଓଜନ ୫୦୦ ଗ୍ରାମ କମି ଏବେ ୫୬.୬୫ କିଲୋଗ୍ରାମରେ ପହଞ୍ଚିଛି।

### ୧୫୦ କୋଟିର ସମ୍ପତ୍ତି ବିବାଦ
## ମଦ୍ୟପ ପୁଅର ଗୁଳିମାଡ଼ରେ ବାପା ମୃତ

ଗାଜିଆବାଦ, ୧୬ ।୭ (ଏଜେନ୍ସି): ଉତ୍ତରପ୍ରଦେଶର ଗାଜିଆବାଦ ଜିଲ୍ଲା ମୋଦୀନଗର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରାୟ ୧୫୦ କୋଟି ଟଙ୍କାର ଜମିବାଡ଼ି ସମ୍ପତ୍ତି ବିବାଦକୁ କେନ୍ଦ୍ର କରି ଜଣେ ୩୨ ବର୍ଷୀୟ ମଦ୍ୟପ ପୁଅ ନିଜର ୫୫ ବର୍ଷୀୟ ବାପାଙ୍କୁ ଗୁଳି କରି ହତ୍ୟା କରିଛି। ମୃତକ ଜଣକ ହେଉଛନ୍ତି ମୋଦୀନଗରର ବୁଢ଼ାନା ଗ୍ରାମର ଜଣେ ଚାଷୀ ହରିଓମ୍। ପୁଲିସ ସୂଚନା ଅନୁଯାୟୀ, ଗତ ବୁଧବାର ବିଳମ୍ବିତ ରାତି ପ୍ରାୟ ୧୧ଟା ସମୟରେ ହରିଓମ୍‌ଙ୍କ ବଡ଼ ପୁଅ ନିଖିଲ ପ୍ରଚୁର ମଦ୍ୟପାନ କରି ଘରକୁ ଫେରିଥିଲା। ହରିଓମ୍ ଏହାର ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ



ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଏହି ଝଗଡ଼ା ପୂର୍ବରୁ ଚାଲିଥିବା ସମ୍ପତ୍ତି ବିବାଦର ରୂପ ନେଇଥିଲା ଏବଂ ଉତ୍ତ୍ୟକ୍ତ ହୋଇ ନିଖିଲ ଏକ ଦେଶୀ ପିସ୍ତଲରୁ ତାର ବାପାଙ୍କ ଉପରକୁ ତିନି ରାଉଣ୍ଡ ଗୁଳି ଚଳାଇଥିଲା। ଗୁଳି ହରିଓମ୍‌ଙ୍କ ମୁଣ୍ଡ ଓ ପେଟରେ ବାଜିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଡାକ୍ତରଖାନା ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସମ୍ପର୍କୀୟଙ୍କ ସୂଚନା ଅନୁଯାୟୀ, ହରିଓମ୍‌ଙ୍କର ପ୍ରାୟ ୭୫ ବିଘା ଜମି ଏବଂ ମୋଦୀନଗର ବଜାରରେ ୩ଟି ଦୋକାନ ରହିଛି, ଯାହାର ଆନୁମାନିକ ମୂଲ୍ୟ ୧୫୦ କୋଟି ଟଙ୍କାରୁ ଅଧିକ। ହରିଓମ୍ ଏହି ସମ୍ପତ୍ତିକୁ ତିନି ଭାଗରେ ବାଣ୍ଟିଥିଲେ ମଧ୍ୟ ନିଖିଳର ଖରାପ ଅଭ୍ୟାସ ଓ ମଦ୍ୟପାନ ଯୋଗୁଁ ତାର ଭାଗର ଆଇନଗତ କାଗଜପତ୍ର କରିନଥିଲେ। ନିଖିଳର ବାହାଘର ପରେ କାଗଜପତ୍ର ହେବ ବୋଲି ହରିଓମ୍ କହିଥିଲେ, ଯାହାକୁ ନେଇ ନିଖିଲ ଅସନ୍ତୁଷ୍ଟ ଥିଲା। ଏପରିକି ୨୦୧୮ ମସିହାରେ ମଧ୍ୟ ନିଖିଲ ନିଜ ସାନ ଭାଇ ଉପରକୁ ଗୁଳି ଚଳାଇ ଆହତ କରିଥିବା ଜଣାପଡ଼ିଛି। ହରିଓମ୍‌ଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ର ଧାରା ୧୦୩ (ହତ୍ୟା) ଅନୁଯାୟୀ ମାମଲା ରୁଜୁ କରିଛି। ଫରାର ଥିବା ଅଭିଯୁକ୍ତ ପୁଅକୁ ଗିରଫ କରିବା ପାଇଁ ପୁଲିସ ୫ଟି ସ୍ୱତନ୍ତ୍ର ଦଳ ଗଠନ କରି ତଦନ୍ତ ଚଳାଇଛି।

# ରଥ-ପଥ-ଜଗନ୍ନାଥ














ରଥ ଟାଣୁଛନ୍ତି ରାଜ୍ୟପାଳ ହରି ବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ


ରଥ ଆଗରେ ଓଡ଼ିଶୀ ନୃତ୍ୟ ପରିବେଷଣ


ଦିଲ୍ଲୀସ୍ଥିତ ନିଜ ବାସଭବନରେ ଟିଭିରେ ମହାପ୍ରଭୁଙ୍କ ପହଣ୍ଡି ବିଜେ ଦେଖୁଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ପୁରପଲ୍ଲୀରେ ଗଡ଼ିଲା ରଥ, ଶ୍ରଦ୍ଧାଳୁଙ୍କ ଭିଡ଼


ଯାଜପୁର


ପାଣିକୋଇଲି


ମଙ୍ଗଳପୁର


କର୍ଯ୍ୟାଁଗୋଲା


କୋରେଇ


ସୁକିନ୍ଦର


ଧର୍ମଶାଳା


ଯଖପୁରା

**ବିଞ୍ଝାରପୁର,୧୬।୭ (ସମିସ)**

ପବିତ୍ର ଘୋଷଯାତ୍ରା ଅବସରରେ ବିଞ୍ଝାରପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦର୍ଶନ ଓ ରଥଟଣା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅରେଇ ପଞ୍ଚାୟତର ପୁଖୁରୀଆ ପଦାରେ ପୁରୀ ଶ୍ରୀକ୍ଷେତ୍ରର ପରମ୍ପରାକୁ ଅନୁସରଣ କରି ରଥଯାତ୍ରା ପାଳିତ ହୋଇଥିଲା। ଶ୍ରୀବିଗ୍ରହମାନଙ୍କର ଦିବ୍ୟ ପହଣ୍ଡି ପରେ ସୁସଜ୍ଜିତ ରଥରେ ବିଜେ କରାଯାଇଥିଲା। ରଥଯାତ୍ରାର ସୁପରିଚାଳନା ପାଇଁ ଆୟୋଜକ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

ସେହିପରି ବ୍ଲକର ରଣପୁର ଗ୍ରାମରେ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା। ସକାଳେ ଶ୍ରୀବିଗ୍ରହମାନଙ୍କର ନୀତିକାନ୍ତି ପରେ ପହଣ୍ଡି ବିଜେ ସମ୍ପନ୍ନ ହୋଇଥିବା ବେଳେ ଅପରାହ୍ଣରେ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କୁନି ରାଜା ବେଶରେ ସଜ୍ଜିତ ପ୍ରଭାତ ମଲ୍ଲିକ ପାରମ୍ପରିକ ରୀତିନୀତି ଅନୁଯାୟୀ ରଥରେ ଛେରାପହଁରା କରିଥିଲେ। ଏହାବ୍ୟତୀତ ଫତେପୁର, କଲ୍ୟାଣପୁର, ମାଁସଡ଼ା, ଅଳକୁଣ୍ଡ, ବରିକୂଳ, କଣ୍ଟିପୁର ସମେତ ବିଞ୍ଝାରପୁର ବ୍ଲକର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ମଧ୍ୟ ମହାସମାରୋହରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା।

**କର୍ଯ୍ୟାଁଗୋଲା:** ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତ ନାରୀଗାଁରେ ଥିବା ଚନ୍ଦନ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ରଥଯାତ୍ରା ବେଶ ଶାନ୍ତି ଶୃଙ୍ଖଳା ସହିତ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ସମ୍ପାଦକ ଘନଶ୍ୟାମ ରାୟ ରଥ ଦାଣ୍ଡରେ ଛେରାପହଁରା କରିଥିଲେ। ମୁଖ୍ୟ ପୂଜକ ରମାକାନ୍ତ ଦାସ ଓ ସହଯୋଗୀମାନେ ସକାଳୁ ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ଶ୍ରୀଜିଉଙ୍କୁ ପୂଜାର୍ଚ୍ଚନା ପରେ ଅପରାହ୍ଣରେ ରଥାରୂଢ଼ କରାଯାଇ ରଥଟଣା କାର୍ଯ୍ୟ କରାଯାଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହାଜର ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଡ୍ରାଇଭର ମହାସଂଘ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା। ସଭାପତି ଅକ୍ଷୟ ଧଳ, ସୁବାସ ଚନ୍ଦ୍ର ରାଉତ, ରମେଶ ଚନ୍ଦ୍ର ରାଉତ, ପ୍ରମୋଦ କୁମାର ସ୍ୱାଇଁ, ମନୋଜ ଧଳ, ଦିବାକର ସାମଲ, ଅବସରପ୍ରାପ୍ତ ଅଧିପକ ସ୍ୟାହିତ୍ୟିକ ଦାମୋଦର ବେହେରା ଓ ସମସ୍ତ କର୍ମକର୍ତ୍ତା ମନ୍ଦିର କମିଟି ସମସ୍ତ ସଭ୍ୟ ପରିଚାଳନା କରିଥଲେ।

**ମଙ୍ଗଳପୁର/କର୍ଯ୍ୟାଁଗୋଲା :** ଦଶରଥପୁର ବ୍ଲକ୍ କନିକାପଡ଼ା ପଞ୍ଚାୟତ ଦାମୋଦରପୁର ଗ୍ରାମରେ ମହାପ୍ରଭୁଙ୍କ ରଥଯାତ୍ରା ଆୟୋଜିତ ହୋଇଯାଇଛି। ଦାମୋଦରକ୍ଷେତ୍ରର ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ମା ସୁଭଦ୍ରାଙ୍କ ପ୍ରତିମୂର୍ତ୍ତି ରଥାରୁଢ଼ ହୋଇ ଗୁଣ୍ଡିଚାନଗରସ୍ଥିତ ମାଉସୀ ମା' ମନ୍ଦିରକୁ ଯାତ୍ରା କରିଛନ୍ତି। ରଥାରୂଢ଼ ଠାକୁରଙ୍କ ଦର୍ଶନ ଲାଗି ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଗୁଣ୍ଡିଚାନଗରରେ ବାହୁଡ଼ା ଯାଏଁ ମହାପ୍ରଭୁ ବିରାଜମାନ କରିବେ। ସେହିପରି ବ୍ଲକ୍‌ର ଜୟନ୍ତରା ପଞ୍ଚାୟତ କୁଟୁରିଆ ଗ୍ରାମରେ ମହାପ୍ରଭୁଙ୍କ ରଥଯାତ୍ରା ଆୟୋଜିତ ହୋଇଯାଇଛି। କୁଟୁରିଆ ସ୍ଥିତ ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ମା ସୁଭଦ୍ରାଙ୍କ ପ୍ରତିମୂର୍ତ୍ତି ରଥାରୂଢ଼ ହୋଇ ଗୋପକୁଳ ସ୍ଥିତ ମାଉସୀ ମା ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଛନ୍ତି। ଠାକୁରଙ୍କ ଦର୍ଶନ ଲାଗି ଜୟନ୍ତରା ପାଟପୁର, ଶ୍ୟାମସୁନ୍ଦରପୁର, ଜୁନିନ୍ଦା, ବନପୁର, ବ୍ରାହ୍ମଣୀକୁଳ, ଗୋପକୁଳ, ତରପଡା, ଦୋଭାବିଲ, ମାଣିକଡିହ, ଖୋସାଲପୁର, ଗଣ୍ଡକୁଳ ଆଦି ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ରୁଣ୍ଡ ହୋଇଥାନ୍ତିଛ୍ର ଗ୍ରାମର ଆବାଳବୃଦ୍ଧବନୀତାଙ୍କ ସାହାଯ୍ୟ ସହଯୋଗରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଏହି ରଥଯାତ୍ରା ଆୟୋଜିତ ହୋଇଯାଇଛି। ପାରିପଦା, ମଲ୍ଲିକାପୁର, ଥାଳକୁଡ଼ି, ବାବଲପୁର, ଚଷାଖଣ୍ଡ ଆଦି ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**ପ୍ରୀତିପୁର:** ବିଞ୍ଝାରପୁର ବ୍ଲକ୍ ଫତେପୁର ପଞ୍ଚାୟତ ନଛିପୁରସ୍ଥିତ ନୀଳାଦ୍ରି ବିହାର ପରିସରରେ ନିର୍ଦ୍ଧାରିତ ସମୟରେ ରଥନୀତି ସମ୍ପନ୍ନ ହୋଇଥିଲା। ଶ୍ରୀଜିଉମାନଙ୍କର ପହଣ୍ଡି ବିଜେ ପରେ ଦିଅଁ ମାନଙ୍କୁ ରଥାରୂଢ଼ କରାଯାଇଥିଲା। ସହସ୍ରାଧିକ ଭକ୍ତ ଶ୍ରଦ୍ଧାଳୁ ମାନଙ୍କର ଉପସ୍ଥିତିରେ ନୀଳାଦ୍ରି ବିହାର ଉଚ୍ଛୁଳି ଉଠିଥିଲା। ଗତ କିଛି ବର୍ଷ ପୂର୍ବରୁ ରଥଚକା ତଳେ ଜଣେ ପିଲାର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ତତ୍କାଳୀନ ସେବାଧକ୍ଷ ସ୍ୱର୍ଗୀୟ ଭକ୍ତ ନିରଞ୍ଜନ ସମ୍ପୃକ୍ତ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରନ୍ତୁ ବୋଲି ଦାବି କରାଯିବାରୁ ଭକ୍ତ ନିରଞ୍ଜନ ପ୍ରଭୁଙ୍କ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ଅର୍ଥରାଶି ପ୍ରଦାନ କରିଥିଲେ। ସେବେଠାରୁ ନୀଳାଦ୍ରି ବିହାରରେ ରଥଯାତ୍ରାର ସମସ୍ତ ନୀତିକାନ୍ତି ସମ୍ପାଦିତ ହେବାପରେ ରଥ ଉପରେ ଠାକୁର ରହିଥାନ୍ତି। ନବଦିନ ଧରି ଶ୍ରୀଜିଉମାନେ ରଥରେ ରହି ପୂଜା ପାଇଥାନ୍ତି। ଶ୍ରୀମନ୍ଦିରର ବର୍ତ୍ତମାନର ସେବାଧକ୍ଷ ଦେବାଶିଷ ଆଚାର୍ଯ୍ୟ ଛେରାପହଁରା ନୀତି କରିଥିଲେ। ଗଗନ ବିହାରୀ ଆଚାର୍ଯ୍ୟ, ଅଶୋକ କୁମାର ଆଚାର୍ଯ୍ୟ, ସୁଧୀର ଆଚାର୍ଯ୍ୟ, ଅମ୍ବରୀଶ ଆଚାର୍ଯ୍ୟ, ଶୁଭାଶିଷ ଆଚାର୍ଯ୍ୟ ପ୍ରମୁଖ ନୀତିକାନ୍ତିରେ ସହାୟତା କରିଥିଲେ। ପଣ୍ଡିତ ବନମାଳୀ ପତି, ସନ୍ତୋଷ କୁମାର ସାହୁ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟିର ସଭାପତି ରତନଲାଲ ଭୂୟାଁ, ଖରସ୍ରୋତା ପୁସ୍ତକ ମେଳା କମିଟି ସଭାପତି ପଦ୍ମାକର ଗୁରୁ, ସାମ୍ବାଦିକ ସଇଫୁର ରହେମାନ, ସରୋଜ ସାହୁ, ଇନ୍ଦ୍ରମଣି ସ୍ୱାଇଁ, ସୀମାନ୍ତ ପାତ୍ର, ବ୍ରଜକିଶୋର ସାହୁ, ଭକ୍ତହରି ବିଶ୍ୱାଳ, ଶଶଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

**ପାଣିକୋଇଲି:** ଆଜି ପୁରପଲ୍ଲୀରେ ସମସ୍ତ ଜଗନ୍ନାଥ ମନ୍ଦିରରେ ରଥ ଟଣା ମହାସମାରୋହରେ ଅନୁଷ୍ଠିତ ହୋଇଛି। ପାଣିକୋଇଲି ମହାବୀର କଲୋନୀ, ମଣିପୁର, ସୋତି, ଚାନ୍ଦପୁର, ନୂଆପଦା, ଓଟିନ୍ଦା, ମୁଳରୀ, କାଙ୍କଲା ଆଦି ଜଗନ୍ନାଥ ମନ୍ଦିରରେ ନେତ୍ର ଉତ୍ସବ ଦେଖିବା ଲାଗି ଭକ୍ତ ଭିଡ ଜମିଥିଲା। ରଥ ଦଉଡି ଧରିବା ପାଇଁ ଭକ୍ତ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଜାତି ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଶଙ୍ଖ, ହୁଳହୁଳି ଘଂଟ ନାଦ ଓ ନାମ ସଙ୍କିର୍ତନରେ ରେ ସମସ୍ତେ ପ୍ରଭୁଙ୍କୁ ଟାଣିନେଇଥିଲେ ମାଉସୀ ମା ମନ୍ଦିରକୁ। ଶାନ୍ତି ଶୃଙ୍ଖଳାର ସହିତ ରଥଟଣା ସମାପନ ହୋଇଥିବା ବେଳେ ସବୁଠି ପୁଲିସ ମୁତୟନ କରାଯାଇଥିଲା।

**ବରୁଆଁ :** ଯାଜପୁର ସଦର ଓ ଏହାର ଆଖପାଖ ଅଞ୍ଚଳରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲାର ବହୁ ପୁରାତନ ହରିପୁର ଜଗନ୍ନାଥ ମଠ ରେ ଶ୍ରୀଗୁଣ୍ଡିଚା ପୂର୍ବଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ ଓ ରଥ ଖଳାରେ ତିନି ରଥ ପ୍ରତିଷ୍ଠା ଓ ନେତ ଉତ୍ସବ ସମ୍ପର୍ଣ୍ଣ କରାଯାଇଥିଲା। ଶ୍ରୀଗୁଣ୍ଡିଚା ପ୍ରାତଃରୁ ଶ୍ରୀଜିଉଙ୍କ ସେନାପଟା ନୀତି ପରେ ରାଜନୀତି ସହ ସମସ୍ତ ନୀତିକାନ୍ତି କରାଯାଇ ନିର୍ଦ୍ଧାରିତ ସମୟରେ ସ୍ୱପ୍ନେଶ୍ୱରପୁର ଶାସନରେ ବ୍ରାହ୍ମଣ ପୁରୋହିତଙ୍କ ଦ୍ୱାରା ଧାଡ଼ି ପହଣ୍ଡିରେ ପ୍ରଥମେ ସୁଦର୍ଶନ ପରେ ପରେ ପ୍ରଭୁ ବଳଭଦ୍ର ଦେବୀ ସୁଭଦ୍ରା ଓ ଜଗନ୍ନାଥଙ୍କ ନିକଟରେ ଛେକ ଭୋଗ ଓ ଆଳତି ପରେ ରଥାରୁଢ଼ କରାଯାଇଥିଲା। ପୂଜକ ଶଙ୍କର୍ଷଣ ଦାଶ ଛେରାପହରା କରିଥିଲେ। ନୀତି ସମ୍ପନ୍ନ ପରେ ଅପରାହ୍ନ ଚାରିଟା ସମୟରେ ହରିପୁର ଜଗନ୍ନାଥ ମନ୍ଦିର ରୁ ଗୋବିନ୍ଦପୁର ସ୍ଥିତ ଗୁଣ୍ଡିଚା ମନ୍ଦିର ଅଭିମୁଖେ ରଥ ଟଣା ଆରମ୍ଭ ହୋଇଥିଲା। ସୁଭଦ୍ରାଙ୍କ ରଥଙ୍କୁ କେବଳ ମହିଳାମାନେ ଟାଣିଥିଲେ।

ସେହିପରି ସାହସପୁର, ବଡ଼ ତ୍ରିଲୋଚନ ପୁର, ମତାବାଦ ଓ ବେରୁଦାରେ ଶାନ୍ତି ଶୃଙ୍ଖଳାର ସହ ଶ୍ରୀଗୁଣ୍ଡିଚା ଯାତ୍ରା ସମ୍ପର୍ଣ୍ଣ ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ କୁଆଖିଆ ଥାନା ପୋଲିସ ଓ ସଦର ଥାନା ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ ରହିଥିବା ଦେଖିବାକୁ ମିଳିଥିଲା।

**କୋରେଇ :** କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମରେ ବଳଦେବଜିଉ ମନ୍ଦିରରେ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଥମେ ମହାପ୍ରଭୁଙ୍କ ନୀତିକାନ୍ତି ପରେ ରଥ ପ୍ରତିଷ୍ଠା କାର୍ଯ୍ୟ ସମାପନା କରାଯାଇଥିଲା। ଏହା ପରେ ଚତୁର୍ଦ୍ଧାମୂର୍ତ୍ତି ଙ୍କୁ ପହଣ୍ଡି କରାଯାଇ ରଥକୁ ଅଣା ଯାଇଥିଲା। ସଂଧ୍ୟା ସମୟରେ ରଥ ଟଣାଯାଇ ମାଉସୀ ମନ୍ଦିର ନିକଟକୁ ଶ୍ରଦ୍ଧାଳୁମାନେ ଆଣିଥିଲେ। ଟ୍ରଷ୍ଟ ବୋର୍ଡର ପ୍ରଧାନ ଟ୍ରଷ୍ଟି ଅଭିଳାଷ ବୋଇତାଇ ଛେରାପହଁରା କାର୍ଯ୍ୟ ସମାପନା କରିଥିବା ବେଳେ ପୂଜକ ଗୋପବନ୍ଧୁ ପାଢ଼ୀ, ମୃତ୍ୟୁଞ୍ଜୟ ପାଢ଼ୀ ଓ ପୁରୋହିତ ରାଜ କିଶୋର ପାଢ଼ୀ ପୂଜା କାର୍ଯ୍ୟ କରିଥିଲେ। ରାଧାକୃଷ୍ଣ ସେବା ସଂଘ, ତାଲୁଙ୍ଗର ସଭ୍ୟମାନେ ଦହି ପାଣି ବଣ୍ଟନ, ମହାଲକ୍ଷ୍ମୀ ଯୁବକ ସଂଘ ତରଫରୁ ଚାହା ଓ ସଦାନନ୍ଦ ଉଚ୍ଚ ବିଦ୍ୟାଳୟ ୨୦୧୧ ବ୍ୟାଚର ଛାତ୍ରମାନେ ଭକ୍ତମାନଙ୍କୁ ଲଡୁ ବଣ୍ଟନ କରିଥିଲେ। ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କ ନେତୃତ୍ୱର ୧୬ ଜଣ କର୍ମଚାରୀ ଉପସ୍ଥିତ ରହି ରଥଟଣା କାର୍ଯ୍ୟ ଶାନ୍ତି ଶୃଙ୍ଖଳାରେ ଶେଷ କରିଥିଲେ। ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଭ୍ୟ ଡ.ଚିନ୍ତାମଣି ପାଢ଼ୀ, ବିଶ୍ୱଜିତ୍ ନାୟକ, ପ୍ରିତିରଞ୍ଜନ ସାହୁ, ବିକ୍ରମ କେଶରୀ ବିଶ୍?ାଳ, ସଦାନନ୍ଦ ବେହେରା, ରାଜୀବ ଲୋଚନ ରାଉତ, ଅତନୁ ବିଶ୍ୱାଳ, ଭବାନୀ ଶଙ୍କର ପାଢ଼ୀ, କାମଦେବ ଦାସ, ନିରଞ୍ଜନ ନାୟକ, ବିଦ୍ୟାଧର ସାହୁ, ସଞ୍ଜୟ ସାହୁ, ସନ୍ତୋଷ ନାୟକ, ଅମିୟ ବିଶ୍ୱାଳ ପ୍ରମୁଖଙ୍କ ସହ ଶ୍ରୀ ଜଗନ୍ନାଥ ସେନା ଓ ବଳଦେବଜିଉ ସେବା ସମିତିର ସମସ୍ତ ସଭ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଆସନ୍ତାକାଲି ମହାପ୍ରଭୁ ପହଣ୍ଡି କରାଯାଇ ମାଉସୀ ମନ୍ଦିରରେ ବିଜେ କରାଯିବ।

**ଯଖପୁରା :** ଯଖପୁରା ଜଗନ୍ନାଥ ମନ୍ଦିର (ଯକ୍ଷ ଶ୍ରୀକ୍ଷେତ୍ର)ରେ ଚଳିତ ବର୍ଷ ପ୍ରଥମ କରି ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୯ ବର୍ଷର ପ୍ରତୀକ୍ଷା ପରେ ଏହି ପ୍ରଥମ ରଥଯାତ୍ରାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅଭୂତପୂର୍ବ ଉତ୍ସାହ ଓ ଆନନ୍ଦର ଉଲ୍ଲାସ ଦେଖିବାକୁ ମିଳିଥିଲା। ରଥଯାତ୍ରା ଅବସରରେ ପଣ୍ଡିତମାନଙ୍କ ଦ୍ୱାରା ଶାସ୍ତ୍ରୀୟ ବିଧି ଅନୁଯାୟୀ ରଥ ପ୍ରତିଷ୍ଠା କରାଯାଇଥିଲା। ପାଶ୍ୱର୍ ଦେବାଦେବୀଙ୍କ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହେବା ପରେ ପ୍ରଭୁ ବଳଭଦ୍ର, ମାତା ସୁଭଦ୍ରା ଏବଂ ଶେଷରେ ଜଗତର ନାଥ ମହାପ୍ରଭୁ ଜଗନ୍ନାଥ ଭକ୍ତଙ୍କ ଗହଣରେ ଲୀଳାଖେଳା କରି ରଥାରୂଢ଼ ହୋଇଥିଲେ। ଏହାପରେ ଜଗନ୍ନାଥ ସଂସ୍କୃତିର ପରମ୍ପରା ଅନୁସାରେ ବିଶିଷ୍ଟ ଜଗନ୍ନାଥ ପ୍ରେମୀ ଅଶ୍ୱିନୀ କୁମାର ଧଳଙ୍କ ଦ୍ୱାରା ରଥ ଉପରେ ପବିତ୍ର 'ଛେରା ପହଁରା' ନୀତି ସମ୍ପୂର୍ଣ୍ଣ କରାଯାଇଥିଲା। ନୀତିକାନ୍ତି ଶେଷ ହେବା ପରେ ହଜାର ହଜାର ଭକ୍ତଙ୍କ ଗହଳିରେ ରଥଟଣା ଆରମ୍ଭ ହୋଇଥିଲା। ଏହି ପବିତ୍ର ଉତ୍ସବକୁ ସଫଳ କରିବା ପାଇଁ "ଯକ୍ଷ ଶ୍ରୀକ୍ଷେତ୍ର ଯଖପୁରା ସ୍ୱେଚ୍ଛାସେବୀ ସଂଗଠନ' ପକ୍ଷରୁ ପ୍ରତ୍ୟକ୍ଷ ସେବା ଓ ସହଯୋଗ ଯୋଗାଇ ଦିଆଯାଇଥିଲା। ଏହା ସହିତ ଅଞ୍ଚଳର ଅନ୍ୟ ବହୁ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପ୍ରଖର ଖରାରେ ଆସିଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ପାନୀୟ ଜଳ, ଟଙ୍କ ତୋରାଣି ଏବଂ ଖେଚୁଡ଼ି ପ୍ରସାଦ ସେବାର ସୁବ୍ୟବସ୍ଥା କରାଯାଇଥିଲା। ଯଖପୁରା ସମେତ ଆଖପାଖ ଶିଳ୍ପାଞ୍ଚଳର ବିଭିନ୍ନ ଗ୍ରାମରୁ ପ୍ରାୟ ୧୦ ରୁ ୧୫ ହଜାର ଭକ୍ତ ମନ୍ଦିର ନିକଟରେ ଏକତ୍ରିତ ହୋଇ ରଥାରୂଢ଼ ତିନି ଦିଅଁଙ୍କ ଦର୍ଶନ ଲାଭ କରି ସୁଖ ସମୃଦ୍ଧି କାମନା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଆଧ୍ୟାତ୍ମିକ ମହାଯାତ୍ରା ଆଗାମୀ ନଅ ଦିନ ଧରି ଚାଲିବ ଏବଂ ଏଥିପାଇଁ ସମଗ୍ର କଳିଙ୍ଗନଗର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି।

**ସୁକିନ୍ଦା:** ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ସୁକିନ୍ଦାରେ ଆଜି ଚତୁର୍ଦ୍ଧା ମୂର୍ତ୍ତି ରଥାରୂଢ଼ ହୋଇଛନ୍ତି। ଏହା ଯାଜପୁର ଜିଲ୍ଲାରେ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ଏକମାତ୍ର ରଥଯାତ୍ରା। ରାଜ୍ୟ ତଥା ଜିଲ୍ଲାର ଅନ୍ୟ ସ୍ଥାନରେ ହେଉଥିବା ରଥଯାତ୍ରା ଠାରୁ ସୁକିନ୍ଦା ରଥଯାତ୍ରା ଭିନ୍ନ ଓ ନିଆରା। ୫ ଶହ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ପରମ୍ପରା ଅନୁଯାୟୀ ସୁକିନ୍ଦାରେ ଆଜି ଦିନରେ ଚାରି ଠାକୁରଙ୍କୁ ପହଣ୍ଡି କରି ରଥାରୂଢ଼ କରାଯାଇଥାଏ। ବିଧିବ୍ୟବସ୍ଥା ଓ ରୀତିନୀତି ଅନୁସାରେ ସମସ୍ତ ପୂଜାର୍ଚ୍ଚନା ପରେ ସୁକିନ୍ଦା ରାଜା ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ର ଛେରା ପହଁରା କରିଥାନ୍ତି। ପରେ ଉପସ୍ଥିତ ଶହଶହ ଭକ୍ତ ମାନେ ପରମ୍ପରା ଅନୁଯାୟୀ ରଥକୁ ଥରେ ବା ହାତେ ମାତ୍ର ଟାଣିଥାନ୍ତି। ବଡ଼ଦାଣ୍ଡରେ ରଥ ଉପରେ ଠାକୁର ରହନ୍ତି। ଭକ୍ତମାନେ ଠାକୁରଙ୍କୁ ରଥ ଉପରେ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ପରଦିନ ବାସି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଭକ୍ତମାନେ ରଥକୁ ଟାଣି ଗୁଣ୍ଡିଚା ମନ୍ଦିର ନିକଟକୁ ନେଇଥାନ୍ତି। ଦ୍ୱିତୀୟ ଦିନରେ ହଜାର ହଜାର ସଂଖ୍ୟାରେ ଜନସମାଗମ ହୋଇ ଥାଏ। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସୁକିନ୍ଦା ପୁଲିସ ପକ୍ଷରୁ ଆଇଆଇସି ରମାକାନ୍ତ ମୁଦୁଲିଙ୍କ ତତ୍ୱାବଧାନରେ ବ୍ୟାପକ ସୁରକ୍ଷା ଓ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ସେବାୟତମାନଙ୍କ ସହଯୋଗରେ ସମସ୍ତ ନୀତିକାନ୍ତି ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ରାଜସ୍ୱ ନିରୀକ୍ଷକ ସ୍ୱିଗ୍ଧାରାଣୀ ନନ୍ଦି, ସରୋଜ ମଲ୍ଲିକ, ପ୍ରମୁଖ ରଥଯାତ୍ରାକୁ ପରିଚାଳନା କରିଥିଲେ।

**ଧର୍ମଶାଳା:** ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରୁ ଆଜି ପ୍ରଭୁ ଜଗନ୍ନାଥ ବଡଭାଇ ବଳଭଦ୍ର , ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ସାଙ୍ଗରେ ଧରି ୯ଦିନ ପାଇଁ ମାଉସୀ ମା' ଘରକୁ ଯାତ୍ରା କରିଛନ୍ତି। ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରର ସେବାୟତମାନେ ଶ୍ରୀଜିଉଙ୍କ ପହଣ୍ଡି ବିଜେ ପରେ ନିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ରଥ ଟଣା ପୂର୍ବରୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଠାକୁର ରାଜା ଭାବେ ଛେରାପହଁରା କରିବା ପରେ ଅପରାହ୍ଣରେ ରଥଟଣା ଆରମ୍ଭ ହୋଇଥିଲା। ରଥ ୧୬ନଂ ଜାତୀୟ ରାଜପଥ ଦେଇ ଆସିବା ପରେ ଜାରକା ବଜାର, ବୁଦ୍ଧଛକ, ଶାନ୍ତିବଜାର,ଧର୍ମଶାଳା ବଜାର ଦେଇ ହାଟପଡିଆସ୍ଥିତ ମାଉସୀ ମା ମନ୍ଦିରରେ ପହଞ୍ଚିଥିଲା। ସେଠାରେ ନିତିକାନ୍ତି ଅନୁଯାୟୀ ପୂଜା କରାଯାଇ ଚତୁର୍ଦ୍ଧା ମୁର୍ତ୍ତିଙ୍କୁ ମାଉସୀମା ଘରେ ରଖାଯାଇଥିଲା। ଜଗନ୍ନାଥ ମନ୍ଦିର କମିଟିର କାର୍ଯ୍ୟକାରୀ ସଭାପତି କଳ୍ପତରୁ ସାହୁ, ସମ୍ପାଦକ ମନୋଜ ରଣା, ସହ ସମ୍ପାଦକ ଜ୍ଞାନେନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଅଭୟ କୁମାର ରାଉତ, ଅଖିଳ କୁମାର ସ୍ୱାଇଁ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କେଳୁଚରଣ ରାଉତ, ପ୍ରସନ୍ନ ବରାଳ,ସବ୍ୟସାଚୀ ବେହେରା ଏବଂ ମୁନସୀମିଳନ କମିଟି ସଂପାଦକ ପ୍ରମୋଦ କୁମାର ଦାସ, ଜଳଧର ମହାନ୍ତି, ବିପିନ ବିହାରୀ ନାୟକ, ପ୍ରଦୀପ୍ତ ଷେଣ୍ଡ, ସୂର୍ଯ୍ୟକନ୍ତ ରାଉତ, ଗଗନ ବରାଳ, ବିଚିତ୍ର ସ୍ୱାଇଁ, ଆଲୋକ ଲେଙ୍କା, ଶରତ ଓଝା, କୋଷାଧ୍ୟକ୍ଷ ମନୋଜ ରାଉଳ, ପ୍ରବୋଧ ପାତ୍ର, ଅମୀୟ ମହାନ୍ତି, ରମେଶ ମହାନ୍ତି, ପ୍ରଫୁଲ୍ଲ ରାଉତ, ନୃସିଂହ ଚରଣ ମହାନ୍ତି, ଅଶୋକ ସାହୁ, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ କମିଟି ସଭ୍ୟମାନେ ରଥ ଟଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**କୁଆଖିଆ:** ରସୁଲପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଆଜି ଆନନ୍ଦ ଉଲ୍ଲାସର ସହିତ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ପାଳିତ ହୋଇଛି। ହରିପୁର, ଗୋବିନ୍ଦପୁର, ଚଣ୍ଡିପୁର, ଜଗନ୍ନାଥପୁର, ଇଛାପୁର, ପ୍ରଥମାଖଣ୍ଡ ସହିତ ବହୁ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ହରିପୁର ଜଗନ୍ନାଥ ମଠରେ ଆଜି ସକାଳୁ ପାରମ୍ପରିକ ପୁଜାର୍ଚ୍ଚନା ଓ ଦିବସ ନୀତି ପରେ ମଇଲମ କରାଯାଇ ସେନାପଟା ନୀତି ହୋଇ ଦିଅଁ ମାନଙ୍କୁ ରଥଯାତ୍ରା ପାଇଁ ପ୍ରସ୍ତୁତ କରାଯାଇଥିଲା। ଅପରାହ୍ନ ୩ଟା ପରେ ଧାଡି ପହଣ୍ଡି ଆରମ୍ଭ ହୋଇଥିଲା। ରଥ ପର୍ଯ୍ୟନ୍ତ ଆସିବା ବାଟରେ ଛେକ ଭୋଗ ଲାଗି ହୋଇଥିଲା। ଦିଅଁ ମାନେ ରଥାରୁଢ ହେବା ପରେ ଛେରା ପହଁରା ହୋଇଥିଲା। ପରେ ଚାରମାଳ ଫିଟାଯାଇଥିଲା ଓ ରଥରେ ଘୋଡା ଲାଗି ହୋଇଥିଲା। ଅପରାହ୍ନ ପ୍ରାୟ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ବଡଠାକୁର ବଳଭଦ୍ରଙ୍କ ରଥ ଗଡିଥିଲା। ସୁଭଦ୍ରାଙ୍କ ରଥକୁ ପାରମ୍ପରିକ ଭାବରେ ମହିଳାମାନେ ଟାଣିଥିଲେ। ସନ୍ଧ୍ୟା ୬ଟାରେ ତିନିରଥ ଗୋବିନ୍ଦପୁର ଠାରେ ଥିବା ମାଉସୀ ଘର ନିକଟରେ ପହଁଚିଥିଲେ। ଝିପିଝିପି ବର୍ଷା ସ୍ୱେ ରଥ ଟାଣିବା ପାଇଁ ଓ ଦେଖିବା ପାଇଁ ଶ୍ରଦ୍ଧାଳୁ ମାନଙ୍କର ପ୍ରବଳ ଭିଡ ହୋଇଥିଲା। ସେହିପରି ଚଣ୍ଡିପୁର ରଥ କୁଆଖିଆ ବଜାର ସ୍ଥିତ ମାଉସୀ ଘର ପର୍ଯ୍ୟନ୍ତ ଟଣାହୋଇ ଆସିଥିଲା। ସମସ୍ତ ମନ୍ଦିର ରେ ପ୍ରାୟତଃ ଅପରାହ୍ନରେ ରଥଟଣା ହୋଇଥିଲା।

## ଗଡ଼ମଧୁପୁରରେ ନିଆରା ପରମ୍ପରା; ରାଣୀ କରନ୍ତି ଛେରାପହଁରା



**ଯାଜପୁର,୧୬।୭ (ସମିସ)** ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାରେ ନିଆରା ପରମ୍ପରା ଦେଖିବାକୁ ମିଳେ ବହୁ ପୁରାତନ ରଥଯାତ୍ରା ଗଡ଼ମଧୁପୁର ଠାରେ। ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡ଼ମଧୁପୁର ଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରାରେ ଏହି ନିଆରା ପରମ୍ପରା ଦେଖିବାକୁ ମିଳେ। ଯାହା ଓଡ଼ିଶାର ଅନ୍ୟ କୌଣସି ସ୍ଥାନରେ ଦୃଶ୍ୟମାନ ହୁଏ ନାହିଁ। ଯାଜପୁର ଜିଲ୍ଲା ତଥା ଓଡ଼ିଶାର ସର୍ବପୁରାତନ ଏବଂ କିମ୍ବଦନ୍ତୀ ରହିଥିବା ଏହି ଜଗନ୍ନାଥ ମନ୍ଦିରରେ ଚଳିତ ବର୍ଷ ବହୁ ଆଡମ୍ବର ଦେଖିବାକୁ ମିଳିଥିଲା। କିମ୍ବଦନ୍ତୀ ଅନୁସାରେ ୧୮୦୮ ରୁ ୧୮୪୭ ମଧ୍ୟରେ ତତ୍କାଳୀନ ରାଜା ସୁଦର୍ଶନ ଚନ୍ଦ୍ର ଧୀର ନରେନ୍ଦ୍ର ଏହି ମନ୍ଦିର ନିର୍ମାଣ କରିଥିଲେ। ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରାରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଏବଂ ଶ୍ରଦ୍ଧାଳୁ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ଶ୍ରୀ ମନ୍ଦିରର ସମସ୍ତ ରୀତିନୀତି ଅନୁଯାୟୀ ଉକ୍ତ ମନ୍ଦିରର ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଏ। ପ୍ରାୟ ୨୧୬ ବର୍ଷ ଧରି ଏହି ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଗୁଣ୍ଡିଚା ଯାତ୍ରାରେ ରୀତି ନୀତି ଅନୁସାରେ ପ୍ରଥମେ ବଡ଼ ଠାକୁର ବଳଭଦ୍ର ପରେ ବଡ଼ ଠାକୁରାଣୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ରଥାରୂଢ଼ କରାଯାଇଥିଲା। ଗଡ଼ମଧୁପୁର ରାଣୀ ଅପର୍ଣ୍ଣା ଧୀର ସିଂ ଭରଦ୍ୱାଜ ଛେରା ପହଁରା ନୀତି ସମ୍ପନ୍ନ କରିଥିଲେ। ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ଧ୍ୱନୀରେ ସମଗ୍ର ଅଞ୍ଚଳରେ ଏକ ଭକ୍ତି ମୟ ପରିବେଶ ରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ଏହା ପରେ ଭକ୍ତ ମାନଙ୍କୁ ଦର୍ଶନ ଦେଇ ବଡ଼ ଦାଣ୍ଡରେ ରଥ ରେ ବସି ମହାପ୍ରଭୁ ଭାଇ ଭଉଣୀଙ୍କୁ ନେଇ ମାଉସୀ ଘରକୁ ଯାଇଥିଲେ। ମନ୍ଦିର ଠାରୁ ମାତ୍ର ଅଳ୍ପ ଦୂରରେ ରାଜପ୍ରାସାଦ ମଧ୍ୟରେ ମହାପ୍ରଭୁଙ୍କ ମାଉସୀ ମା ରହିଛି। ମହାପ୍ରଭୁ ସେଠାରେ ୯ ଦିନ ରହି ପୁଣି ଦେଉଳକୁ ବାହୁଡିବେ। ଗଡ଼ମଧୁପୁର ଗ୍ରାମବାସୀ ଏବଂ ରାଣୀ ଅପର୍ଣ୍ଣା ଧୀର ସିଂ ଭରଦ୍ୱାଜଙ୍କ ସହଯୋଗରେ ଏହି ଘୋଷଯାତ୍ରା ମହା ଆଡମ୍ବରରେ ଅନୁଷ୍ଠିତ ହେଉଛି। ରାଣୀ ଅପର୍ଣ୍ଣା ଧୀର ସିଂ ଭରଦ୍ୱାଜ ୨୦୦୭ ମସିହା ଠାରୁ ବିଧିବଦ୍ଧ ଭାବେ ଛେରା ପହଁରା ନୀତି ସମ୍ପନ୍ନ କରି ଆସୁଛନ୍ତି। ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ବହୁ ଭକ୍ତ ଏବଂ ଶ୍ରଦ୍ଧାଳୁ ଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କୁ ରଥରେ ଦର୍ଶନ କରି ହଜାର ହଜାର ଭକ୍ତ ଆଶିଷ ଲାଭ କରିଥିଲେ। ଆସନ୍ତା ବାହୁଡ଼ା ଯାତ୍ରାରେ ଆହୁରି ଅଧିକ ଭକ୍ତଙ୍କର ସମାଗମ ହେବ ବୋଲି ଅନୁମାନ କରାଯାଉଛି। ଚଳିତ ବର୍ଷ ଶାନ୍ତି ଶୃଙ୍ଖଳାର ସହିତ ଏହି ଯାତ୍ରା ସମ୍ପନ୍ନ ହୋଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏହି ଯାତ୍ରାରେ ଯୋଗ ଦେଇ ମହାପ୍ରଭୁଙ୍କ ଆଶିଷ ଲାଭ କରିବା ସହିତ ଅଞ୍ଚଳବାସୀ ସୁଖ, ଶାନ୍ତି କାମନା କରି ଥିଲେ।

### ସୁକିନ୍ଦା କ୍ରୋମାଇଟ ଖଣି ଅଞ୍ଚଳରେ ବିଷାକ୍ତ ହେଉଛି ଜଳଉତ୍ସ

## ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ଏନ୍‌ଜିଟିଙ୍କ କଡ଼ା ନିର୍ଦ୍ଦେଶ



**ଯାଜପୁର,୧୬।୭ (ସମିସ):** ଯାଜପୁର ଜିଲ୍ଲାର ସୁକିନ୍ଦା ଅଞ୍ଚଳ କ୍ରୋମ ଉପତ୍ୟକା ଭାବେ ପରିଚିତ। ଏଠାରେ ଥିବା ୧୦ରୁ ଉର୍ଦ୍ଧ୍ୱ କ୍ରୋମାଇଟ ଖଣି ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସମସ୍ୟା ଦେଖିବାକୁ ମିଳୁଛି। ବିଶେଷ କରି ପ୍ରଦୂଷଣ ଜନିତ ସମସ୍ୟାରେ ସ୍ଥାନୀୟ ଅଞ୍ଚଳବାସୀ ପ୍ରଭାବିତ ହୋଇ ବିଭିନ୍ନ ଦୂରାରୋଗରେ ପୀଡ଼ିତ ହେଉଛନ୍ତି। ଏହି ଖଣିରୁ ନିର୍ଗତ ହେଉଥିବା ବିଷାକ୍ତ ପଦାର୍ଥ ବିଭିନ୍ନ ଜଳସ୍ରୋତରେ ମିଶିବା ଫଳରେ ଅଞ୍ଚଳବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏଥିସହିତ ଭୂତଳ ଜଳ ହ୍ରାସ ପାଉଛି। ଦୂଷିତ ପାନୀୟ ଜଳ ବ୍ୟବହାର କରିବାକୁ ବାଧ ହେଉଥିବା ସ୍ଥାନୀୟ ସୁକିନ୍ଦା ଓ କଳିଙ୍ଗନଗର ବାସୀ ବିଭିନ୍ନ ଚର୍ମ ରୋଗ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ରୋଗରେ ପୀଡ଼ିତ ହେଉଥିବା ଦେଖାଯାଉଛି। ଏ ସବୁ ସମସ୍ୟା ଦେଖି ଯାଜପୁର ଝାଲପଡା ଅଞ୍ଚଳର ସାମାଜିକ କର୍ମୀ ମଣ୍ଟୁ ଦାସ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇ ମୃତକଙ୍କ ପରିବାକୁ କ୍ଷତିପୂରଣ ସହିତ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ତୁରନ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ଦାବି କରିଥିଲେ। ଏନ୍‌ଜିଟି ଶ୍ରୀ ଦାସଙ୍କ ଏହି ଆବେଦନକୁ ଗ୍ରହଣ କରି ତୁରନ୍ତ ପ୍ରଦୂଷଣକୁ ରୋକିବା ସହିତ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀ ଶ୍ରୀ ଦାସ ପାନୀୟ ଜଳରେ ଆଇରନ, କ୍ରୋମାଇଟ୍ ଏବଂ କଲିଫର୍ମ ବ୍ୟାକ୍ଟେରିଆ ଅଧିକ ରହିଥିବା ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପରେ ସୁକିନ୍ଦା, କାଳିଆପାଣି ଏବଂ କଳିଙ୍ଗନଗର ଅଞ୍ଚଳ ଦେଇ ପ୍ରବାହିତ ଗଣ୍ଡାନାଳ ଏବଂ ଅନ୍ୟାନ୍ୟ ଜଳରୁ ସଂଗୃହୀତ ୨୩୩ଟି ଜଳ ନମୂନା ମଧ୍ୟରୁ ୩୯ଟି ନମୂନାରେ ବିପଜ୍ଜନକ ହେକ୍ସାଭାଲେଣ୍ଟ କ୍ରୋମିୟମ ଅଧିକ ମାତ୍ରାରେ ରହିଥିବା ଜଣାପଡ଼ିଥିଲା। ଅଭିଯୋଗର ସତ୍ୟତା ଜଣାପଡିବା ପରେ ଘଟଣାର ସରଜମିନ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ମିଳିତ କମିଟି ଗଠନ କରିଥିଲେ। ପ୍ରଦୂଷିତ ଚିହ୍ନଟ ହୋଇଥିବା ୭ଟି ଗ୍ରାମର ୨୨ଟି ନଳକୂପକୁ ସମ୍ପୂର୍ଣ୍ଣ ରୂପେ ସିଲ୍ କରାଯାଇଛି। ଏଥିସହିତ ସ୍ଥାନୀୟ ଲୋକଙ୍କ ପାଇଁ ସୁରକ୍ଷିତ ପାନୀୟ ଜଳ ପାଇଁ ନିୟମିତ ବ୍ୟବଧାନରେ ଜଳ ନମୁନା ପରୀକ୍ଷା କରାଯିବା ସହିତ ସକ୍ରିୟ ବର୍ଜ୍ୟବସ୍ତୁ ବିଶୋଧନ ପ୍ଲାଣ୍ଟ (ଇଟିପି) କୁ କାର୍ଯ୍ୟକାରୀ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପ୍ରଭାବିତ ଗ୍ରାମଗୁଡ଼ିକରେ ଆର୍ସେନିକ ମୁକ୍ତ କରିବା ପାଇଁ ସ୍ୱତନ୍ତ୍ର ପ୍ଲାଣ୍ଟ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ଜିଟିଙ୍କ ଏଭଳି ରାୟ ଆସିବା ପରେ ସ୍ଥାନୀୟ ଅଞ୍ଚଳର କଳକାରଖାନା ଓ ଖଣି କର୍ତ୍ତୃପକ୍ଷଙ୍କ ଉପରେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଉଭୟ କଳକାରଖାନା ଓ ଖଣିରୁ ନିର୍ଗତ ବର୍ଜ୍ୟବସ୍ତୁ ଗୁଡିକୁ ଗଣ୍ଡାନାଳରେ ଛାଡ଼ିଦେବା ଦ୍ୱାରା ଏହି ସମସ୍ୟା ଅଧିକ ଗୁରୁତର ହୋଇଥିବା ଚର୍ଚ୍ଚା ହେଉଛି।

**ନଦୀକୂଳିଆ ବାସିନ୍ଦା ଆତଙ୍କିତ**

# ସାନ ବନସ୍ଥାଠାରେ ଧସିଲା ୬୦ ମିଟର ବୈତରଣୀ ନଦୀବନ୍ଧ

**ବାରିକପୁର,୧୬।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ତେସିଙ୍ଗା ପଞ୍ଚାୟତ ସାନ ବନସ୍ଥାଠାରେ ପାଖାପାଖି ୬୦ ମିଟର ବୈତରଣୀ ନଦୀ ବନ୍ଧର ପଥର ପ୍ୟାକିଙ୍ଗ୍ ଧସିଯାଇଛି। ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ନଦୀବନ୍ଧ ତଥା ସ୍ଥାନୀୟ ବାସିନ୍ଦାଙ୍କ ସୁରକ୍ଷା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟବରାଦ ହୋଇ ଗାଁର ଅଧିକାରୀ ଗୋଡ଼ା ନିକଟରେ ପଥର ପ୍ୟାକିଙ୍ଗ୍ ହୋଇଥିବାବେଳେ ସେଗୁଡ଼ିକ ଏବେ ନଷ୍ଟ ହୋଇଛି। ମଧ୍ୟମ ଧରଣର ବର୍ଷା ଯୋଗୁଁ ପଥର ପ୍ୟାକିଙ୍ଗ୍ ଧସି ଯାଇଥିବା ବିଭାଗ ପକ୍ଷରୁ କୁହାଯାଇଥିବା ବେଳେ କାମର ମାନକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି।



ସୂଚନା ମୁତାବକ, ଉକ୍ତ ପଥର ପ୍ୟାକିଙ୍ଗ୍ କାର୍ଯ୍ୟକୁ ୬ ମାସ ପୂରି ନ ଥିବାବେଳେ ଏହାର ଅର୍ଦ୍ଧାଧିକ ଭାଗ ଏବେ ବୈତରଣୀ ଶାଖା ନଦୀକୁ ଚାଲିଯାଇଛି। ପୂର୍ବ ଲଘୁଚାପ ବର୍ଷା ଯୋଗୁଁ କିଛି ମାତ୍ରାରେ ନଦୀବନ୍ଧ ଧସିଯାଇଥିଲା। ଏନେଇ ଜନସାଧାରଣ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ତତ୍‌କ୍ଷଣାତ୍ କିଛି ମରାମତି ହୋଇ ନ ଥିଲା। ଏହା ପରେ ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ପୁଣି ଏବେ ବର୍ଷା ଆରମ୍ଭ ହୋଇଥିବାବେଳେ ଅତି ଭୟଙ୍କର ଭାବେ ପଥର ଖସିଯାଇଛି। ନଦୀ ବନ୍ଧର ପୁରୁଣା ମାଟି ସହିତ ପଥର ପ୍ୟାକିଙ୍ଗ୍ ସମ୍ପୂର୍ଣ୍ଣ ଭାବେ ନାଳ ମଧ୍ୟକୁ ଚାଲିଯାଇଛି। ଏପରିକି ଗମନାଗମନ ପଥ ମଧ୍ୟ ପ୍ରଭାବିତ ହୋଇଛି। ବିଭାଗୀୟ ଯନ୍ତ୍ରୀଙ୍କ ଉଚିତ୍ ତଦାରଖ ବିନା ତ୍ରୁଟିପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଯୋଗୁଁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ତତ୍କାଳୀନ ଅଧିକାରୀ କାମଟିକୁ ସଠିକ୍ ଯାନ୍ତ୍ରିକ ଜ୍ଞାନ କୌଶଳ ବିନା ଠିକ୍ ଢଙ୍ଗରେ ପରିଚାଳନା କରି ନ ଥିଲେ। ଯେଉଁ କାରଣରୁ ଠିକା ସଂସ୍ଥା ମନମୁଖୀ ଭାବେ କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରିଥିଲା। ଲୋକେ ସେତେବେଳେ ଆପତ୍ତି ଅଭିଯୋଗ କରିଥିଲେ ମଧ୍ୟ କେହି କିଛି ଶୁଣି ନ ଥିଲେ। ବର୍ଷେ କି ଦୁଇବର୍ଷ ନୁହେଁ କାମ ସରିବାର ମାତ୍ର ୧୮୦ ଦିନ ମଧ୍ୟରେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଏବେ ଗାଁକୁ ସତେଯେମିତି ବିପଦ ମାଡ଼ି ଆସୁଛି। ନଦୀରେ ପାଣି ବଢୁଥିବାବେଳେ ବନ୍ଧ ଧସୁଥିବା ନେଇ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଅଦ୍ୟାବଧି ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା କନିଷ୍ଠ ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀ ଖସିଥିବା ସ୍ଥାନ ପରିଦର୍ଶନ କରିନାହାନ୍ତି। ତେଣୁ କେଉଁଭଳି ଜନସାଧାରଣଙ୍କ ସୁରକ୍ଷା ପାଇଁ କ'ଣ ବ୍ୟବସ୍ଥା କରାଯିବ ତାହା ସ୍ପଷ୍ଟ ହୋଇନାହିଁ। ଏନେଇ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜୀବ କୁମାର ସାମଲଙ୍କ ମତାମତ ନେବାରୁ ଘଟଣାକୁ ସେ ଗୁରୁତ୍ୱର ସହ ନେଇଛନ୍ତି। ଯଥାଶୀଘ୍ର ଉକ୍ତ ସ୍ଥାନରେ ବାଲିବସ୍ତା ପକାଇ ଅସ୍ଥାୟୀ ମରାମତି କରାଯିବ ବୋଲି କହିଛନ୍ତି।

### ଆନିକଟରେ ବଢୁଛି ବୈତରଣୀ ଜଳସ୍ତର



**ବାରିକପୁର,୧୬।୭ (ସମିସ):** ଲଗାଣ ବର୍ଷା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ଆନିକଟଠାରେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଉଛି। ଯଦିଓ ସେଭଳି ବଡ଼ ଧରଣର ବନ୍ୟା ଆଶଙ୍କା ନାହିଁ, ତଥାପି ଜଳସ୍ତର ବୃଦ୍ଧି ପାଉଥିବା ଯୋଗୁଁ ବିଭାଗ ଏହା ଉପରେ ନଜର ରଖିଛି। ଗୁରୁବାର ସନ୍ଧ୍ୟା ୭ଟା ସୁଦ୍ଧା ଆନିକଟଠାରେ ୧୭.୫୬ ମିଟର ଉପରେ ଜଳ ପ୍ରବାହିତ ହେଉଛି। ଏଠାରେ ବିପଦ ସତର୍କ ସୂଚନା ୧୭.୮୩ ମିଟର ରହିଥିବାବେଳେ ବିପଦ ସଙ୍କେତ ରହିଛି ୧୮.୩୩ ମିଟର। ପାଖାପାଖି ୧୮.୨୦ ମିଟର ଯାଏଁ ଜଳସ୍ତର ବୃଦ୍ଧିପାଇବ ବୋଲି ବିଭାଗୀୟ ଅଧିକାରୀ ଅନୁମାନ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ନଦୀର ଉପରମୁଣ୍ଡ ଆନନ୍ଦପୁରଠାରେ ସର୍ବାଧିକ ୯୩.୮ ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଚମ୍ପୁଆଠାରେ ୩୬.୮, ସ୍ୱାମପାଟଣାଠାରେ ୭୨.୨ ଓ କେନ୍ଦୁଝରଠାରେ ୨୯.୮ ମିମି ବର୍ଷା ହୋଇଛି। ଶୁକ୍ରବାର ଅପରାହ୍ଣ ସୁଦ୍ଧା ବନ୍ୟା ଆଶଙ୍କା ନାହିଁ ବୋଲି ସୂଚନା ମିଳିଛି।

### ଜଳ ନିଷ୍କାସନର ନାହିଁ ସୁବନ୍ଦୋବସ୍ତ

# ପାଣି ଘେରରେ ତିନି ସାହିବାସୀ

**ବନ୍ତ/ଆଗରପଡ଼ା,୧୬।୭ (ସମିସ):** ଜଳ ନିଷ୍କାସନର ସୁବନ୍ଦୋବସ୍ତ ହୋଇପାରୁ ନ ଥିବାରୁ ଅସରାଏ ବର୍ଷା ହେଲେ ଗ୍ରାମବାସୀ ଜଳବନ୍ଦୀରେ ରହିଯିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପୂରା ଠପ୍ ହୋଇଯାଉଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ଅନ୍ତର୍ଗତ ବିସଲକଣା ଗ୍ରାମର ୩ ଓ ୪ନଂ ୱାର୍ଡର ଖିଲାର ସାହି, ନାୟକ ସାହି ଓ ଆଦିବାସୀ ସାହିଠାରେ। ଆଗରପଡ଼ା-ଭଦ୍ରକ ମୁଖ୍ୟ ରାସ୍ତାର ବିସଲକଣା ଛକଠାରୁ ଏକ ରାସ୍ତା ଉକ୍ତ ସାହିକୁ ସଂଯୋଗ କରୁଛି। ଏପରିସ୍ଥଳେ ଉକ୍ତ ଗ୍ରାମରେ ଜଳ ନିଷ୍କାସନର କୌଣସି ସୁବନ୍ଦୋବସ୍ତ କରାଯାଉ ନ ଥିବାରୁ ସାହିବାସୀ ବର୍ତ୍ତମାନ ଜଳବନ୍ଦୀ ହୋଇଯାଉଛନ୍ତି। ବଜାରକୁ ଆସିବା ପୂରା ବନ୍ଦ ହୋଇଯିବା ସହ ଉକ୍ତ ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ପୂରା ଅଚଳ ହୋଇପଡୁଛି। ପିଲାମାନେ କଲେଜ ଓ ସ୍କୁଲକୁ ମଧ୍ୟ ଶିକ୍ଷା ଲାଭ ପାଇଁ ଆସିପାରୁନାହାନ୍ତି ଏବଂ ଅନ୍ୟ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡୁଛି। ବର୍ଷା ଜଳ ଏହିପରି ନାନାଦି ସମସ୍ୟା ସାହିବାସୀଙ୍କ ପାଇଁ ସୃଷ୍ଟି କରୁଥିବାରୁ ବର୍ଷା ଆସିଲେ ସାହିବାସୀଙ୍କ ଆଖିରେ ଲୁହ ଆସିଯାଉଛି। ବିଡ଼ମ୍ବନାର ବିଷୟ ଉକ୍ତ ସମସ୍ୟାକୁ ନେଇ ପ୍ରତିବର୍ଷ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରୁ ନ ଥିବା ଅଭିଯୋଗ ହେଉଛି। ବିଭିନ୍ନ ସମୟରେ ଗଣମାଧ୍ୟମରେ ଉକ୍ତ ଖବର ମଧ୍ୟ ପ୍ରକାଶ ପାଇଆସୁଛି। କିନ୍ତୁ ବିଭାଗ ଏଥିପ୍ରତି କୋ÷ଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଗତ କିଛିଦିନ ଧରି ହେଉଥିବା ଲଗାଣ ବର୍ଷାରେ ଗ୍ରାମବାସୀମାନେ ନାନାଦି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ମଧ୍ୟ ଉକ୍ତ ସାହିର ଚାରିପାଖରେ ବର୍ଷାଜଳ ଘେରି ରହିଛି। ତେଣୁ ଏହା ଜମି ରହିବା ଦ୍ୱାରା ଡେଙ୍ଗୁକୁ ମଧ୍ୟ ଆମନ୍ତ୍ରଣ କରୁଛି। ତେଣୁ କିଛି ବଡ଼ ଅଘଟଣ ଘଟିବା ଆଗରୁ ଉକ୍ତ ଗାଁରେ ଜମି ରହୁଥିବା ବର୍ଷା ଜଳର ନିଷ୍କାସନ ପାଇଁ ବ୍ଲକ୍ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ସାହିବାସୀ ଦାବି କରିଛନ୍ତି। ସେହିପରି ଜଳ ନିଷ୍କାସନର ସୁବନ୍ଦୋବସ୍ତ ହୋଇପାରୁ ନ ଥିବାରୁ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବାଙ୍କତିରା ଗ୍ରାମର ୨ନଂ ୱାର୍ଡର ଦାସ ସାହି ଓ ନାୟକ ସାହିର ୫୦ ପରିବାରର ପାଖାପାଖି ୧୫୦ ଲୋକ ବର୍ତ୍ତମାନ ପାଣି ଘେରରେ। ତେଣୁ ଉକ୍ତ ସାହିବାସୀ ମଧ୍ୟ ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେବାକୁ ପ୍ରଶାସନ ପାଖରେ ଦାବି କରିଛନ୍ତି।





## ଦବିଗଲା ବିଷ୍ଣୁପୁର ସେତୁର ଆପ୍ରୋଚ୍ ରୋଡ୍

**ଭଦ୍ରକ,୧୬।୭ (ସମିସ):** ଭଦ୍ରକର ଜାତୀୟ ରାଜପଥ-୧୬ର ବିଷ୍ଣୁପୁର ସେତୁର ଆପ୍ରୋଚ୍ ରୋଡ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ମାତ୍ର ୬ ମାସ ମଧ୍ୟରେ ଧସିଯାଇଛି। ଏହି ରାସ୍ତା ଦେଇ ହଜାର ହଜାର ବସ୍, ଟ୍ରକ୍ ଏବଂ ଅନ୍ୟାନ୍ୟ ଭାରୀ ଯାନବାହନ ଚଳପ୍ରଚଳ କରୁଥିବାରୁ ଧନଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ସୂଚନା ପାଇ ଜାତୀୟ ରାଜପଥ କର୍ତ୍ତୃପକ୍ଷର ଏକ ଟିମ୍ ଦବିଯାଇଥିବା ସ୍ଥାନ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି। ବର୍ତ୍ତମାନ ଯାତାୟାତକୁ ଏକ ବିକଳ୍ପ ବାଇପାସ୍ ରାସ୍ତା ଦେଇ ଚଳାଚଳ କରାଯାଉଛି। ବର୍ଷା ଓ ସଙ୍କୀର୍ଣ୍ଣ ରାସ୍ତା ଯୋଗୁଁ ଟ୍ରାଫିକ୍ ଜାମ୍, ଯାତାୟାତରେ ବିଳମ୍ବ ଏବଂ ସାଧାରଣ ଲୋକଙ୍କୁ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ତଥା ଭଦ୍ରକ ବ୍ଲକ୍ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ କହିଛନ୍ତି, ଏହି ଘଟଣାକୁ ଦୃଷ୍ଟିରେ ରଖି ସେତୁ, ଆପ୍ରୋଚ୍ ରୋଡ୍‌ର ନିର୍ମାଣ କାର୍ଯ୍ୟର ଏକ ସ୍ୱାଧୀନ ଓ ବୈଷୟିକ ତଦନ୍ତ କରାଯିବା, ନିମ୍ନମାନର କାର୍ଯ୍ୟ ପାଇଁ ଦାୟୀ ସଂସ୍ଥା ଓ ଠିକାଦାରଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବା ଏବଂ ଯୁଦ୍ଧକାଳୀନ ଭିତିରେ ମରାମତି କାର୍ଯ୍ୟ ସମ୍ପନ୍ନ କରି ସାଧାରଣ ଜନତାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ସୁଗମ ଯାତାୟାତ ବ୍ୟବସ୍ଥା ପୁନଃସ୍ଥାପନ କରିବା ଅତ୍ୟନ୍ତ ଜରୁରୀ ବୋଲି ଦାବି କରିଛନ୍ତି। ଦବିଯିବା ଘଟଣା ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ନେଇ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି। ଏହି ପ୍ରକଳ୍ପରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିବା ସତ୍ତ୍ୱେ ସେତୁ ଓ ଏହାର ଆପ୍ରୋଚ୍ ରୋଡ୍‌ର ନିର୍ମାଣ ନିମ୍ନମାନର ହୋଇଥିବା ପରି ମନେହେଉଛି।



# ବର୍ଷା ଦିନେ ବଢୁଛି ଭଗାରାମବାସୀଙ୍କ ଦୁଃଖ

**ବନ୍ତ/ଆଗରପଡ଼ା,୧୬।୭ (ସମିସ):** ବର୍ଷା ଆସିଲେ ଗ୍ରାମବାସୀଙ୍କ ଦୁଃଖ ବଢ଼ିଯାଏ। ବର୍ଷା ପାଣି ଚାଷ, ଶିକ୍ଷା ଓ ଗମନାଗମନ ଆଦି ବିଭିନ୍ନ କ୍ଷେତ୍ରରେ ବାଧକ ସାଜିଥାଏ। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ କାଦବରାଙ୍ଗ ପଞ୍ଚାୟତ ୩ନଂ ୱାର୍ଡ ଅନ୍ତର୍ଗତ ଭଗାରାମ ଗ୍ରାମରେ। ସୂଚନା ଅନୁଯାୟୀ, ବାରିକସାହି, ବଡ଼ସାହି, ଜେନାସାହି, ଦାସ ସାହି, ଗୁଡୁଡ଼ି ସାହି, ବଡ଼ପୋଖରୀ ଓ ମହୁରୀ ସାହିକୁ ନେଇ ଭଗାରାମ ଗ୍ରାମ ଗଠିତ। ଯାହାର ଲୋକ ସଂଖ୍ୟା ପାଖାପାଖି ୧୦୦୦ ହୋଇଥିବାବେଳେ ଭୋଟର ସଂଖ୍ୟା ପାଖାପାଖି ୭୦୦। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଉକ୍ତ ଗ୍ରାମରେ ଜଳ ନିଷ୍କାସନର ସୁବନ୍ଦୋବସ୍ତ ନ ଥିବାରୁ ବର୍ଷାଋତୁ ଆସିଲେ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଯାଇଥାଏ।

ଅଭିଯୋଗ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କାଦବରାଙ୍ଗ-ଆଡ଼ିଆ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ବାଙ୍କତିରାଠାରୁ ଆସ୍ତିରାଷଢ଼ଙ୍ଗୀ ପର୍ଯ୍ୟନ୍ତ ସାଢ଼େ ୩ କିଲୋମିଟରର ରାସ୍ତା ନିର୍ମାଣ ପାଇଁ ୧୬୮.୬୪ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଗତ ୧.୮.୨୦୧୩ରେ ନିର୍ମାଣ ଆରମ୍ଭ ହୋଇ ୧୮.୪.୨୦୧୪ରେ ଶେଷ ହେବ ବୋଲି ନିର୍ଦ୍ଦେଶ ଥିବାବେଳେ ଅବଧି ଶେଷ ହେବାର ୩ ବର୍ଷ ପରେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା।



କାର୍ଯ୍ୟ ସରୁସରୁ କଂକ୍ରିଟ ହୋଇଥିବା ୭୦୦ ମିଟର ରାସ୍ତା ଫାଟିଯିବା ସହିତ ପ୍ରାୟ ୨କି.ମି ହୋଇଥିବା ପିଚୁରାସ୍ତା ପାର୍ଶ୍ୱଗୁଡ଼ିକ ଦବି ଯାଇଥିଲା। ସେହିପରି ଉକ୍ତ ରାସ୍ତାଟିର ରକ୍ଷଣାବେକ୍ଷଣ ଦାୟିତ୍ୱ ୨୦୧୮ ଫେବୃଆରୀ ୨୮ ତାରିଖଠାରୁ ଆରମ୍ଭ ହୋଇ ୨୦୨୩ ଫେବୃଆରୀ ୨୭ରେ ଶେଷ ହେବାର ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏହି ୫ବର୍ଷ ମଧ୍ୟରେ ଯାହା ସବୁ ଦାୟିତ୍ୱ ନିର୍ବାହ କରିବାର ଥିଲା କାର୍ଯ୍ୟନିର୍ବାହ କରିଥିବା ଠିକାଦାର କରି ନ ଥିବା ପରିଲକ୍ଷିତ ହୋଇଥିଲା। ରାସ୍ତା ନିର୍ମାଣ ସମୟରେ ଜଳନିଷ୍କାସନ ପାଇଁ କୌଣସି ସୁବନ୍ଦୋବସ୍ତ କରାଯାଇ ନ ଥିବାରୁ ଏହି ଗ୍ରାମ ଦେଇ ମୁଣ୍ଡଲୀ, ରଇଁତରା ଓ ନୂଆପୋଖରୀ ଗ୍ରାମର ଜଳ ପ୍ରଭାବିତ ହେଉଥିଲେ ସୁଦ୍ଧା ଏହା ନିଷ୍କାସନ ହୋଇ ନ ପାରି ଜମି ରହିଆସୁଛି ଏବଂ ପୂର୍ବରୁ ନିର୍ମିତ କେନାଲ ମୁଣ୍ଡଲୀ ମାଇନରରୁ ବାଙ୍କତିରା ମାଇନରକୁ ସଂଯୋଗ କରୁଥିଲେ ସୁଦ୍ଧା ଜଗନ୍ନାଥପୁର ଗ୍ରାମଠାରେ ଥିବା କାଡ଼ା ନାଳକୁ ବନ୍ଦ କରି ଦିଆଯାଇଥିବାରୁ ବର୍ଷା ହେଲେ ଏହି ଜଳ ନିଷ୍କାସନ ହୋଇ ନ ପାରି ଭଗାରାମ ଗ୍ରାମର ବାରିକସାହିର ୧୦/୧୨ ପରିବାର ପାଣି ଘେରରେ ରହିଆସୁଛନ୍ତି।

ସେହିପରି ଜଳନିଷ୍କାସନ ହୋଇପାରୁ ନ ଥିବାରୁ ପାଖାପାଖି ୫୦ଏକର ଚାଷ ଉପଯୋଗୀ ଜମିରେ ଚାଷ କାର୍ଯ୍ୟ ହୋଇପାରୁ ନ ଥିବା ଜଣାପଡ଼ିଛି। ୨୦୨୩ରେ କାଡ଼ା ନାଳ ନିର୍ମାଣ ହୋଇଥିଲେ ସୁଦ୍ଧା ନିର୍ମାଣ ଅତି ନିମ୍ନମାନର ହୋଇଥିବାରୁ ଜଳ ନିଷ୍କାସନ ଠିକ୍ ଭାବେ ହେଉ ନ ଥିବା ଜଣାପଡ଼ିଛି। ପ୍ରତି ବର୍ଷ ବିଭାଗ ପକ୍ଷରୁ ରାସ୍ତା ମରାମତି ହେଉଛି କିନ୍ତୁ ଜଳ ନିଷ୍କାସନର କୋ÷ଣସି ବନ୍ଦୋବସ୍ତ କରାଯାଉନାହିଁ। ଚଳିତ ବର୍ଷ କିଛି ମାସ ପୂର୍ବରୁ ବିଭାଗ ତରଫରୁ ରାସ୍ତା ମରାମତି କରାଯାଇଥିଲା। କିନ୍ତୁ ଜଳ ନିଷ୍କାସନର ସୁବନ୍ଦୋବସ୍ତ କରିବା ଦୂରର କଥା ରାସ୍ତା ମରାମତିରେ ତ୍ରୁଟି ରହିଯାଇଥିବାରୁ ଅସରାଏ ବର୍ଷା ହେଲେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମିରହିବା ପରିଲକ୍ଷିତ ହେଉଛି। ମଙ୍ଗଳବାର ହୋଇଥିବା ଲଗାଣ ବର୍ଷା ଯୋଗୁଁ ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହିବା ସହ ବାରିକସାହିର କିଛି ପରିବାରଙ୍କ ଘରେ ବର୍ଷାଜଳ ପଶିଯାଇଥିବା ଜଣାପଡ଼ିଛି। ଏଥିଯୋଗୁଁ ଗମନାଗମନରେ ମଧ୍ୟ ବାଧା ସୃଷ୍ଟି ହେଉଛି। ପ୍ରତିବର୍ଷ ଗ୍ରାମବାସୀଙ୍କ ଦ୍ୱାରା ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ସୁଦ୍ଧା ଅଧାବଧି କିଛି ସୁଫଳ ମିଳିପାରୁ ନ ଥିବା ଜଣାପଡୁଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

- ଗମନାଗମନ, ଶିକ୍ଷା ଓ ଚାଷ କ୍ଷେତ୍ରରେ ବାଧକ ସାଜୁଛି ବର୍ଷାଜଳ
- ନିଷ୍କାସନ ହେଉନି ବର୍ଷାଜଳ; ପାଣି ଘେରରେ ସାହିବାସୀ

## ନୂତନ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

**କବାଟବନ୍ଧ,୧୬।୭ (ସମିସ):** ଧର୍ମଶାଳା ବ୍ଲକ୍ ରାଇଛନ୍ଦା ପଞ୍ଚାୟତରେ ଏକ ନୂତନ ମନ୍ଦିର ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଗୁରୁବାର ଅପରାହ୍ଣରେ ପବିତ୍ର ଗୁଣ୍ଡିଚା ଯାତ୍ରାରେ ଏହି ନୂତନ ମନ୍ଦିର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଇଛନ୍ଦା ପଞ୍ଚାୟତ ତଇଲାସାହି ଗ୍ରାମରେ ପ୍ରଭୁ ଶ୍ରୀସତ୍ୟ ନାରାୟଣଙ୍କ ମନ୍ଦିର ନିର୍ମାଣ ପାଇଁ ଗ୍ରାମବାସୀ ତଥା ଭକ୍ତମାନଙ୍କ ଉଦ୍ୟମରେ ଏହି ମନ୍ଦିର ନିର୍ମାଣ ପାଇଁ ଶୁଭ ସମୟରେ ଭିତ୍ତି ପ୍ରସ୍ତର କରାଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏହି ଭିତ୍ତିପ୍ରସ୍ତର ସ୍ଥାପନା କରି ଅଞ୍ଚଳବାସୀଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। ବିଧି ଅନୁସାରେ ପୂଜାର୍ଚ୍ଚନା ଏବଂ ନାମ ସଂକୀର୍ତ୍ତନ କରାଯାଇ ଭିତ୍ତିପ୍ରସ୍ତର କରାଯାଇଥିଲା। ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହିତ ହଜାର ହଜାର ଜନସାଧାରଣ ଏବଂ ଭକ୍ତ ଉପସ୍ଥିତ ଥିଲେ।

## ରାସ୍ତା ଅବରୋଧ ଯୋଗୁଁ ଡାକ୍ତରଖାନା ଯିବାକୁ ରୋଗୀ ହନ୍ତସନ୍ତ

**ଯାଜପୁର,୧୬।୭ (ସମିସ):** ଯାଜପୁର ଟାଉନ ଥାନା ଅନ୍ତର୍ଗତ ସାନସୁଆର ଗ୍ରାମ ମିଶ୍ରସାହି ନିକଟରେ ରାସ୍ତା ଅବରୋଧ କରି ସଂକୀର୍ଣ୍ଣ କରିଦେଇଥିବାରୁ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ଜରୁରିକାଳୀନ ଗାଡ଼ି ଯିବାରେ ସମସ୍ୟା ହେଉଛି। ପୁରୁଣା ଦୁର୍ଗା ମଣ୍ଡପ ପାଶ୍ୱର୍ ଅଭିରାମ ମିଶ୍ରଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ମିଶ୍ର ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସ ଡକାଯାଇଥିଲା ବେଳେ ଘର ପାଖକୁ ଆମ୍ବୁଲାନ୍ସ ଆସିପାରିଲା ନାହିଁ। କାରଣ ଗ୍ରାମର କିଛି ଲୋକ ନିଜ ଘର ଆଗରେ ରହିଥିବା ରାସ୍ତାକୁ ଜବରଦଖଲ କରି ରାସ୍ତା ଉପରେ ଯାନବାହନ ରଖିଥିଲେ। ଶେଷରେ ବଡ଼ କଷ୍ଟରେ ଆମ୍ବୁଲାନ୍ସ ଡ୍ରାଇଭର ଏବଂ ପରିବାର ଲୋକେ ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ପାଖକୁ ନେଇଥିଲେ। ଏହାପରେ ଯାଇ ତାଙ୍କୁ ଡାକ୍ତରଖାନା ନେବା ସମ୍ଭବ ହୋଇଥିଲା। କିଛି ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ରାସ୍ତା ଉପରେ ବିଭିନ୍ନ ଗାଡ଼ି ରଖିବା ସହ ବାଲି ଗଦା କରି ରଖିବା ଯୋଗୁଁ ଏଭଳି ସମସ୍ୟା ଉପୁଜୁଛି ବୋଲି ଅଭିଯୋଗ ହେଉଛି। ଯେଉଁମାନେ ରାସ୍ତାକୁ ଅବରୋଧ କରି ରଖୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।



## ମୋବାଇଲ ଟାୱାରରୁ ଯନ୍ତ୍ରାଂଶ ଚୋରି; ୭ ଗିରଫ



**ଧର୍ମଶାଳା,୧୬।୭ (ସମିସ):** ଧର୍ମଶାଳା ଥାନା ଅଞ୍ଚଳରେ ଥିବା ଏୟାରଟେଲ ମୋବାଇଲ ଟାୱାରରୁ ଦାମିକା ଯନ୍ତ୍ରାଂଶ ଚୋରି ଅଭିଯୋଗରେ ଧର୍ମଶାଳା ପୁଲିସ ଜିଲ୍ଲା ଓ ଜିଲ୍ଲା ବାହାରେ ଚଢ଼ଉ କରି ୭ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏଥିସହ ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଏକ କାର୍ ସମେତ ଚୋରି ହୋଇଥିବା ସାମଗ୍ରୀ, ୧ ଲକ୍ଷ ୧୦ ହଜାର ୯୫୦ ନଗଦ ଟଙ୍କା ଓ ୩ଟି ମୋବାଇଲ ଫୋନ ଜବତ କରିଛି। ଏହି ଥାନା ଅନ୍ତର୍ଗତ ମାଝିପାଟଣା, କାଇମା, ଅଚ୍ୟୁତପୁର ଓ ଦେଓଦା ଗ୍ରାମରେ ଥିବା ଏୟାରଟେଲ ମୋବାଲ ଟାୱାରରୁ କେହି ଦୁର୍ବୃତ୍ତ ଗତ କିଛିଦିନ ତଳେ ଦମିକା ଯନ୍ତ୍ରାଂଶ ଚୋରି କରିନେଇଯାଇଥିବା ନେଇ ସମ୍ପୃକ୍ତ କମ୍ପାନୀର ଜଣେ କର୍ମଚାରୀ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ୨୮୮/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହିତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଚୋରିରେ ସମ୍ପୃକ୍ତ ଥିବା ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ମୋବାଇଲ ଟାୱାର ଯନ୍ତ୍ରାଂଶ ଚୋରି ଘଟଣାରେ ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅରେଇ ଗ୍ରାମର ସୁନୀଲ କୁମାର ପରିଡ଼ା (୨୬), ଭଦ୍ରକ ଜିଲ୍ଲା ଧାମନଗର ଥାନା ହବିବନଗର ଅଞ୍ଚଳର ମିର ରମଜାନ(୩୦), ଏହି ଜିଲ୍ଲା ଧାମନଗର ଗ୍ରାମ ଓ ଥାନା ଅଞ୍ଚଳର ସେକ୍ ମୁରାଦ (୨୦), ଭଦ୍ରକ ଗ୍ରାମାଞ୍ଚଳ ଥାନା ତେନ୍ତୁଲିଗଡ଼ ଗ୍ରାମର ଯୋଗେନ୍ଦ୍ର ପୃଷ୍ଟି(୩୧), ଭଦ୍ରକ ଜିଲ୍ଲା ଧାମନଗର ଥାନା ହବିବନଗର ଅଞ୍ଚଳର ଜିଲାନି ଖାଁ(୪୦), ଯାଜପୁର ଟାଉନ ଥାନା ଅନ୍ତର୍ଗତ ଶ୍ରୀଧରପୁର ଗ୍ରାମର ଲୋକନାଥ ବେହେରା(୨୪), ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଗଙ୍ଗପଡ଼ା ଅଞ୍ଚଳର ରାକେଶ କୁମାର ଦାସ (୩୪)। ଏହି ଗ୍ୟାଙ୍ଗରେ ଅନେକ ସଦସ୍ୟ ରହିଥିବା ବେଳେ ଏମାନଙ୍କ ନାମରେ ଜିଲ୍ଲା ଓ ଜିଲ୍ଲା ବାହାର ଥାନାରେ ଏକାଧିକ ମାମଲା ରହିଥିବା ବେଳେ ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଗିରଫ କରିବାକୁ ପୁଲିସ ଉଦ୍ୟମ ଚଳାଇଛି ବୋଲି ଆଜି ଧର୍ମଶାଳା ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ରୋଡ୍ ଏସ୍‌ଡିପିଓ ଶରତ କୁମାର ପାତ୍ର ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ସମୟରେ ଥାନା ଅଧିକାରୀ ଚିନ୍ମୟୀ ସାହୁ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ବାଇକ୍ ଧକ୍କାରେ ଯୁବକ ଗୁରୁତର

**ପାଣିକୋଇଲି,୧୬।୭ (ସମିସ):** ପାଣିକୋଇଲି ଥାନା ୨୦ ନମ୍ବର ଜାତୀୟ ରାଜପଥର ପାତ୍ର ଜୁଏଲରୀ ସମ୍ମୁଖରେ ଆଜି ବାଇକ୍ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ଦେଓଗାଁ କୁଶଳେଶ୍ୱରର ସୌମ୍ୟରଞ୍ଜନ ଜେନା ତାଙ୍କ ବାଇକ୍ ରଖି ଚାଲି ଚାଲି ଯାଉଥିବା ସମୟରେ ଅନ୍ୟ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ।

## ସୁକିନ୍ଦାରେ ମା'ଲକ୍ଷ୍ମୀଙ୍କ ମନ୍ଦିରର ଭୂମିପୂଜନ ଉତ୍ସବ

**ସୁକିନ୍ଦା୧୬।୭ (ସମିସ):** ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ସୁକିନ୍ଦା ଜଗନ୍ନାଥ ମନ୍ଦିର ପରିସରରେ ମା'ଲକ୍ଷ୍ମୀଙ୍କ ନୂତନ ମନ୍ଦିରର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ରାଜାରାଜୁଡ଼ା ସମୟର ସୁକିନ୍ଦା ଜଗନ୍ନାଥ ମନ୍ଦିର ହୋଇଥିଲେ ମଧ୍ୟ ମା ଲକ୍ଷ୍ମୀଙ୍କ ମନ୍ଦିର ହୋଇପାରି ନଥିଲା। ଏହି ମନ୍ଦିର ନିର୍ମାଣ ନେଇ ଦୀର୍ଘବର୍ଷ ଧରି ସୁକିନ୍ଦାବାସୀ ଦାବି କରି ଆସୁଥିଲେ। ଲଘୁଚାପ ଜନିତ ଲଗାଣ ବର୍ଷା ସତ୍ତ୍ୱେ ସକାଳୁ ଶତାଧିକ ମହିଳା କଳସ ଯାତ୍ରାରେ ବାହାରି କଳସ ସ୍ଥାପନ କରିବା ପରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ଶିଳାନ୍ୟାସ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ରାଜା ସାହେବ ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ତହସିଲଦାର ତଥା ଦେବୋତ୍ତର ଅଧିକାରୀ ମାନସ ରଞ୍ଜନ ତ୍ରିପାଠୀ, ବିଡିଓ ପ୍ରଜ୍ଞାପରମିତା ପୃଷ୍ଟି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ ପୁରୋହିତ ହିମାଂଶୁ ଶେଖର ଦ୍ୱିବେଦୀ ମନ୍ଦିର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମନ୍ଦିର ଶିଳ୍ପୀ ରମାକାନ୍ତ ମହାପାତ୍ର ସହଯୋଗ କରିଥିଲେ। ମନ୍ଦିର ପରିସରରେ ଦିନ ତମାମ ନାମ ସଂକୀର୍ତ୍ତନ ଲାଗି ରହିଥିବା କାରଣରୁ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।

# ଖବର ପ୍ରକାଶ ପରେ ମରାମତି ହେଲା ରାସ୍ତା

**ସକାଳ ପ୍ରଭାବ**

**ବନ୍ତ/ଆଗରପଡ଼ା,୧୬।୭ (ସମିସ):**



ଗତ ୧୧ ତାରିଖରେ 'ବର୍ଷାଦିନ ଆସିଲା; ଦୁଃଖ ସରିଲାନି, ଦୁଇ ଗାଁ ପାଇଁ ସ୍ଥାୟୀ ରାସ୍ତା ସ୍ୱପ୍ନ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଇତି ମଧ୍ୟରେ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ମରାମତି କରାଯାଇ ଗମନାଗମନ ସାପେକ୍ଷ କରାଯାଇଥିବା ଜଣାପଡ଼ିଛି। ସରକାର ଗ୍ରାମାଞ୍ଚଳ ପାଇଁ ବିଭିନ୍ନ ଯୋଜନା କରୁଥିବାବେଳେ ତାହା କେବଳ କାଗଜକଲମରେ ସୀମିତ ରହିଯାଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବାଙ୍କତିରା-ତୁମ୍ବାପଦୀ ଗାଁ ରାସ୍ତାକୁ ଦେଖିଲେ ଏହା ସ୍ପଷ୍ଟ ହେଉଥିଲା।

ବନ୍ତ ବ୍ଲକ୍ କାଦବରାଙ୍ଗ ପଞ୍ଚାୟତ ୨ନଂ, ୩ନଂ ଓ ୪ନଂ ୱାର୍ଡ ଅନ୍ତର୍ଗତ ବାଙ୍କତିରା ଓ ତୁମ୍ବାପଦୀ ଦୁଇଟି ଗାଁ। ଏହି ଦୁଇ ଗ୍ରାମବାସୀ ମୌଳିକ ସୁବିଧା ସୁଯୋଗ ପାଇବାରୁ ଏବେ ସୁଦ୍ଧା ବଞ୍ଚିତ ହୋଇଆସୁଛନ୍ତି। ଦୁଇ ଗାଁକୁ ଭଲ ରାସ୍ତା ନିର୍ମାଣ ହୋଇପାରୁ ନ ଥିଲା। ରାସ୍ତା ସମସ୍ୟାକୁ ନେଇ ବାରମ୍ବାର ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ୨୦୨୪ ଅକ୍ଟୋବର ମାସରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ଏସ୍‌ଏଫ୍‌ସି ଯୋଜନାରେ ତୁମ୍ବାପଦି ଗ୍ରାମରେ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇଥିଲା। ସେହିପରି ନଭେମ୍ବର ମାସରେ ଏସ୍‌ଏଫ୍‌ସି ଯୋଜନାରେ ବାଙ୍କତିରା ଗ୍ରାମର ବିଶ୍ୱମ୍ବର ଯେନା ଘରଠାରୁ ବାଙ୍କତିରା ହାଇସ୍କୁଲ ଛକ ପର୍ଯ୍ୟନ୍ତ ରାସ୍ତାକୁ କଂକ୍ରିଟ୍ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜିଜିୱାଇ ଯୋଜନାରେ ୭ ଲକ୍ଷ ୫୦ହଜାର ଟଙ୍କା ଅଟକଳ ମୂଲ୍ୟରେ ତୁମ୍ବାପଦୀ ଲକ୍ଷ୍ମୀ ମଣ୍ଡପଠାରୁ ସରମରା ପ୍ରଧାନମନ୍ତ୍ରୀ ସଡ଼କ ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇଥିଲା। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଯୋଜନାରେ ଉକ୍ତ ଦୁଇ ଗ୍ରାମର ରାସ୍ତା ନିର୍ମାଣ ହେଉଥିଲେ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ବର୍ଷାଦିନରେ ଗମନାଗମନରେ ପୂର୍ବପରି ଅସୁବିଧା ଲାଗିରହୁଛି। ସରମରାଠାରୁ ପାଖାପାଖି ୬୦୦ ମିଟର ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଅସରାଏ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହି ଗମନାଗମନରେ ବାଧା ସୃଷ୍ଟି କରୁଛି। ତୁମ୍ବାପଦୀରୁ ବାଙ୍କତିରାକୁ ଲମ୍ବିଥିବା ରାସ୍ତା ଅବସ୍ଥା ମଧ୍ୟ ସେହିପରି। ତେଣୁ ରାସ୍ତା ନିର୍ମାଣ ହୋଇଥିଲେ ଏକ ସମ୍ପୂର୍ଣ୍ଣ ସ୍ଥାୟୀ ରାସ୍ତା ନିର୍ମାଣ ହୋଇ ନ ପାରିବାରୁ ଦୁଇ ଗ୍ରାମବାସୀଙ୍କ ସ୍ଥାୟୀ ରାସ୍ତା ସ୍ୱପ୍ନ ହାଇ ରହିଯାଇଛି।

ବାଙ୍କତିରା-ତୁମ୍ବାପଦୀ ଦୁଇ ଗ୍ରାମର ଲୋକସଂଖ୍ୟା ପାଖାପାଖି ୧୮୦୦। ମାତ୍ର ଏଠାକୁ ଭଲ ରାସ୍ତାଟିଏ ନ ଥିଲା। ବାଙ୍କତିରା ସ୍କୁଲଠାରୁ ଏକ ମୋରମ୍ ରାସ୍ତା ଏହାକୁ ସଂଯୋଗ କରୁଥିଲା। ଏହି ରାସ୍ତାକୁ ଖରାଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେଉ ନ ଥିଲା। ଅନ୍ୟ ଦିନମାନଙ୍କରେ ଦୁଇ ଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲିକି ଯିବା ମଧ୍ୟ ବିପଦସଙ୍କୁଳ ଥିଲା। ଚାରିଚକିଆ ଯାନ ଯିବା, ରାସ୍ତା ସଙ୍କୀର୍ଣ୍ଣତା ପାଇଁ ଆଦୌ ସମ୍ଭବ ନ ଥିଲା। ଏବେ ବର୍ଷା ଋତୁ ଚାଲୁଥିବାରୁ ସାମାନ୍ୟ ବର୍ଷା ହେବା ମାତ୍ରେ ନିର୍ମାଣ ହୋଇ ନ ଥିବା ରାସ୍ତାରେ ଖାଲ ସୃଷ୍ଟି ହୋଇ ଆଣ୍ଠୁଏ ଲେଖାଏଁ ପାଣି ଜମା ହୋଇ ଯାଉଛି। ଏହାଦ୍ୱାରା ଗମନାଗମନରେ ଘୋର୍ ଅସୁବିଧା ସୃଷ୍ଟି ହେଉଛି। ଏହି ରାସ୍ତାଟି ବନ୍ତ ବ୍ଲକ୍ ଓଡ଼ଙ୍ଗ ପଞ୍ଚାୟତ ଅର୍ନ୍ତଗତ ସରମରା ଗାଁକୁ ମଧ୍ୟ ସଂଯୋଗ କରୁଛି। ରାସ୍ତା ଅବସ୍ଥା ଯୋଗୁଁ ଦମକଳ ଓ ଆମ୍ବୁଲାନ୍ସ ଆସି ପହଞ୍ଚୁଥିଲେ ମଧ୍ୟ ଏହାର ସୁବିଧା ଗ୍ରାମବାସୀ ପାଇପାରୁନାହାନ୍ତି। ସମସ୍ୟା ବିଷୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ଟେଣ୍ଡର କାର୍ଯ୍ୟ ସରି ସମ୍ପୃକ୍ତ ଠିକାଦାର ସହିତ ଏଗ୍ରିମେଣ୍ଟ ସରିଯାଇଥିବା ଓ ବର୍ତ୍ତମାନ ବର୍ଷାଋତୁ ଚାଲୁଥିବାରୁ ବର୍ଷାଋତୁ ପରେ ନିର୍ମାଣ କାର୍ଯ୍ୟର ଆରମ୍ଭ ହେବାର ସୂଚନା ଦେଇଛନ୍ତି। ଏହାସହ ବର୍ତ୍ତମାନ ଗମନାଗମନ ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାକୁ ମରାମତି କରି ଗମନାଗମନ ସାପେକ୍ଷ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରକାଶ କରିଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।

## ଦୋକାନ ସମ୍ମୁଖରୁ ବାଇକ୍ ଚୋରି

**କବାଟବନ୍ଧ,୧୬।୭ (ସମିସ):** ଧର୍ମଶାଳା ବ୍ଲକ୍ କବାଟବନ୍ଧ ଅଞ୍ଚଳରୁ ଏକ ବାଇକ୍ ଗୁରୁବାର ସନ୍ଧ୍ୟାରେ ଚୋରି ହୋଇଥିବା ଜଣାପଡ଼ିଛି। ବାଇକ୍‌ଟି ଜେନାପୁର ଥାନା ରାଇଛନ୍ଦା ଗ୍ରାମର ସୌମ୍ୟ ରଞ୍ଜନ ସ୍ୱାଇଁଙ୍କର ବୋଲି ଜଣାପଡ଼ିଛି। ସୌମ୍ୟ ଦୀର୍ଘ ବର୍ଷ ଧରି ବ୍ରାହ୍ମଣୀ ବ୍ରିଜ କବାଟବନ୍ଧ ମେଡିକାଲ ରୋଡ୍ ରାସ୍ତାରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ଦୋକାନରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ସେ ଉକ୍ତ ଦୋକାନରେ କାର୍ଯ୍ୟ କରୁଥିବା ସମୟରେ ଦୋକାନ ବାହାରେ ତାଙ୍କର ବାଇକ୍ ରଖିଥିଲେ। ସନ୍ଧ୍ୟା ସମୟରେ ତାଙ୍କ ବାଇକଟି ନ ଥିବା ଜାଣି ଖୋଜାଖୋଜି କରିଥିଲେ। ଏହା ପରେ ଦୋକାନରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିଥିଲେ। ଜଣେ ଦୃର୍ବୃତ୍ତ ବାଇକ୍‌କୁ ତରବରିଆ ଭାବେ ନେଇ ଯାଉଥିବା ସିସିଟିଭିରେ ଜଣାପଡ଼ିଛି। ତେବେ ଏକ ବ୍ୟବସାୟ ପ୍ରତିଷ୍ଠାନ ନିକଟରେ ବହୁ ଉଚ୍ଚ ମାନର ସିସିଟିଭି ଲାଗିଥିବା ବେଳେ ବାଇକ୍ ଚୋରି ଅତି ସହଜ ଭାବେ ହୋଇଥିବା ସିସିଟିଭିରୁ ଜଣାପଡ଼ିଛି।

ସକାଳ
THE SAKALA

# ସମ୍ପାଦକୀୟ



ଅନିର୍ବଚନୀୟ ଅସୀମ ଐଶ୍ୱରୀୟ ସତ୍ତାକୁ ପରିପ୍ରକାଶ କରିବାର ପ୍ରୟାସ ହିଁ ଆଧ୍ୟାତ୍ମିକତା ବା ଆତ୍ମାର ବିଜ୍ଞାନ।
-ସ୍ୱାମୀ ବିବେକାନନ୍ଦ

## ଜଗନ୍ନାଥ ଖୁସି ନାହାନ୍ତି

ଓଡ଼ିଶାରେ ଡବଲ୍ ଇଞ୍ଜିନ ସରକାର ଆସିବା ଦିନଠାରୁ ଅଘଟଣ ପରିସଂଖ୍ୟାନ ବଢ଼ିବାରେ ଲାଗିଛି। ୨୦୨୪ରେ ବଡ଼ଠାକୁରଙ୍କୁ ରଥ ଉପରୁ ପହଣ୍ଡି ବେଳେ ତଳେ ପକାଇ ଦେବା ଘଟଣା ଏ ପର୍ଯ୍ୟନ୍ତ ଲୋକଙ୍କ ମନରୁ ଲିଭିନାହିଁ। ତା'ପର ବର୍ଷ ଜଗନ୍ନାଥଙ୍କ ରଥକୁ ସୂର୍ଯ୍ୟାସ୍ତ ପରେ ଲାଇଟ୍ ଲଗାଇ ଟଣା ଗଲା ଏବଂ ରଥ ବାରମ୍ବାର ନିୟନ୍ତ୍ରଣ ହରାଇବା ପରି ଅବାଞ୍ଛିତ ଘଟଣା ଘଟିଲା। ପୁଣି ନୀତିକାନ୍ତିରେ ବିଶୃଙ୍ଖଳା ଓ ଭିଡ଼ ନିୟନ୍ତ୍ରଣରେ ବିଫଳତା ଯୋଗୁଁ ଗୁଣ୍ଡିଚା ମନ୍ଦିର ସାମ୍ନାରେ ଦଳାଚକଟାରେ ତିନି ଜଣ ଭକ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଥିଲେ। ଚଳିତ ବର୍ଷର ଅଘଟଣ ବୋଧହୁଏ ପୂର୍ବ ଦୁଇବର୍ଷକୁ ଟପିଯାଇଛି। ଏହି ଆଲେଖ୍ୟ ଲେଖା ହେବା ପର୍ଯ୍ୟନ୍ତ ଦଳାଚକଟାରେ ଦୁଇଜଣ ଭକ୍ତଙ୍କ ମୃତ୍ୟୁ ଘଟିଛି ଏବଂ ଶତାଧିକ ଆହତ ହୋଇଛନ୍ତି। ଭଗବାନ ନ କରନ୍ତୁ; କିନ୍ତୁ ଆହତଙ୍କ ମଧ୍ୟରେ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଚଳିତ ବର୍ଷ ରଥଯାତ୍ରାର ଆଦ୍ୟ ପର୍ବ ସ୍ନାନଯାତ୍ରାରୁ ହିଁ କିଛି ଅଘଟଣ ଘଟିବାର ପୂର୍ବ ସୂଚନା ମିଳିସାରିଥିଲା। ସ୍ନାନବେଦୀ ଉପରେ ଶ୍ରୀଜଗନ୍ନାଥଙ୍କ ମଙ୍ଗଳ ଆଳତି ବେଳେ ଦୀପ ହଠାତ୍ ଲିଭିଯାଇଥିଲା। ପୂର୍ବରୁ ଏଭଳି କୌଣସି ଅଘଟଣର ସୂଚନା ମିଳିଲେ ଗଜପତି ରାଜା/ମହାରାଜାମାନେ ପ୍ରଭୁଙ୍କ ନିକଟରେ ଅଧିଆ ପଡ଼ି ଦୋଷ ମାର୍ଜନା କରିବାର ଯାଚନା କରୁଥିଲେ। କିନ୍ତୁ ଶାସନ କ୍ଷମତାର ମୋହ ଓ ଉପଭୋଗରେ ସରକାର ବାହାଦୂର ଏତେ ଅନ୍ଧ ହୋଇଯାଇଛନ୍ତି ଯେ ଏହାକୁ ମାମୁଲି ଅଘଟଣ ଭାବେ ଅଣଦେଖା କଲେ।

ଶ୍ରୀଜୀଉମାନଙ୍କର ପହଣ୍ଡିର ମୁଖ୍ୟ ଆକର୍ଷଣ ହେଉଛି ଟାହିଆ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଏଥର ଗୁମୁଟ ଡେଇଁ ବଡ଼ଦାଣ୍ଡକୁ ଆସିବା ବେଳେ ଶ୍ରୀଜଗନ୍ନାଥଙ୍କ ଟାହିଆ ନଥିଲା। ବୋଧହୁଏ ଟାହିଆ ପରମ୍ପରା ଆରମ୍ଭ ହେବା ଦିନଠାରୁ ଇତିହାସରେ ପ୍ରଥମ ଥର ପାଇଁ ବିନା ଟାହିଆରେ ପ୍ରଭୁ ରଥ ଉପରକୁ ଗଲେ। ସବୁକିଛି ଅସ୍ୱାଭାବିକ ଲାଗୁଥିଲା। ଶ୍ରୀଜଗନ୍ନାଥଙ୍କୁ ଆପଣାର ପରିବାରର ମୁରବି ଏବଂ ପ୍ରାଣର ସ୍ପନ୍ଦନ ବୋଲି ମନେ କରୁଥିବା କୋଟିକୋଟି ଶ୍ରଦ୍ଧାଳୁ ଓ ଭକ୍ତମାନେ ମନେ କରୁଥିଲେ ସତେଯେମିତି ପ୍ରଭୁ ଏଥର ରଥଯାତ୍ରା ପାଇଁ ଆଦୌ ପ୍ରସ୍ତୁତ ନୁହନ୍ତି। ନିଜ ଅନିଚ୍ଛାରେ ସେ ବାଧ୍ୟ ହୋଇ ଯାଉଛନ୍ତି। ଯେଉଁ ଚକା ଆଖି ଓ ରଙ୍ଗାଅଧର ସମଗ୍ର ବିଶ୍ୱକୁ କ୍ଷଣିକେ ସମ୍ମୋହନ କରିଦିଏ ଆଜି ସେ ନିଜେ ହିଁ ବିଷଣ୍ଣ ଥିବା ହୃଦବୋଧ ହେଉଥିଲା। ଭାବବିହ୍ୱଳ ଭକ୍ତମାନେ ଏହାର କାରଣ ଖୋଜି ପାଉ ନଥିଲେ। କିନ୍ତୁ ଆତ୍ମବିଭୋର ଶାସନ ନିର୍ବିକାର ଭାବରେ ବସି ରହିଥିଲେ।

ଜଗତର ମହାନାୟକ ବର୍ଷାରେ ଭିଜି ଭିଜି ବଡ଼ଦାଣ୍ଡରେ ଚାଲି ଚାଲି ଆସୁଥିବା ବେଳେ ମନ୍ତ୍ରିପରିଷଦର ସଦସ୍ୟ, ରାଜନ୍ୟ ବର୍ଗ ଓ ଭିଭିଆଇପିମାନେ ସୁରକ୍ଷିତ ଭାବେ କଂକ୍ରିଟ୍ ଛାତ ତଳେ ବସି ରହି ଏ ଦୃଶ୍ୟ ଉପଭୋଗ କରୁଥିଲେ। ଏହା ମହାପ୍ରଭୁଙ୍କ ପ୍ରତି ଅପମାନ ନୁହେଁ କି? କେବଳ ଅଣଓଡ଼ିଆ ଓ ବିଧର୍ମୀ ହିଁ ଏଭଳି ଧୃଷ୍ଟତା କରିପାରେ। ଏହା ଓଡ଼ିଆ ଜାତି ପ୍ରତି କଳଙ୍କ କହିଲେ ଭୁଲ୍ ହେବ ନାହିଁ। ମହାପ୍ରଭୁଙ୍କ ଅନ୍ୟମନସ୍କତାକୁ ଦେଖିବାରେ ବୁଝିବାରେ ଓଡ଼ିଆ ଅସ୍ମିତାର ନାରା ଦେଇ କ୍ଷମତାକୁ ଆସିଥିବା ସରକାର ସମ୍ପୂର୍ଣ୍ଣ ବିଫଳ ହେଲେ, ଯାହାର ପରିଣାମ ଜୀବନହାନିରେ ପ୍ରତିଫଳିତ ହୋଇଛି।

ଚଳିତ ଥର ରଥଯାତ୍ରା ଭିଡ଼ ନିୟନ୍ତ୍ରଣ ପାଇଁ ୨୦ରୁ ଊର୍ଦ୍ଧ୍ୱ ଆଇପିଏସ୍ ଅଫିସରଙ୍କ ତତ୍ତ୍ୱାବଧାନରେ, ୪୫୦ରୁ ଊର୍ଦ୍ଧ୍ୱ ଏଆଇ ପରିଚାଳିତ କ୍ୟାମେରା ନିୟନ୍ତ୍ରଣରେ ୧୩ ହଜାର ପୁଲିସ କର୍ମଚାରୀ, ୧୫ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବାହିନୀ ନିୟୋଜିତ ହୋଇଥିବା ସରକାର କହିଥିଲେ। କିନ୍ତୁ କେବଳ ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ଯୋଜନା କରିଦେଲେ, ନିର୍ଦ୍ଦେଶ ଜାରି କରିଦେଲେ ତାହା ବାସ୍ତବତାରେ ପ୍ରତିଫଳିତ ହେବ ନାହିଁ। ପୂର୍ବ ବିଫଳତାରୁ ସରକାର କିଛି ଶିଖିବା ମାନସିକତାରେ ନାହାନ୍ତି। ଗତଥର ଦଳାଚକଟା ଜନିତ ମୃତ୍ୟୁ ଅଘଟଣର ତଦନ୍ତ ପାଇଁ ଯେଉଁ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ନେତୃତ୍ୱରେ କମିଟି ଗଠନ ହୋଇଥିଲା ସିଏ ଏବେ ମୁଖ୍ୟ ଶାସନ ସଚିବ ପଦ ମଣ୍ଡନ କରିଛନ୍ତି। ଗତ ଥର ଅଘଟଣର ଆରୋପ ତଳିଆ ସଦସ୍ୟଙ୍କ ମୁଣ୍ଡରେ ଲଦି ଦେଇ ବଡ଼ବଡ଼ିଆଙ୍କୁ ସୁରକ୍ଷା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ରଥ ଉପରୁ ବଳଭଦ୍ର ପଡ଼ିଯିବାର ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନିନ ହୋଇନାହିଁ କି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ତେଣୁ ଏଥର ଅଘଟଣର ରିପୋର୍ଟ ମଧ୍ୟ ଯେ ସ୍ୱଚ୍ଛତା ଆସିବ ସେ ବିଶ୍ୱାସ ଆସୁନାହିଁ।

ଶାସକୀୟ ଢାଞ୍ଚା ଓ ବ୍ୟବସ୍ଥାରେ ଯେ ଉତ୍କଳର ରାଜାଧିରାଜ ସୁଖୀ ନାହାନ୍ତି ତାହା ଶାସକ ବର୍ଗକୁ ବୁଝିବାକୁ ହେବ। ବିଶେଷକରି ଶାସକ ଦଳ ବ୍ୟକ୍ତିପୂଜନ ପରମ୍ପରାକୁ ତ୍ୟାଗ କରି ଜନତା ଜନାର୍ଦ୍ଦନଙ୍କ କଲ୍ୟାଣମୁଖୀ ହେବାକୁ ପଡ଼ିବ। କେବଳ ଭୋଟ ହାସଲ ପାଇଁ ସରକାରୀ ତହବିଲ୍‌ରୁ ଟଙ୍କା ବାଣ୍ଟି ଦେଲେ ଶାସନ ଜନକଲ୍ୟାଣମୁଖୀ ହୋଇଯିବ ନାହିଁ। ଧନର ଗର୍ବ, ଆତ୍ମବଡ଼ିମା ପ୍ରଭୁ କେବେ ସହିନାହାନ୍ତି କି ସହିବେ ନାହିଁ। ଏ କଥା ସରକାରରେ ଥିବା ଦଳର ନେତାମାନେ ଚେତିବାର ସମୟ ଆସିଯାଇଛି। ଶ୍ରୀଜଗନ୍ନାଥ କ୍ଷମାସାଗର। ଶାସନର ତୁଙ୍ଗ ନେତାମାନେ ନିଜ କୃତ କର୍ମ ପାଇଁ ପଶ୍ଚାତାପ କରିବା ସହିତ ଦୋଷମାର୍ଜନା ପାଇଁ ଆନ୍ତରିକତାର ସହିତ ଶ୍ରୀଜଗନ୍ନାଥଙ୍କ ଆଗରେ ଭକ୍ତିପୂତ ନିବେଦନ କରନ୍ତୁ। ଏହାଦ୍ୱାରା କ୍ଷମତାର ବାକି ବର୍ଷଗୁଡ଼ିକରେ ଅନ୍ତତଃ ଓଡ଼ିଶାବାସୀଙ୍କର ମଙ୍ଗଳ ବିଧାନ ହେବ।

## ସାମାଜିକ ବିକାଶର ଅଦୃଶ୍ୟ ଶକ୍ତି

ଡ. ପ୍ରଦୀପ କୁମାର ସାହୁ

ଭାରତର ବୃତ୍ତିଗତ ସାମାଜିକ କର୍ମୀମାନେ ଦାରିଦ୍ର୍ୟ ହ୍ରାସ, ସ୍ୱାସ୍ଥ୍ୟସେବା, ଶିକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ସାମୂହିକ ବିକାଶ କ୍ଷେତ୍ରରେ ଅଗ୍ରଭାଗରେ ରହି କାମ କରୁଛନ୍ତି। ସମାଜର ସବୁଠାରୁ ଅସହାୟ ଓ ବଞ୍ଚିତ ବର୍ଗର ଲୋକମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ସେମାନେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ମଧ୍ୟ ବାସ୍ତବରେ ସେମାନେ ନିଜେ ସମ୍ମାନ, ସୁରକ୍ଷା ଓ ପେସାଗତ ସ୍ୱୀକୃତିରୁ ବଞ୍ଚିତ। ଯେତେବେଳେ କୌଣସି ଅଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟ ଘଟେ, କୌଣସି ଶିଶୁ ଶୋଷଣର ଶିକାର ହୁଏ, ଦରିଦ୍ର ପରିବାର ଜୀବନ ସଂଘର୍ଷରେ ଲଢ଼େ, ରୋଗୀ ମାନସିକ ସହଯୋଗ ଆବଶ୍ୟକ କରେ, ବଞ୍ଚିତ ସମ୍ପ୍ରଦାୟ ସରକାରୀ ଯୋଜନାର ସୁବିଧା ପାଇବାକୁ ଚେଷ୍ଟା କରେ କିମ୍ବା ଯୁବପିଢ଼ି ମାନସିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହୁଏ ସେତେବେଳେ ପରଦା ପଛରେ ନିରବରେ କାମ କରୁଥା'ନ୍ତି ଜଣେ ସାମାଜିକ କର୍ମୀ। ସେମାନେ ଦୁର୍ଗମ ଗାଁକୁ ଯା'ନ୍ତି, ପ୍ରତିକୂଳ ପରିସ୍ଥିତିରେ କାମ କରନ୍ତି, ଅସହାୟ ଲୋକମାନଙ୍କୁ ସହାୟତା କରନ୍ତି ଏବଂ ସରକାରୀ ନୀତି ଓ ସାଧାରଣ ଲୋକଙ୍କ ମଧ୍ୟରେ ସେତୁର ଭୂମିକା ନିଭାନ୍ତି।

୧୦ ଜୁନ୍ ୨୦୨୬ ତାରିଖରେ 'ଜର୍ଣ୍ଣାଲ୍ ଅଫ୍ ସୋସିଆଲ୍ ୱର୍କ ପ୍ରାକ୍ଟିସ୍' ରେ ପ୍ରକାଶିତ ଏକ ଗବେଷଣାମୂଳକ ପ୍ରବନ୍ଧ ଏହି ଗୁରୁତ୍ୱପୂର୍ଣ୍ଣ ଅଥଚ ଅନାଲୋଚିତ ସମସ୍ୟାକୁ ସାମ୍ନାକୁ ଆଣିଛି। ଭାରତର ସାତଟି ରାଜ୍ୟର ୮୧୩ ଜଣ ବୃତ୍ତିଗତ ସାମାଜିକ କର୍ମୀଙ୍କ ଉପରେ କରାଯାଇଥିବା ଏହି ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ସାମାଜିକ କର୍ମୀମାନେ ଦେଶର ବିକାଶରେ ବଡ଼ ଅବଦାନ ରଖୁଥିଲେ ମଧ୍ୟ ସେମାନେ ଏପର୍ଯ୍ୟନ୍ତ ଚାକିରିର ଅନିଶ୍ଚିତତା, ପେସାଗତ ସ୍ୱୀକୃତିର ଅଭାବ, କାର୍ଯ୍ୟସ୍ଥଳର ବିଭିନ୍ନ ସମସ୍ୟା ଓ ଅପର୍ଯ୍ୟାପ୍ତ ସାମାଜିକ ସୁରକ୍ଷାର ସମ୍ମୁଖୀନ ହେଉଛନ୍ତି।

ବିକାଶଶୀଳ ଭାରତ ପାଇଁ ସାମାଜିକ କାର୍ଯ୍ୟ ଏକ ଅତ୍ୟାବଶ୍ୟକ ପେସା। ସାମାଜିକ କାର୍ଯ୍ୟ କେବଳ ସ୍ୱେଚ୍ଛାସେବା କିମ୍ବା ଦାନଧର୍ମ ନୁହେଁ। ସମୟ ସହିତ ଏହା ବୈଜ୍ଞାନିକ ଜ୍ଞାନ, ନୈତିକ ମୂଲ୍ୟବୋଧ, ଗବେଷଣା ଓ ବିଶେଷ ଦକ୍ଷତା ଉପରେ ଆଧାରିତ ଏକ ସ୍ୱତନ୍ତ୍ର ବୃତ୍ତିଗତ କ୍ଷେତ୍ରରେ ପରିଣତ ହୋଇଛି। ବିଶ୍ୱସ୍ତରରେ ସାମାଜିକ କାର୍ଯ୍ୟକୁ ଏକ ଅଧିକାର-ଭିତ୍ତିକ ପେସା ଭାବେ ସ୍ୱୀକୃତି ମିଳିଛି, ଯାହା ସାମାଜିକ ନ୍ୟାୟ, ସମାନତା ଓ ସମ୍ପ୍ରଦାୟର ସଶକ୍ତୀକରଣ ପାଇଁ କାର୍ଯ୍ୟ କରେ।

ଭାରତରେ ୧୯୩୬ ମସିହାରେ ପ୍ରଥମ ଥର ପାଇଁ ସାମାଜିକ କାର୍ଯ୍ୟର ଔପଚାରିକ ଶିକ୍ଷା ଆରମ୍ଭ ହୋଇଥିଲା। ଏହାପରେ ଏହି ବିଷୟର ବ୍ୟାପକ ବିକାଶ ଘଟିଛି। ଉଚ୍ଚଶିକ୍ଷା ସମ୍ବନ୍ଧୀୟ ତଥ୍ୟ ଅନୁଯାୟୀ, ଦେଶର ୧୮୧ଟି ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରାୟ ୫୨୬ଟି ସାମାଜିକ କାର୍ଯ୍ୟ ଶିକ୍ଷାନୁଷ୍ଠାନ କାର୍ଯ୍ୟ କରୁଛି। ଏହି ଅନୁଷ୍ଠାନଗୁଡ଼ିକରେ ପ୍ରତିବର୍ଷ ପ୍ରାୟ ଏକ ଲକ୍ଷ ଛାତ୍ରଛାତ୍ରୀ ସାମାଜିକ କାର୍ଯ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରୁଛନ୍ତି। ସେମାନେ ସ୍ୱାସ୍ଥ୍ୟସେବା, ସାମୁଦାୟିକ ବିକାଶ, ଶିଶୁ କଲ୍ୟାଣ, ପରାମର୍ଶଦାନ, ବିପର୍ଯ୍ୟୟ ପରିଚାଳନା, ଗ୍ରାମୀଣ ବିକାଶ, ଆଦିବାସୀ କଲ୍ୟାଣ ଓ ସଂଶୋଧନମୂଳକ ସେବା ପରି ବିଭିନ୍ନ କ୍ଷେତ୍ରରେ ବିଶେଷଜ୍ଞତା ଅର୍ଜନ କରୁଛନ୍ତି।

ଗବେଷଣାରେ ଉଲ୍ଲେଖିତ ସବୁଠାରୁ ବଡ଼ ସମସ୍ୟାମାନଙ୍କ ମଧ୍ୟରୁ ଗୋଟିଏ ହେଉଛି, ଭାରତରେ ବୃତ୍ତିଗତ ସାମାଜିକ କର୍ମୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ନିୟାମକ ବ୍ୟବସ୍ଥାର ଅଭାବ। ଦେଶର ଅନ୍ୟାନ୍ୟ ସ୍ଥାପିତ ପେସାମାନଙ୍କ ପରି ସାମାଜିକ କାର୍ଯ୍ୟ ପାଇଁ ଏପର୍ଯ୍ୟନ୍ତ କୌଣସି ସ୍ୱତନ୍ତ୍ର ବୈଧାନିକ ପରିଷଦ ଗଠିତ ହୋଇନାହିଁ। ଏହିପରି ଏକ ପରିଷଦ ପେସାଗତ ଶିକ୍ଷା, ନୈତିକ ମାନଦଣ୍ଡ, କାର୍ଯ୍ୟପ୍ରଣାଳୀ ଓ ବୃତ୍ତିଗତ ବିକାଶକୁ ନିୟନ୍ତ୍ରଣ ଓ ସୁଦୃଢ଼ କରିପାରିଥା'ନ୍ତା। ଭାରତ ପରି ଏକ ଦେଶ, ଯାହା ବହୁମୁଖୀ ସାମାଜିକ ସମସ୍ୟାର ସମ୍ମୁଖୀନ, ସେଠାରେ ସ୍ୱୀକୃତିପ୍ରାପ୍ତ ଓ ଦକ୍ଷ ସାମାଜିକ କର୍ମୀଙ୍କର ଏକ ସୁଦୃଢ଼ ବ୍ୟବସ୍ଥା ଅତ୍ୟନ୍ତ ଆବଶ୍ୟକ। ଏହି ପେସାକୁ ସୁଦୃଢ଼ କରିବା କେବଳ ସାମାଜିକ କର୍ମୀଙ୍କ ସ୍ୱାର୍ଥରେ ନୁହେଁ, ବରଂ ସମଗ୍ର ସାମାଜିକ ବିକାଶ କାର୍ଯ୍ୟକ୍ରମର ଗୁଣବତ୍ତା ଓ ପ୍ରଭାବଶାଳୀତା ବୃଦ୍ଧି ପାଇଁ ମଧ୍ୟ ଅତ୍ୟନ୍ତ ଜରୁରୀ।

ଏହି ଅଧ୍ୟୟନ ସାମାଜିକ କର୍ମୀମାନଙ୍କ ନିଯୁକ୍ତି ସ୍ଥିତି ସମ୍ପର୍କରେ ଏକ ଚିନ୍ତାଜନକ ଚିତ୍ର ଉପସ୍ଥାପନ କରିଛି। ସର୍ବେକ୍ଷଣରେ ଅଂଶଗ୍ରହଣ କରିଥିବା କେବଳ ୧୧.୮ ପ୍ରତିଶତ ସାମାଜିକ କର୍ମୀ ସ୍ଥାୟୀ ଚାକିରିରେ ନିଯୁକ୍ତ ଥିବା କହିଛନ୍ତି। ଅଧିକାଂଶ ସାମାଜିକ କର୍ମୀ ଚୁକ୍ତିଭିତ୍ତିକ, ଅସ୍ଥାୟୀ କିମ୍ବା ପ୍ରକଳ୍ପଭିତ୍ତିକ ନିଯୁକ୍ତିରେ କାମ କରୁଛନ୍ତି। ଅନେକ ସାମାଜିକ କର୍ମୀ ଉଚ୍ଚ ଶିକ୍ଷା, ବୃତ୍ତିଗତ ଦକ୍ଷତା ଓ ବହୁ ବର୍ଷର ଅଭିଜ୍ଞତା ରଖିଥିଲେ ମଧ୍ୟ ସେମାନଙ୍କ ଚାକିରି ଭବିଷ୍ୟତ ସବୁବେଳେ ଅନିଶ୍ଚିତ ରହୁଛି। ସେମାନେ ଭବିଷ୍ୟନିଧି, ପେନ୍‌ସନ୍, ଗ୍ରାଚୁଇଟି, ବେତନଯୁକ୍ତ ଛୁଟି, ସ୍ୱାସ୍ଥ୍ୟ ବୀମା ଏବଂ ଅନ୍ୟାନ୍ୟ ବୈଧାନିକ ସୁବିଧାରୁ ବଞ୍ଚିତ। ଏହା ଏକ ବଡ଼ ବିରୋଧାଭାସ ସୃଷ୍ଟି କରୁଛି। ଅଧ୍ୟୟନରେ ଦେଖାଯାଇଛି ଯେ, ୧୭ ପ୍ରତିଶତ ସାମାଜିକ କର୍ମୀ ନିଜ କର୍ତ୍ତବ୍ୟ ପାଳନ ସମୟରେ ଜୀବନ ପ୍ରତି ବିପଦର ସମ୍ମୁଖୀନ ହୋଇଛନ୍ତି। ଏହାଛଡ଼ା କାର୍ଯ୍ୟସ୍ଥଳରେ ଉତ୍ପୀଡ଼ନ ଓ ସୁରକ୍ଷା ସମସ୍ୟା ସମ୍ପର୍କରେ ମଧ୍ୟ ଅନେକ ଉତ୍ତରଦାତା ମତ ଦେଇଛନ୍ତି। ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଓ ଅନୁଷ୍ଠାନଗତ ସହଯୋଗର ଅଭାବ ସାମାଜିକ କର୍ମୀମାନଙ୍କ ମଧ୍ୟରେ ମାନସିକ ଚାପ ଓ ଅସୁରକ୍ଷା ବଢ଼ାଇ ଦେଉଛି। ଏହା କାମ କରିବାର ପ୍ରେରଣା ଏବଂ ପେସାଗତ ସନ୍ତୁଷ୍ଟି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଏ। ତେଣୁ ଅନେକ ଅଭିଜ୍ଞ ସାମାଜିକ କର୍ମୀ ପେସା ଛାଡ଼ିବାକୁ ବାଧ୍ୟ ହେଉଛନ୍ତି।

ଆଜିର ଭାରତ ଅନେକ ଜଟିଳ ଓ ପରସ୍ପର ସମ୍ବନ୍ଧିତ ସାମାଜିକ ସମସ୍ୟାର ସମ୍ମୁଖୀନ ହେଉଛି। ଜଳବାୟୁ ପରିବର୍ତ୍ତନ, ସ୍ଥାନାନ୍ତରଣ, ସହରାଞ୍ଚଳର ଦାରିଦ୍ର୍ୟ, ବୟସ୍କ ଜନସଂଖ୍ୟାର ବୃଦ୍ଧି, ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ବେକାରି, ଲିଙ୍ଗଗତ ଅସମାନତା ଏବଂ ସାମାଜିକ ବାସନ୍ଦ ପରି ସମସ୍ୟାଗୁଡ଼ିକ ଦେଶର ସାମଗ୍ରିକ ବିକାଶ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରୁଛି। ଏହି ସମସ୍ତ ସମସ୍ୟାର ସଫଳ ସମାଧାନ ପାଇଁ ଏଭଳି ବୃତ୍ତିଗତ ବ୍ୟକ୍ତିଙ୍କର ଆବଶ୍ୟକତା ରହିଛି, ଯେଉଁମାନେ ସମ୍ପ୍ରଦାୟର ସମସ୍ୟାକୁ ଗଭୀର ଭାବରେ ବୁଝନ୍ତି, ତୃଣମୂଳ ସ୍ତରରେ କାର୍ଯ୍ୟ କରନ୍ତି ଏବଂ ସାଧାରଣ ଲୋକଙ୍କୁ ସରକାରୀ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ସହିତ ସଂଯୋଗ କରିପାରନ୍ତି। ଦେଶର ସମାବେଶୀ ବିକାଶ ଏବଂ ସ୍ଥାୟୀ ବିକାଶ ସୁନିଶ୍ଚିତ କରିବାରେ ସାମାଜିକ କର୍ମୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ସାମାଜିକ କାର୍ଯ୍ୟ ପେସାକୁ ସ୍ୱୀକୃତି ଦେବା ଓ ସୁଦୃଢ଼ କରିବା କେବଳ ଜଣେ ବୃତ୍ତିଜୀବୀଙ୍କୁ ସମର୍ଥନ କରିବା ନୁହେଁ, ବରଂ ଭାରତର ସାମାଜିକ ପ୍ରଗତିରେ ଏକ ଦୀର୍ଘମିଆଦୀ ବିନିଯୋଗ କରିବା ସହ ସମାନ।

ସାମାଜିକ କର୍ମୀମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହାର ସମାଧାନ ପାଇଁ ତୁରନ୍ତ ସରକାରୀ ନୀତିଗତ ପଦକ୍ଷେପ ଓ ଅନୁଷ୍ଠାନଗତ ସଂସ୍କାରର ଆବଶ୍ୟକତା ରହିଛି। ଭାରତରେ ସାମାଜିକ କାର୍ଯ୍ୟ ପାଇଁ ଏକ ସ୍ୱତନ୍ତ୍ର ବୃତ୍ତିଗତ ବ୍ୟବସ୍ଥା ଗଠନ କରାଯିବା ଆବଶ୍ୟକ। ଏଥିପାଇଁ ଜାତୀୟ ସାମାଜିକ କାର୍ଯ୍ୟ ପରିଷଦ ଗଠନ କରାଯାଇପାରେ, ଯାହା ଶିକ୍ଷା, ପ୍ରଶିକ୍ଷଣ, ନୈତିକ ମାନଦଣ୍ଡ ଏବଂ ପେସାଗତ କାର୍ଯ୍ୟପ୍ରଣାଳୀ ପାଇଁ ସ୍ପଷ୍ଟ ମାନକ ନିର୍ଦ୍ଧାରଣ କରିବ। ଏହାସହିତ ସାମାଜିକ କର୍ମୀମାନଙ୍କର ଚାକିରି ସ୍ଥିତିରେ ମଧ୍ୟ ଉନ୍ନତି ଆଣିବା ଆବଶ୍ୟକ। ସରକାରୀ ଯୋଜନା, ବେସରକାରୀ ସଂଗଠନ ଏବଂ ବିଭିନ୍ନ ବିକାଶମୂଳକ ପ୍ରକଳ୍ପରେ କାର୍ଯ୍ୟରତ ସାମାଜିକ କର୍ମୀମାନଙ୍କୁ ଯଥୋଚିତ ଦରମା, ନିରାପଦ କାର୍ଯ୍ୟ ପରିବେଶ ଏବଂ ସାମାଜିକ ସୁରକ୍ଷା ସୁବିଧା ମିଳିବା ଉଚିତ। ସାମାଜିକ କାର୍ଯ୍ୟ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବା ମଧ୍ୟ ସମାନ ଭାବେ ଜରୁରୀ। ଏଥିପାଇଁ ଦୃଢ଼ ଶିକ୍ଷାଗତ ଭିତ୍ତି, ଉନ୍ନତ କ୍ଷେତ୍ର ପ୍ରଶିକ୍ଷଣ ଏବଂ ବ୍ୟବହାରିକ ଅଭିଜ୍ଞତା ଉପରେ ବିଶେଷ ଗୁରୁତ୍ୱ ଦେବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସାମାଜିକ କର୍ମୀମାନଙ୍କୁ ଜାତୀୟ ବିକାଶର ଅପରିହାର୍ଯ୍ୟ ସହଭାଗୀ ଭାବେ ସ୍ୱୀକୃତି ଦେବା ଆବଶ୍ୟକ। ସେମାନଙ୍କ ଜ୍ଞାନ ଓ ଦକ୍ଷତାକୁ ସରକାରୀ ନୀତି, ସ୍ୱାସ୍ଥ୍ୟ ବ୍ୟବସ୍ଥା, ଶିକ୍ଷାନୁଷ୍ଠାନ ଏବଂ ସାମୁଦାୟିକ ବିକାଶ କାର୍ଯ୍ୟକ୍ରମରେ ସଠିକ୍ ଭାବରେ ସାମିଲ କରାଯିବା ଉଚିତ। ଯେଉଁମାନେ ସମାଜକୁ ସୁରକ୍ଷା ଦିଅନ୍ତି, ସେମାନଙ୍କୁ ମଧ୍ୟ ସୁରକ୍ଷା ଦେବା ଦରକାର। ସାମାଜିକ କର୍ମୀମାନଙ୍କର ଅବଦାନକୁ ସ୍ୱୀକାର ନଲେ ଭାରତର ବିକାଶର କାହାଣୀ କେବେ ବି ସମ୍ପୂର୍ଣ୍ଣ ହେବ ନାହିଁ। ସାମାଜିକ କର୍ମୀମାନେ କୌଣସି ବିଶେଷ ସୁବିଧା ଦାବି କରୁନାହାନ୍ତି। ସେମାନେ କେବଳ ପେସାଗତ ସମ୍ମାନ, ନ୍ୟାୟସଙ୍ଗତ ସୁଯୋଗ ଏବଂ ମୌଳିକ ସୁରକ୍ଷା ଆଶା କରୁଛନ୍ତି। ଏବେ ସମୟ ଆସିଛି ସାମାଜିକ କର୍ମୀମାନଙ୍କୁ କେବଳ ଅଦୃଶ୍ୟ ସହାୟକ ଭାବରେ ନୁହେଁ, ବରଂ ରାଷ୍ଟ୍ର ଗଠନର ଅପରିହାର୍ଯ୍ୟ ସହଭାଗୀ ଭାବରେ ସ୍ୱୀକୃତି ଦେବାର।

(ସହକାରୀ ଅଧ୍ୟାପକ, ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ)
ଭୁବନେଶ୍ୱର, ମୋ: ୯୮୬୨୦୬୫୧୬୪

## ଆବେଗହୀନ ଶୈଶବ

ବିଶ୍ୱନାଥ ପାଢ଼ୀ

ଆଜିର ବଦଳୁଥିବା ସମାଜରେ ପିଲାମାନଙ୍କ ଆଚରଣରେ ଏକ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ସେମାନେ ଏକାନ୍ତ ବା କୋଠରି ଭିତରେ ଏକୁଟିଆ ରହିବାକୁ ପସନ୍ଦ କରୁଛନ୍ତି। ମିଳାମିଶା କରିବାକୁ କେହି କହିଲେ କିମ୍ବା ମିଳାମିଶା ପାଇଁ ଚେଷ୍ଟା କଲେ ସେମାନେ ଉତ୍କ୍ଷିପ୍ତ ହୋଇପଡୁଛନ୍ତି। 'ଜେନ-ଜେଡ୍' ପିଢ଼ିର ପିଲାମାନଙ୍କ ମଧ୍ୟରେ ଅନେକ ସମୟରେ ଏକ ଅଜବ ଜିଦ୍‌ଖୋର ମନୋଭାବ ଦେଖାଯାଉଛି, ଯେଉଁଠାରେ ସେମାନେ ନିଜକୁ ସର୍ବଦା ଠିକ୍ ବୋଲି ପ୍ରମାଣ କରିବାକୁ ଚାହୁଁଛନ୍ତି। ଖେଳପଡ଼ିଆରେ ହେଉ ବା ପାଠପଢ଼ାରେ, ସେମାନେ ପରାଜୟକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଯଦି କେହି ସେମାନଙ୍କୁ ସାମାନ୍ୟ ଥଟ୍ଟା କରୁଛି ବା ସେମାନଙ୍କ ଦୋଷ ଦେଖାଇଦେଉଛି, ତେବେ ସେମାନେ ଅତ୍ୟଧିକ ପ୍ରତିକ୍ରିୟାଶୀଳ ହୋଇଯାଉଛନ୍ତି ଏବଂ ନିଜର ଆବେଗ ଉପରେ ନିୟନ୍ତ୍ରଣ ହରାଉଛନ୍ତି। ଏହି ପିଲାମାନେ କୌଣସି ଭୁଲ୍ କରିଥିଲେ ମଧ୍ୟ କେବେ କ୍ଷମା ମାଗିବାକୁ ପସନ୍ଦ କରୁନାହାନ୍ତି, ବରଂ ନିଜ ଅଭିମାନକୁ ବଡ଼ ମନେ କରି ଅନ୍ୟମାନଙ୍କଠାରୁ ଖୁବ୍ ଶୀଘ୍ର ଦୂରେଇ ଯାଉଛନ୍ତି। ସେମାନଙ୍କ ମଧ୍ୟରେ ସମ୍ପର୍କରୁ ବିଚ୍ଛିନ୍ନ ହେବାର ପ୍ରବୃତ୍ତି ଏତେ ଅଧିକ ଯେ, ସେମାନେ ନିଜର ବଡ଼ କିମ୍ବା ସାନ ଭାଇଭଉଣୀଙ୍କ ସହ ମଧ୍ୟ ନିଜ ମନର କଥା ବାଣ୍ଟୁନାହାନ୍ତି। ଏହା କେବଳ ଡିଜିଟାଲ୍ ନିଶା ନୁହେଁ, ବରଂ ଏକ ଗଭୀର ମାନସିକ ଦୂରତା।

ପିଲାମାନେ ଆଜିକାଲି ନିଜକୁ ଗୁପ୍ତ ରଖିବାକୁ ଚେଷ୍ଟା କରୁଛନ୍ତି, ଯାହାଫଳରେ ସେମାନଙ୍କ ସାମାଜିକ ବିକାଶ ବାଧାପ୍ରାପ୍ତ ହେଉଛି। ସେମାନଙ୍କର ଏହି 'ଇଗୋ' ବା ଅହଂକାର ସେମାନଙ୍କୁ ବାସ୍ତବ ଦୁନିଆର ଶିକ୍ଷା ଓ ସଂସ୍କାରଠାରୁ ଦୂରେଇ ନେଉଛି। ଆଜିକାଲିର ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଏହି ଆଚରଣଗତ ପରିବର୍ତ୍ତନ ପଛରେ କେବଳ ସେମାନଙ୍କର ଜିଦ୍ ନୁହେଁ ବରଂ କିଛି ଗଭୀର ମାନସିକ ଏବଂ ସ୍ନାୟବିକ କାରଣ ମଧ୍ୟ ରହିଛି। ପ୍ରଥମତଃ, ସାମାଜିକ ଗଣମାଧ୍ୟମ ଏବଂ ଭିଡିଓ ଗେମ୍‌ର ଅତ୍ୟଧିକ ବ୍ୟବହାର ଯୋଗୁଁ ମସ୍ତିଷ୍କରେ 'ଡୋପାମାଇନ୍' ନାମକ ହରମୋନ୍ କ୍ଷରିତ ହେଉଛି। ଯାହା ପିଲାଙ୍କୁ ତତ୍କାଳ ସନ୍ତୋଷ ଦେଉଛି। ଯେତେବେଳେ ସେମାନେ ବାସ୍ତବ ଦୁନିଆକୁ ଆସୁଛନ୍ତି ବା ସାମାଜିକ କାର୍ଯ୍ୟକ୍ରମକୁ ଯାଉଛନ୍ତି, ସେଠାରେ ଏହି ସନ୍ତୋଷ ତାଙ୍କୁ ଧୀରେ ଧୀରେ ମିଳୁଛି, ଫଳରେ ସେମାନେ ବିରକ୍ତ ହେଉଛନ୍ତି ଏବଂ ଏକାକୀ ରହିବାକୁ ପସନ୍ଦ କରୁଛନ୍ତି। ଦ୍ୱିତୀୟରେ ମସ୍ତିଷ୍କର 'ଆମିଗଡ଼ାଲା' ଅଂଶ ଆମର ଭୟ ଓ କ୍ରୋଧକୁ ନିୟନ୍ତ୍ରଣ କରୁଛି। ଯେତେବେଳେ ପିଲାମାନଙ୍କୁ କେହି ଥଟ୍ଟା କରୁଛି ବା ସେମାନେ ହାରିଯାଉଛନ୍ତି, ସେମାନଙ୍କର ଏହି ଅଂଶ ଅଧିକ ସକ୍ରିୟ ହେଇଯାଉଛି, ଯାହାଫଳରେ ସେମାନେ ଆବେଗ ଉପରେ ନିୟନ୍ତ୍ରଣ ହରାଇ ବସୁଛନ୍ତି। କିଶୋର ଅବସ୍ଥାରେ ମସ୍ତିଷ୍କର ଯେଉଁ ଅଂଶ (ପ୍ରି-ଫ୍ରଣ୍ଟାଲ କର୍ଟେକ୍ସ) ନିଷ୍ପତ୍ତି ନେବା ଏବଂ ସମ୍ପର୍କ ବୁଝିବାରେ ସାହାଯ୍ୟ କରେ ତାହା ତାଙ୍କର ସମ୍ପୂର୍ଣ୍ଣ ବିକଶିତ ହୋଇ ନ ଥିବା କାରଣରୁ ସେମାନେ ନିଜକୁ ସବୁବେଳେ ଠିକ୍ ମନେ କରୁଛନ୍ତି ଏବଂ ଯୁକ୍ତି କରୁଛନ୍ତି। ସବୁବେଳେ ଡିଜିଟାଲ୍ ଦୁନିଆରେ ରହିବା ଫଳରେ ବାସ୍ତବ ଦୁନିଆର ସମ୍ପର୍କୀୟଙ୍କ ସହ କଥା ହେବାକୁ ମଧ୍ୟ ସେମାନେ ଭୟ (ସୋସିଆଲ୍ ଆଙ୍ଗଜାଇଟି) ମନେ କରୁଛନ୍ତି, ଯାହାକୁ ସେମାନେ 'ପ୍ରାଇଭେସି' ବା 'ଗୋପନୀୟତା'ର ନାମ ଦେଉଛନ୍ତି।

ଏହି ପିଲାମାନଙ୍କୁ କେବଳ ଗାଳି କରିବା କିମ୍ବା ଶାସନ କରିବା ସମାଧାନ ନୁହେଁ। ସେମାନଙ୍କ ମଧ୍ୟରେ ଦୟା, କ୍ଷମା ଓ ମିଳାମିଶାର ଗୁଣ ଭରିବା ପାଇଁ ଆମକୁ ବନ୍ଧୁ ଭଳି ସେମାନଙ୍କ ସହ ସମୟ ବିତାଇବାକୁ ହେବ। ରାତିରେ ଶୋଇବା ପୂର୍ବରୁ ଏବଂ ପରିବାର ସହ ଖାଇବା ସମୟରେ ମୋବାଇଲ୍ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହେବ। ଏହା ମସ୍ତିଷ୍କକୁ ଶାନ୍ତ ରଖିବାରେ ସାହାଯ୍ୟ କରିବ। ପିଲାଙ୍କୁ ବୁଝାଇବାକୁ ହେବ ଯେ ପରାଜୟର ଅର୍ଥ ଶେଷ ନୁହେଁ, ବରଂ ଶିଖିବାର ଏକ ସୁଯୋଗ। ସେମାନଙ୍କୁ ବିଭିନ୍ନ ଦଳଗତ କାର୍ଯ୍ୟ ବା ଖେଳରେ ସାମିଲ କରିବାକୁ ହେବ, ଯେଉଁଠି ସେମାନେ ଜିତିବା ଅପେକ୍ଷା ମିଳିମିଶି ଖେଳିବାର ଗୁରୁତ୍ୱ ବୁଝିବେ। ସେମାନଙ୍କୁ 'କ୍ଷମା' ଓ 'ଧନ୍ୟବାଦ'ର ଗୁରୁତ୍ୱ ଜଣେଇବାକୁ ହେବ। ଯଦି ପିଲା କୌଣସି ଜିନିଷ ପାଇଁ ରାଗୁଛି, ତେବେ ତା' ଉପରେ ରାଗିବା ପରିବର୍ତ୍ତେ ତା'କୁ ଶାନ୍ତ ହେବାକୁ ସମୟ ଦେଇ ପରେ ସେହି ବିଷୟରେ ଆଲୋଚନା କରିବାକୁ ହେବ। ପିଲାଙ୍କୁ ସବୁ ଜିନିଷ ତୁରନ୍ତ ଦେବା ଅପେକ୍ଷା କିଛି ସମୟ ଅପେକ୍ଷା କରାଇବା ଶିଖାଇବାକୁ ହେବ। ଏହା ସେମାନଙ୍କ ଆବେଗିକ ନିୟନ୍ତ୍ରଣ କ୍ଷମତା ବଢ଼ାଇବ। ପିଲାଙ୍କ ସହ ଏମିତି ସମ୍ପର୍କ ରଖିବାକୁ ହେବ ଯେପରି ସେମାନେ ନିଜ ମନର କଥା କହିବାକୁ ଭୟ କରିବେ ନାହିଁ। ଯେତେବେଳେ ସେମାନେ ଜାଣିବେ ଯେ ସେମାନଙ୍କୁ କେହି ସମାଲୋଚନା କରୁନାହିଁ, ସେମାନେ ନିଜକୁ ଏକୁଟିଆ କରି ରଖିବା ବନ୍ଦ କରିଦେବେ।

ପିଲାମାନଙ୍କୁ ବଦଳାଇବା ପାଇଁ ପ୍ରଥମେ ଆମକୁ ସେମାନଙ୍କ ଦୁନିଆକୁ ବୁଝିବାକୁ ହେବ। ସ୍ନେହ ଓ ସଠିକ୍ ବୁଝାମଣା ହିଁ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିପାରିବ। ସେମାନଙ୍କ 'ପ୍ରାଇଭେସି'କୁ ସମ୍ମାନ ଦେବା ସହ ସେମାନଙ୍କୁ ସାମାଜିକ ଦାୟିତ୍ୱବୋଧ ବିଷୟରେ ବୁଝାଇବାକୁ ହେବ, ଯେପରି ସେମାନେ ସେହି ଅନ୍ଧକାରପୂର୍ଣ୍ଣ ଏକାକୀପଣରୁ ବାହାରି ଏକ ସୁସ୍ଥ ପାରିବାରିକ ଜୀବନ ବଞ୍ଚିପାରିବେ। ଆମକୁ ସେମାନଙ୍କୁ ଶିଖାଇବାକୁ ହେବ ଯେ ଜୀବନରେ ହାରିବା ଏବଂ କ୍ଷମା ମାଗିବା ମଣିଷକୁ ଛୋଟ କରେନାହିଁ, ବରଂ ମହାନ କରିଥାଏ।

(ଓଡ଼ିଶା ଆଦର୍ଶ ବିଦ୍ୟାଳୟ)
ସତ୍ୟବାଦୀ(ପୁରୀ), ମୋ: ୯୨୩୮୮୩୧୬୫୮

## ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଐତିହ୍ୟ ଓ ସାଂସ୍କୃତିକ ମିଳନ

ଡକ୍ଟର ଗୌରୀଶଙ୍କର ଯୁଗ ପ୍ରକାଶ ଜେନା

ଜଗନ୍ନାଥ ସଂସ୍କୃତି ହେଉଛି ଭାରତର ସବୁଠାରୁ ପ୍ରାଚୀନ ପ୍ରାକୃତିକ ଐତିହ୍ୟ। ଆଦିବାସୀ ଉତ୍ପତ୍ତିର ଦେବତା ଭାବରେ ପ୍ରଭୁ ଜଗନ୍ନାଥ ଓଡ଼ିଶାର କିମ୍ବଦନ୍ତୀ, ଲୋକକଥା ଓ ଐତିହାସିକ ତଥ୍ୟରୁ ସ୍ପଷ୍ଟ ହୁଏ। ଶବର ଜନଜାତି ଦ୍ୱାରା ଶ୍ରୀଜଗନ୍ନାଥଙ୍କ ପୂଜା ପରବର୍ତ୍ତୀ ସମୟରେ ହିନ୍ଦୁ ରୀତିନୀତିରେ ଗ୍ରହଣ କରାଯାଇଛି। ଓଡ଼ିଶାର ଆଞ୍ଚଳିକ ପରମ୍ପରା ଏକ ଜନଜାତି ନିରନ୍ତରତାକୁ ପ୍ରତିନିଧିତ୍ୱ କରେ। ରାଜ୍ୟରେ ପ୍ରାୟ ୬୪ ଟି ଆଦିବାସୀ ସମ୍ପ୍ରଦାୟ ଅଛି, ଯାହା ରାଜ୍ୟ ଜନସଂଖ୍ୟାର ୨୩ ପ୍ରତିଶତ। ରାଜ୍ୟରେ ବିପୁଳ ଆଦିବାସୀ ଜନସଂଖ୍ୟାର ଉପସ୍ଥିତି ହିନ୍ଦୁ ଓ ଆଦିବାସୀ ସଂସ୍କୃତିର ମିଶ୍ରଣକୁ ପ୍ରୋତ୍ସାହିତ କରିଛି, ଯାହାମଧ୍ୟରୁ ଶ୍ରୀଜଗନ୍ନାଥ ସଂସ୍କୃତି ବିକଶିତ ହୋଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରକୃତି ପୂଜା ଉପରେ ବହୁତ ଗୁରୁତ୍ୱ ଦିଏ। ଶ୍ରୀଜଗନ୍ନାଥ ମନ୍ଦିରର ବିଭିନ୍ନ ରୀତିନୀତି ପରିବେଶ ସମ୍ବେଦନଶୀଳ, ଯାହା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରେ ଏବଂ ଭାରତର ଅମୂର୍ତ୍ତ ପ୍ରାକୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବାରେ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ଆଦିବାସୀ ରୀତିନୀତି ପ୍ରଥା ସହିତ ଜଗନ୍ନାଥ ସଂସ୍କୃତିକୁ ପରସ୍ପର ସହିତ ସଂଯୁକ୍ତ କରୁଥିବା ପ୍ରକୃତିର ପୂଜା ନିମ୍ନମତେ-

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



୧. ଶ୍ରୀଜଗନ୍ନାଥଙ୍କୁ ଦାରୁବ୍ରହ୍ମ ଭାବରେ ପୂଜା କରାଯାଏ, ଯାହା ଭାରତ କିମ୍ବା ବିଦେଶର ଅନ୍ୟ କୌଣସି ହିନ୍ଦୁ ମନ୍ଦିରରେ ଦେଖାଯାଏ ନାହିଁ। ଏହା ଅନନ୍ୟ, ରହସ୍ୟମୟ ଓ ଅତୁଳନୀୟ। ୨. ମହାପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଗିନୀ ସୁଭଦ୍ରା ତ୍ରିମୂର୍ତ୍ତିଙ୍କ ପୂଜା ଓଡ଼ିଶାର ସୌରା ଏବଂ ଅନ୍ୟାନ୍ୟ ଆଦିବାସୀ ସମ୍ପ୍ରଦାୟର ଭାଇଭଉଣୀ ପୂଜା ସହିତ ସମାନ। ୩. ଅରୁଣ ସ୍ତମ୍ଭ, ଗରୁଡ଼ ସ୍ତମ୍ଭ ଏବଂ କଳ୍ପବଟ (ବରଗଛ)ଙ୍କ ବୃକ୍ଷ ପୂଜା ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ କାଠସ୍ତମ୍ଭ ପୂଜା ସହିତ ସମାନ। ୪. ଜଗନ୍ନାଥ ମନ୍ଦିରର ଦଇତାପତିମାନେ ବିଶ୍ୱାବସୁଙ୍କ ଉତ୍ତରାଧିକାରୀ ବୋଲି କୁହାଯାଏ। ସେମାନେ ଜଗନ୍ନାଥଙ୍କ ସଭାର ଭକ୍ତ। ସେମାନଙ୍କୁ ଅଣସର ସମୟରେ ପୁରୀ ମନ୍ଦିରରେ ଗୁପ୍ତ ରୀତିନୀତି ଓ ରଥଯାତ୍ରାର ଦାୟିତ୍ୱ ନ୍ୟସ୍ତ କରାଯାଏ। ୫. ଅଣସର ସମୟରେ ଦେବତାମାନଙ୍କର ଅଣସରପଟ୍ଟି (ପାରମ୍ପରିକ ପଟ୍ଟ ଚିତ୍ର) ପୂଜା ଏବଂ ଦେବତାମାନଙ୍କୁ ଔଷଧ ଭାବରେ ନୂତନ ଫଳ, ଫୁଲ ଓ ଔଷଧି ଅର୍ପଣ କରିବା ଆଦିବାସୀ ରୀତିନୀତି ପ୍ରଥା ସହିତ ସମାନତାକୁ ସୂଚିତ କରେ। ୬. ପୁଷ୍ଟିଯୁକ୍ତ ମୂଲ୍ୟ ଓ ଜୀବସାର ସଂରକ୍ଷଣ କରି ମାଟି ପାତ୍ରରେ ବାଷ୍ପ ଦେଇ ସୁଆରମାନେ ପ୍ରତିଦିନ ପ୍ରସ୍ତୁତ ମହାପ୍ରସାଦ ଦେବତାମାନଙ୍କୁ ଅର୍ପଣ କରନ୍ତି ଏବଂ ତା'ପରେ ସମସ୍ତଙ୍କ ଦ୍ୱାରା ଗ୍ରହଣ କରାଯାଏ। ଏହା ବ୍ୟତୀତ, ପୁରୀ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କୁ ଛପନ ଭୋଗ (ଛପନ ପ୍ରକାରର ନୈବେଦ୍ୟ)ରେ ଓଡ଼ିଶାର ଜନଜାତିମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟ ଅନ୍ତର୍ଭୁକ୍ତ। ୭. ପୁରୀ ମନ୍ଦିରରେ ପାଳିତ ପର୍ବଗୁଡ଼ିକ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ପାଳିତ ପର୍ବଗୁଡ଼ିକ ସହିତ ବହୁତ ସମାନ। ୮. ନବକଳେବର ରୀତି ହେଉଛି ଓଡ଼ିଶାର ସୌରା, ଗଣ୍ଡ, କନ୍ଧ ଏବଂ ଅନ୍ୟାନ୍ୟ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ପାଳନ କରାଯାଉଥିବା ଆଦିବାସୀ ରୀତି ପ୍ରଥାର ଏକ ବଡ଼ ପ୍ରତିକୃତି, ଯେଉଁମାନେ ଜଗନ୍ନାଥଙ୍କୁ ସେମାନଙ୍କର ମୂଳ ଦେବତା ବୋଲି ଦାବି କରନ୍ତି। ନବକଳେବର ରୀତି ସମୟରେ ଅଙ୍କୁରାରୋପଣ (ବୀଜର ଅଙ୍କୁରିତ ହେବା) ଏବଂ ତା'ପରେ ଯଜ୍ଞ (ଅଗ୍ନି ଯଜ୍ଞ), କାଠ ଦେବତାଙ୍କ ସମାଧି (ମାଟିର ଉର୍ବରତା ବୃଦ୍ଧି) ଏବଂ ଅନ୍ୟାନ୍ୟ ଏପରି ପ୍ରଥା ବୈଜ୍ଞାନିକ, ଆଧ୍ୟାତ୍ମିକ ଏବଂ ନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ବିଭିନ୍ନ ରୀତିନୀତି ଓଡ଼ିଶାର ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ଯଥା ସୌରା, ଗଣ୍ଡ, କନ୍ଧ, ସାନ୍ତାଳ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟ ଦ୍ୱାରା ପାଳନ କରାଯାଉଥିବା ସ୍ୱତନ୍ତ୍ର ପାରମ୍ପରିକ ଜ୍ଞାନ, ମୌଖିକ ପରମ୍ପରା ଏବଂ ରୀତିନୀତି ପ୍ରଥାର ସଂରକ୍ଷଣକୁ ସମର୍ଥନ କରେ। ଏହି ସର୍ବୋତ୍ତମ ପ୍ରଥାଗୁଡ଼ିକୁ ମୂଳତଃ ସଂରକ୍ଷିତ କରାଯିବା ଆବଶ୍ୟକ। ଅସ୍ପଷ୍ଟ ପ୍ରାକୃତିକ ଓ ସାଂସ୍କୃତିକ ଐତିହ୍ୟ ପରିପ୍ରେକ୍ଷୀରେ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରାଯିବା ଆବଶ୍ୟକ। ଅଭିଜ୍ଞତାମୂଳକ କ୍ଷେତ୍ର ଆଧାରିତ ଗବେଷଣା ତତ୍ତ୍ୱ ଓ ତଥ୍ୟ ମାଧ୍ୟମରେ ଏହାକୁ ଅଧିକ ପ୍ରଚାର ପ୍ରସାର କରାଯିବା ଆବଶ୍ୟକ। ଏହା ଭାରତୀୟ ଜ୍ଞାନ ପରମ୍ପରା, ସଂସ୍କୃତି, ରୀତିନୀତି ଓ ଭାରତୀୟ ଜ୍ଞାନ ବିଜ୍ଞାନ ସାମ୍ରାଜ୍ୟକୁ ଋଦ୍ଧିମନ୍ତ କରିବାରେ ସହାୟକ ହେବ।

(ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗ)
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୪ ବର୍ଷର ପୁଅକୁ ହତ୍ୟାକଲା ବାପା



କପ୍ତିପଦା,୧୬।୭(ସମିସ): ବାପା ସାଜିଲା ଜହ୍ଲାଦ। ଦୁନିଆଁ କ'ଣ ଜାଣି ନ ଥିବା ୪ ବର୍ଷର ପୁଅକୁ କଟୁରୀରେ ହାଣି ହତ୍ୟା କରିଛି ବାପା। ଏଭଳି ଏକ ହୃଦୟ ବିଦାରକ ଘଟଣା ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମରେ ଘଟିଛି। ପୁରୁଣାପାଣି ଗ୍ରାମର ସୋହନ ସିଂ ଆଜି ସକାଳେ ଘରେ କେହି ନ ଥିବାବେଳେ ତାଙ୍କର ୪ ବର୍ଷର ପୁଅ ଦୁମ୍ବି ସିଂଙ୍କୁ କଟୁରୀରେ ହାଣି ହତ୍ୟା କରିଛନ୍ତି। ଦୁମ୍ବିର ମାଆ ସୁକାନ୍ତୀ ଘରକୁ ଆସି କବାଟ ବନ୍ଦ ଥିବା ଦେଖି ପୁତୁରାକୁ ଡାକିଥିଲେ। ସେ କବାଟ ଭାଙ୍ଗି ଦୁମ୍ବି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ ଓ ଶରତ ମେଡିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଉଦଳା ମେଡିକାଲକୁ ରେଫର କରିଥିଲେ। ତେବେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ସୋହନଙ୍କୁ ଗିରଫ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରିଛି। ତେବେ କେଉଁ କାରଣରୁ ସୋହନ ଏଭଳି ଅମାନୁଷିକ କାଣ୍ଡ ଭିଆଇଲେ, ତାହା ଜଣାପଡ଼ି ନ ଥିବାବେଳେ ସେ ପାଗଳ ହୋଇଯାଇଥିବା ସ୍ତ୍ରୀ ସୁକାନ୍ତୀ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦି' ହାତ...

ଅଧଘଣ୍ଟାଏ ପୂର୍ବରୁ ଅର୍ଥାତ୍ ଭୋର୍ ସାଢ଼େ ୫ଟାରେ ଆଳତି ହୋଇଥିଲା। ସେହିପରି ସକାଳ ସାଢ଼େ ୯ଟାରେ ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ପାଇଁ ନୀତି ନିର୍ଘଣ୍ଟ ହୋଇଥିଲାବେଳେ ୯ଟାରେ ଆରମ୍ଭ ହୋଇଥିଲା ପହଣ୍ଡି। ଲାଗୁଥିଲା ରଥଟଣା ଧାର୍ଯ୍ୟ ସମୟ ପୂର୍ବରୁ ଆରମ୍ଭ ହୋଇଯିବ। କିନ୍ତୁ ସେମିତି ହେଲାନି। ପହଣ୍ଡିରେ ଅଭିମାନ କରିଥିଲେ କଳାଠାକୁର। ଫଳରେ ମଧ୍ୟାହ୍ନ ସାଢ଼େ ୧୨ଟାରେ ପହଣ୍ଡି ସରିବାକୁ ଧାର୍ଯ୍ୟ ହୋଇଥିବାବେଳେ ଦେଢ଼ଘଣ୍ଟା ବିଳମ୍ବ ହୋଇ ଅପରାହ୍ଣ ୨ଟାରେ ସରିଥିଲା। ସେହିପରି ୧ ଘଣ୍ଟା ୧୦ ମିନିଟ୍ ବିଳମ୍ବରେ ଅର୍ଥାତ୍ ଅପରାହ୍ଣ ୫ଟା ୧୦ରେ ଗଡ଼ିଥିଲା ରଥ।

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଭକ୍ତମୟ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ଯଦିଓ ଦୁଇଦିନ ଧରି ପୁରୀରେ ଲଗାଣ ବର୍ଷା ହେଉଥିଲା, ତଥାପି ବୁଧବାର ସନ୍ଧ୍ୟାରେ ବଡ଼ଦାଣ୍ଡରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଗୁରୁବାର ସକାଳୁ ସକାଳୁ ବଡ଼ଦାଣ୍ଡ ଜନସମୁଦ୍ରରେ ପରିଣତ ହୋଇଥିଲା। ରଥାରୂଢ଼ ଠାକୁରଙ୍କ ଦର୍ଶନ ଲାଗି ପୁରୀକୁ ଛୁଟିଆସିଥିଲେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ। ଗୁରୁବାର ଭୋର୍ ସାଢ଼େ ୫ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ସକାଳ ସାଢ଼େ ୮ଟାରେ ସକାଳଧୂପ ସରିଥିଲା। ୮ଟା ୪୫ରେ ରଥ ପ୍ରତିଷ୍ଠା ପରେ ପୁଷ୍ପାଞ୍ଜଳି ଓ ଡୋରଲାଗି ସରି ବାଜିଥିଲା ବିଜେ କାହାଳୀ। ଶେଷରେ ପ୍ରତୀକ୍ଷାର ଅନ୍ତ ଘଟିଥିଲା। ଧାର୍ଯ୍ୟ ସମୟର ୩୦ ମିନିଟ୍ ପୂର୍ବରୁ ସକାଳ ୯ଟାରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି। ହରିବୋଲ, ହୁଳହୁଳି, ଘଣ୍ଟନାଦ ଏବଂ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସିଂହଦ୍ୱାର ସମ୍ମୁଖ। ପରମ୍ପରା ଅନୁଯାୟୀ ଧାଡ଼ି ପହଣ୍ଡିରେ ଆସିଥିଲେ ଦାରୁବିଗ୍ରହ। ପ୍ରଥମେ ଶ୍ରୀସୁଦର୍ଶନ, ତା'ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ରଥାରୂଢ଼ ହୋଇଥିଲେ। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ଅପରାହ୍ଣ ସାଢ଼େ ୧ଟା ସୁଦ୍ଧା ରଥରେ ବିଜେ କରିଥିଲେ। ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା ସଅଳ ସଅଳ ରଥାରୂଢ଼ ହୋଇଯାଇଥିଲେ। ହେଲେ ହଟ ଭିଆଇଥିଲେ ହଟିଆ ଠାକୁର। ମାନ କରିବା ଭଳି ଧୀରେ ଧୀରେ ହଲି ଦୋହଲି ଆଗକୁ ବଢ଼ିଥିଲେ। ପ୍ରାୟ ଅଢ଼େଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ହଲିଝୁଲି ଶେଷରେ ଭାବ ବିନୋଦିଆ କଳା ଠାକୁର ରଥାରୂଢ଼ ହୋଇଥିଲେ। ମଦନମୋହନ, ରାମ ଓ କୃଷ୍ଣ ରଥକୁ ବିଜେ କରିବା ପରେ ମହାପ୍ରଭୁଙ୍କ ଚିତାଲାଗି କରାଯାଇଥିଲା। ଏହାପରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ତାଙ୍କର ଶିଷ୍ୟ ସାଧକଙ୍କ ସହିତ ଆସି ତିନିରଥ ଉପରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଶଙ୍କରାଚାର୍ଯ୍ୟ ବିଦାୟ ପରେ ମହାପ୍ରଭୁଙ୍କ ବେଶ କରାଯାଇଥିଲା।

ଠାକୁରଙ୍କ ବେଶ ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାମ୍ରଯାନରେ ଶ୍ରୀନଅରରୁ ଆସି ଅପରାହ୍ଣ ସାଢ଼େ ୩ଟା ସୁଦ୍ଧା ରଥ ପାଖରେ ପହଞ୍ଚିଥିଲେ। ବିଧି ଅନୁଯାୟୀ, ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥରେ ଗଜପତି ମହାରାଜା ଛେରାପହଁରା ସାରି ୪ଟା ୪୦ରେ ଫେରିଯାଇଥିଲେ। ଛେରାପହଁରା ଅପରାହ୍ଣ ୩ଟା ସୁଦ୍ଧା ଶେଷ ହେବାକୁ ନୀତି ନିର୍ଘଣ୍ଟ ହୋଇଥିଲା। ଗଜପତି ପ୍ରଥମେ ତାଳଧ୍ୱଜ ରଥରେ ଛେରାପହଁରା ସାରିବା ପରେ ବଡ଼ଠାକୁରଙ୍କ ରଥରେ ଚାରମାଳ ଫିଟା ଯାଇ ଘୋଡ଼ା ଓ ସାରଥୀ ଲାଗିଥିଲା। ଅପରାହ୍ଣ ୪ଟାରେ ରଥଟଣା ଯିବାକୁ ଧାର୍ଯ୍ୟ ହୋଇଥିବାବେଳେ ୧ ଘଣ୍ଟା ୧୦ ମିନିଟ୍ ବିଳମ୍ବରେ ଅର୍ଥାତ୍ ୫ଟା ୧୦ରେ ରଥଟଣା ଆରମ୍ଭ ହୋଇଥିଲା। ଡାହୁକର ଡାକ ଏବଂ ଘଣ୍ଟ ମାଡ଼ରେ ପ୍ରଥମେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥକୁ ଟାଣିଥିଲେ ଭକ୍ତ। ଏହା ପରେ ସନ୍ଧ୍ୟା ୬ଟା ୧୦ରେ ଦେବଦଳନ ରଥ ଟଣାଯାଇଥିଲା। ଶେଷରେ ବିଧି ରକ୍ଷା ପାଇଁ ନନ୍ଦିଘୋଷ ରଥ ସନ୍ଧ୍ୟା ୭ଟା ୧୦ରେ ଟଣାଯାଇଥିଲା। ସିଂହଦ୍ୱାରଠାରୁ ମାତ୍ର ଦି' ହାତ ନନ୍ଦିଘୋଷ ଆଗକୁ ଗଡ଼ିବା ପରେ ରଥଟଣା ବନ୍ଦ ରହିଛି। ତେବେ ରଥ ଆଡ଼କୁ ଯିବା ପାଇଁ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ମରିଚିକୋଟ ଛକରେ ଠେଲାପେଲା ଏବଂ ଦଳାଚକଟା ଘଟି ଅନେକ ଶ୍ରଦ୍ଧାଳୁ ତଳେ ପଡ଼ିଯାଇଥିଲେ। ସେମାନଙ୍କ ଉପରେ ଅନ୍ୟମାନେ ଚଢ଼ିଯିବାରୁ ବହୁ ଭକ୍ତ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ସେମାନଙ୍କୁ ସୁରକ୍ଷା କର୍ମୀ ଓ ଅନ୍ୟ ଶ୍ରଦ୍ଧାଳୁମାନେ ଉଦ୍ଧାର କରି ଆମ୍ବୁଲାନ୍ସରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଥିରେ ୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଶତାଧିକ ଆହତ ହୋଇଥିଲେ। ମୃତକ ଦୁଇଜଣ ହେଉଛନ୍ତି କଟକର ଅନୀଲ କୁମାର ଦାସ ଏବଂ ଆନ୍ଧ୍ରପ୍ରଦେଶର ସୂର୍ଯ୍ୟପ୍ରକାଶ ରାଓ।

ଅପରପକ୍ଷେ ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରେ ଅଟକି ରହିଥିବା ତିନିରଥ ଚତୁଃପାର୍ଶ୍ୱକୁ କର୍ଡନ କରାଯାଇ ଲାଇଟ୍ ଲଗାଯାଇଛି। ଫଳରେ ଶ୍ରଦ୍ଧାଳୁମାନେ ରାତିରେ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିପାରିବେ। ରଥ ଉପରେ ହିଁ ମହାପ୍ରଭୁଙ୍କ ନୀତିକାନ୍ତି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ସକାଳେ ବଡ଼ଦାଣ୍ଡରେ ଅଟକିଥିବା ତିନିରଥ ଟଣାଯିବ। ଶନିବାର ଅପରାହ୍ଣ ପର୍ଯ୍ୟନ୍ତ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ। ଏହାପରେ ଅନୁଷ୍ଠିତ ହେବ ଠାକୁରଙ୍କ ଆଡ଼ପ ପହଣ୍ଡି। ଗୋଟି ପହଣ୍ଡିରେ ବିଜେ ହୋଇ ଆଡ଼ପମଣ୍ଡପକୁ ଯିବେ ଚତୁର୍ଦ୍ଧାମୂର୍ତ୍ତି। ଆଉ ଏହା ପରଠାରୁ ଜନ୍ମବେଦୀରେ ଆରମ୍ଭ ହେବ ମହାପ୍ରଭୁଙ୍କ ଲୀଳାଖେଳା।

### ବିନା ଟାହିଆରେ...

ଅନ୍ୟପକ୍ଷରେ ବିନା ଟାହିଆରେ ମହାପ୍ରଭୁଙ୍କୁ ଦେଖି ଲକ୍ଷ ଲକ୍ଷ ଭକ୍ତ, ଗବେଷକ ସମସ୍ତେ କ୍ଷୋଭ ପ୍ରକାଶ କରିଥିଲେ। ଏତେ ବଡ଼ ସେବା ଓ ନୀତିକାନ୍ତିରେ ଏଭଳି ସମନ୍ୱୟର ଅଭାବ ଏବଂ ପ୍ରଶାସନିକ ବିଭ୍ରାଟ କେମିତି ହେଲା ବୋଲି ପରସ୍ପରକୁ ପ୍ରଶ୍ନ କରିଥିଲେ। ଏହି ଅଘଟଣ ଜାଣିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁଲିସ ଡିଜି, ଏସ୍‌ପି, ଜିଲ୍ଲାପାଳ ସମସ୍ତେ ବିବ୍ରତ ହୋଇପଡିଥିଲେ। ଶେଷକୁ ବିନା ଟାହିଆରେ ସିଂହଦ୍ୱାର ଗୁମୁଟ ଅତିକ୍ରମ କରି ବଡ଼ଦାଣ୍ଡକୁ ବିଜେ କରିଥିଲେ କଳା ଠାକୁର।

ତିନିବର୍ଷ ଧରି ଲଗାତର ରଥଯାତ୍ରାରେ ଏଭଳି ଅଘଟଣ ପଛରେ ପରିଚାଳନାଗତ ତ୍ରୁଟି ନା ଆଉ କିଛି କାରଣ ରହିଛି? ଏମିତି ପ୍ରଶ୍ନବାଚୀ ସମସ୍ତଙ୍କ ମନରେ ସୃଷ୍ଟି ହେବା ସ୍ୱାଭାବିକ। ତେବେ ଚଳିତବର୍ଷ ରଥଯାତ୍ରାକୁ ସମ୍ପୂର୍ଣ୍ଣ ତ୍ରୁଟିହୀନ କରିବାକୁ ରାଜ୍ୟ ସରକାର ଘନ ଘନ ବୈଠକ କରିଥିଲେ ହେଁ ଠିକଣା ବେଳକୁ ସବୁ ଫେଲ୍ ମାରିଛି। ବର୍ଷା ଯୋଗୁଁ ଟାହିଆ ଓଜନିଆ ହୋଇ ନଷ୍ଟ ହେବାକୁ ଏହାକୁ ଖୋଲି ଦିଆଯାଇଥିଲା ବୋଲି ଜଣେ ସେବାୟତ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି। କିନ୍ତୁ ଅନ୍ୟଜଣେ ବରିଷ୍ଠ ସେବାୟତ ଦାମୋଦର ପଧାନୀ କହିଛନ୍ତି, ମହାପ୍ରଭୁଙ୍କ ମସ୍ତକରେ ଟାହିଆ ନ ରହିବା ଏହା ଅଶୁଭ ସୂଚନା ଦେଉଛି। ବିଗତ ବର୍ଷମାନଙ୍କରେ ସିଂହଦ୍ୱାର ଗୁମୁଟ ଅତିକ୍ରମ ପରେ ବି ସେମିତି ଟାହିଆ ଅକ୍ଷତ ଥିବା ଆମେ ଦେଖିଛୁ। ପହଣ୍ଡି ଏପରି କି, ଚାରମାଳ ଉପରେ ଚଢ଼ିବା ବେଳେ ଦୋଳାୟମାନ ଟାହିଆ ବେଶ୍ ଆକର୍ଷଣୀୟ ଲାଗିଥାଏ। ରୁନ୍ଧା ପୂର୍ବରୁ ଏହାକୁ ଖୋଲି ରଖାଯାଏ। ପହଣ୍ଡିରେ ଟାହିଆ ମଣ୍ଡିତ ମହାପ୍ରଭୁ ଝୁଲି ଝୁଲି ଯିବାର ଅପୂର୍ବ ଦୃଶ୍ୟ ଉପଭୋଗ କରନ୍ତି ଶ୍ରଦ୍ଧାଳୁ। ପ୍ରଭୁ କ'ଣ ଚାହୁଁଛନ୍ତି ସେ କେବଳ ଜାଣିଥିବେ ବୋଲି ଶ୍ରୀ ପଧାନୀ କହିଛନ୍ତି। ସେହିପରି ପରିଚାଳନା କମିଟି ସଦସ୍ୟ ମହେଶ୍ୱର ସାହୁ କହିଛନ୍ତି, ମହାପ୍ରଭୁ ବିନା ଟାହିଆରେ ବାହାରି ନାହାନ୍ତି। ନୀତି ନିୟମ ଅନୁସାରେ ସାତପାହାଚରେ ଶ୍ରୀମସ୍ତକରେ ଟାହିଆ ଲାଗି ହୋଇଥିଲା। କିଛି ବାଟ ଆସିବା ପରେ ଏଭଳି ଦୃଶ୍ୟ। ଏହା ମହାପ୍ରଭୁଙ୍କର ଏକ ଲୀଳା ହୋଇଥାଇପାରେ ବୋଲି ସେ ମତ ରଖିଛନ୍ତି।

ବର୍ଷାରେ ଟାହିଆ ନଷ୍ଟ ହୋଇଯିବା କଥାକୁ କିନ୍ତୁ ସହଜରେ ଗ୍ରହଣ କରିପାରି ନାହାନ୍ତି ଭକ୍ତ। ମହାପ୍ରଭୁଙ୍କ ପହଣ୍ଡି ସମୟରେ ଏମିତି ବର୍ଷା ହେଉ ନ ଥିଲା ଯେ, ଟାହିଆ ନଷ୍ଟ ହୋଇଯିବ। ଯଦି ବର୍ଷାରେ ଟାହିଆ ନଷ୍ଟ ହେବାର ପୂର୍ବରୁ ନଜିର ଥିଲା ତେବେ ୫ ଦିନ ଆଗରୁ ଲଘୁଚାପ ବର୍ଷାର ସୂଚନା ମିଳିଥିଲେ ମଧ୍ୟ ବିକଳ୍ପ ପ୍ରସ୍ତୁତି ନ ଥିଲା କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ଯଦିବି ଟାହିଆ ନଷ୍ଟ ହେଲା ସେହିଭଳି ଭଗ୍ନାଂଶ ଶ୍ରୀମସ୍ତକରେ ଥିଲେ କିଛି ଅସୁବିଧା ନ ଥିଲା। ବିନା ଟାହିଆରେ କାଳିଆ ଠାକୁରଙ୍କୁ ଏମିତି ପହଣ୍ଡିରେ ଅଣାଯିବା ଆଘାତ ଦେଉଛି ବୋଲି କହିଛନ୍ତି। ଅପରପକ୍ଷେ ଟାହିଆ ଖସିଯିବା ପରେ ଭିଡ଼ିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ହୋଇପାରିଲା ନାହିଁ। ତେଣୁ ପହଣ୍ଡି ବିଳମ୍ବ ହେଲା ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

'ଟାହିଆ' କେବଳ ଏକ ସାଧାରଣ ସାଜସଜ୍ଜା ଜିନିଷ ନୁହେଁ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ରଥଯାତ୍ରା ପରମ୍ପରାରେ ଏହାର ଏକ ଗଭୀର ଆଧ୍ୟାତ୍ମିକ, ତାତ୍ତ୍ୱିକ ଏବଂ ରୀତିନୀତିଗତ ଗୁରୁତ୍ୱ ରହିଛି। ଏହାକୁ 'ଇଚ୍ଛାଧୀନ' ବା 'ଅନାବଶ୍ୟକ' କୁହାଯାଇପାରିବ ନାହିଁ। ଧାଡ଼ି ପହଣ୍ଡି ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଡ଼ଠାକୁର ଶ୍ରୀବଳଭଦ୍ର କେବଳ ଚାଲନ୍ତି ନାହିଁ ବରଂ ଏକ ସ୍ୱତନ୍ତ୍ର ଛନ୍ଦରେ ଝୁଲିଝୁଲି ଆଗକୁ ବଢ଼ନ୍ତି। ଏହାକୁ 'ପହଣ୍ଡି ଗତି' କୁହାଯାଏ। ଏହି ଭାରି ଓ ବିଶାଳ ଟାହିଆଟି ସେହି ଝୁଲଣ ଗତି ସହିତ ତାଳ ଦେଇ ଆଗପଛ ହୋଇ ଦୋଳନ ହୋଇଥାଏ। ଏହା ଦେଖିବାକୁ ଅତ୍ୟନ୍ତ ମନୋରମ ଲାଗେ। ଟାହିଆ ବିନା ପହଣ୍ଡିର ସେହି ପାରମ୍ପରିକ ଗୌରବ ଓ ଆଧ୍ୟାତ୍ମିକ ଛନ୍ଦ ଅଧୁରା ରହିଯାଏ।

## ୧୧ କେଭି ବିଦ୍ୟୁତ୍ ତାରରେ ଲାଗିଲା ରଥ; ୫ ଗୁରୁତର

ଚନ୍ଦନେଶ୍ୱର, ୧୬।୭ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାନ୍ଥିଭଉଁରୀ ପଞ୍ଚାୟତ ଅଧୀନ ରଣସିଂହପୁର ଗ୍ରାମରେ ଗୁରୁବାର ରଥଟଣା ବେଳେ ଅଘଟଣ ଘଟିଛି।

ହରିପଦ ବାରିକଙ୍କ ଘରୁ ବାହାରିଥିବା ରଥ ଗ୍ରାମ ପରିକ୍ରମା କରୁଥିବାବେଳେ ନାରାୟଣ ଜେନାଙ୍କ ଘର ସମ୍ମୁଖ ମୁଖ୍ୟ ରାସ୍ତାରେ ଝୁଲି ରହିଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ମୁହୂର୍ତ୍ତକ ମଧ୍ୟରେ ରଥରେ ବିଦ୍ୟୁତ ପ୍ରବାହ ହୋଇ ନିଆଁ ଲାଗିଯିବା ସହ ରଥ ଟାଣୁଥିବା ଭକ୍ତମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା।

ଉକ୍ତ ରଥଟି ସମ୍ପୂର୍ଣ୍ଣ ଲୁହାରେ ନିର୍ମିତ ହୋଇଥିବା ସହ ରଥର ନେତ ମଧ୍ୟ ଲୁହାର ଥିବାରୁ ବିଦ୍ୟୁତ ପ୍ରବାହ ଦ୍ରୁତଗତିରେ ବ୍ୟାପିଯାଇଥିଲା। ଏହି ଦୁର୍ଘଟଣାରେ ବିଚିତ୍ରପୁରର ଜୀବନକୃଷ୍ଣ ଦାସଙ୍କ ହାତ ପୋଡ଼ିଯାଇଥିବାବେଳେ ସୁମିତ୍ରା ବାରିକ, ଗୌରୀଗୋପାଳ ବାରିକ, ପୂଜା ଲେଙ୍କା ଓ ପ୍ରଦୀପ ବାରିକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଆହତମାନଙ୍କୁ ସ୍ଥାନୀୟ ଲୋକମାନେ ତୁରନ୍ତ ଶ୍ରଦ୍ଧାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ଥିବାରୁ ତୁରନ୍ତ ସରକାରୀ ଚିକିତ୍ସା ମିଳିପାରି ନ ଥିଲା। ଫଳରେ ଘରୋଇ ଉପାୟରେ ପ୍ରାଥମିକ ଚିକିତ୍ସା

### ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ଥିବାରୁ ଚିକିତ୍ସାରେ ବିଳମ୍ବ ଅଭିଯୋଗ

କରାଯିବା ପରେ ସମସ୍ତ ଆହତଙ୍କୁ ଅଧିକ ଚିକିତ୍ସା ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଘଟଣା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ଥିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଯେଉଁ ମୁଖ୍ୟ ସଡ଼କରେ ଏହି ଦୁର୍ଘଟଣା ଘଟିଛି, ସେହି ସଡ଼କ ବିଶ୍ୱପ୍ରସିଦ୍ଧ ବାବା ଚନ୍ଦନେଶ୍ୱର ମନ୍ଦିର, ବିଚିତ୍ରପୁର ଇକୋ-ଟୁରିଜିମ ଏବଂ ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ପାଇଁ ପ୍ରସିଦ୍ଧ ବାବା ଭୂଷଣ୍ଡେଶ୍ୱର ମନ୍ଦିରକୁ ସଂଯୋଗ କରୁଥିବା ଏକ ବ୍ୟସ୍ତ ସଡ଼କ। ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଏହି ରାସ୍ତା ଦେଇ ଯାତାୟାତ କରୁଥାନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ସଡ଼କ ଉପରେ ୧୧ ହଜାର ଭୋଲ୍ଟର ବିଦ୍ୟୁତ ତାର ଝୁଲି ରହିଥିବା ସତ୍ତ୍ୱେ ସମ୍ପୃକ୍ତ ବିଭାଗ ପକ୍ଷରୁ ଏହାର ସ୍ଥାୟୀ ସମାଧାନ କରାଯାଇ ନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ଏହି ଘଟଣା ବିଦ୍ୟୁତ ସୁରକ୍ଷା ବ୍ୟବସ୍ଥା ଓ ସ୍ୱାସ୍ଥ୍ୟସେବାର ପ୍ରସ୍ତୁତିକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଦୁର୍ଘଟଣାର ନିରପେକ୍ଷ ତଦନ୍ତ, ଝୁଲନ୍ତା ବିଦ୍ୟୁତ ତାରର ତୁରନ୍ତ ମରାମତି, ଦାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଆହତମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ନବୀନଙ୍କ ନିର୍ଦ୍ଦେଶରେ ମୃତାହତଙ୍କ ପରିବାରକୁ ଭେଟିଲା ବିଜେଡି





### ୨ ମୃତକଙ୍କ ପରିବାରକୁ ଦିଆଯାଉ ୨୦ ଲକ୍ଷ ଲେଖାଏଁ କ୍ଷତିପୂରଣ

### ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ୩୬୨ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

### ବିଫଳ ବ୍ୟବସ୍ଥା ଓ ପ୍ରଶାସନିକ ଅବହେଳାର ଗମ୍ଭୀର ପରିଣାମ

ଭୁବନେଶ୍ୱର,୧୬।୭(ସମିସ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରଥଯାତ୍ରାରେ ଦଳାଚକଟାରେ ଆହତ ଭକ୍ତମାନଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭେଟି ସେମାନଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି ବିଜେଡିର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ଉମାକାନ୍ତ ସାମନ୍ତରାୟ ଓ ସୁଭାଶିଷ ଖୁଣ୍ଟିଆ। ଏହି ନେତାମାନେ ରଥଯାତ୍ରାରେ ଦଳାଚକଟାରେ ୨ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବା ସୂଚନା ପ୍ରଦାନ ସହ ରଥଯାତ୍ରା ପରିଚାଳନାରେ ଚରମ ଅସଫଳତା ପାଇଁ ରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ସୁରକ୍ଷା ଦାୟିତ୍ୱ ନେଇଥିବା ସରକାର ଏଥିରେ କାହିଁକି ବିଫଳ ହେଲେ, ତାହାର ଜବାବ ଓ ସମ୍ପୂର୍ଣ୍ଣ ତଦନ୍ତ ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

ଏହି ଅବସରରେ ଶ୍ରୀ ଦାସବର୍ମା କହିଛନ୍ତି ଯେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଦୁଇ ଜଣ ଭକ୍ତଙ୍କ ମୃତ୍ୟୁ ଖବର ଅତ୍ୟନ୍ତ ଦୁଃଖଦ ଓ ହୃଦୟବିଦାରକ। ଏହି ଦୁଃଖର ମୁହୂର୍ତ୍ତରେ ମୃତକଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା ଜଣାଉଛି। ଆହତ ଭକ୍ତମାନଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭେଟି ସେମାନଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜାଣିବା ସହିତ ଶୀଘ୍ର ଆରୋଗ୍ୟ କାମନା କରିଛି। ଗୁରୁବାର ସକାଳ ୮ଟାରୁ ବର୍ତ୍ତମାନ ସୁଦ୍ଧା ୩୬୨ ଜଣ ଭକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨୧ ଜଣ ଗୁରୁତର ଆହତ ଏବଂ ୨୩୩ ଜଣ ଆଂଶିକ ଆହତ ତଥା ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମୃତ ବ୍ୟକ୍ତିମାନଙ୍କ ପରିବାରକୁ ୨୦ ଲକ୍ଷ ଲେଖାଏଁ ଆର୍ଥିକ ସହାୟତା ଏବଂ ସମସ୍ତ ଗୁରୁତର ଆହତ (ଟ୍ରମା କେସ୍) ଭୁବନେଶ୍ୱରର ବିଭିନ୍ନ ଘରୋଇ ହସ୍ପିଟାଲ ତଥା ଏମ୍ସକୁ ଉତ୍ତମ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଉ। ସମସ୍ତ ଆହତ ଓ ଚିକିତ୍ସିତ ହେଉଥିବା ଭକ୍ତ ମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ବ୍ୟବସ୍ଥା କରନ୍ତୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ମୃତକଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ଏବଂ ଆହତ ସମସ୍ତ ଭକ୍ତଙ୍କୁ ଶୀଘ୍ର ସୁସ୍ଥ କରନ୍ତୁ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ପୁରୀ ରଥଯାତ୍ରାରେ ଅଘଟଣ ପ୍ରସଙ୍ଗ

## ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ

ଭୁବନେଶ୍ୱର,୧୬।୭(ସମିସ): ପବିତ୍ର ପୁରୀ ରଥଯାତ୍ରା ଅବସରରେ ଦଳାଚକଟା ଯୋଗୁଁ ଦୁଇଜଣ ଶ୍ରଦ୍ଧାଳୁଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ଏହାସହିତ ଶତାଧିକ ଭକ୍ତ ଆହତ ହୋଇଛନ୍ତି। ଏହି ଘଟଣାରେ ବିଜେଡି ଶୋକ ପ୍ରକାଶ କରିବା ସହ ରଥଯାତ୍ରାକୁ ତ୍ରୁଟିଶୂନ୍ୟ କରିବା ଲାଗି ସରକାରଙ୍କୁ ଅନୁରୋଧ କରିଛନ୍ତି।

ବିଜେଡି ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ମୃତ ଭକ୍ତଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ଆହତ ସମସ୍ତ ଭକ୍ତଙ୍କ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରିଛନ୍ତି। ରାଜ୍ୟ ସରକାରଙ୍କୁ ଆହତ ସମସ୍ତ ଭକ୍ତଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ସହ ପ୍ରଭାବିତ ପରିବାରମାନଙ୍କୁ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପବିତ୍ର ଧାର୍ମିକ ମହୋତ୍ସବ ମଧ୍ୟରୁ ଅନ୍ୟତମ ଅଟେ। ଯେଉଁଥିରେ କି ଦେଶ ତଥା ବିଦେଶରୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ଚଳିତ ବର୍ଷର ରଥଯାତ୍ରାରେ ଘଟି ଯାଇଥିବା ଏହିପରି ଦୁର୍ଭାଗ୍ୟଜନକ ଘଟଣା ସମସ୍ତ ଭକ୍ତଙ୍କୁ ଗଭୀର ମର୍ମାହତ କରିଛି। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ରଥଯାତ୍ରା ସମୟରେ ଜଣେ ଭକ୍ତଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫୦ରୁ ଅଧିକ ଭକ୍ତ ଭିଡଜନିତ ଅଘଟଣ ଓ ଅନ୍ୟାନ୍ୟ ଦୁର୍ଘଟଣାରେ ଆହତ ହୋଇଛନ୍ତି। ପୁରୀ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଘୋଷଯାତ୍ରା ବେଳେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଯେଉଁଥିରେ ଜଣେ ଭକ୍ତଙ୍କର ପ୍ରାଣହାନି ଘଟିଛି। ମୃତକ ଜଣକ କେନ୍ଦୁଝର ଜିଲ୍ଲାର ବାସିନ୍ଦା ଅନିଲ ଦାସ ବୋଲି ସୂଚନା ମିଳିଛି। ଏଭଳି ପ୍ରତ୍ୟେକ ଘଟଣା ଗଭୀର ଚିନ୍ତାର ବିଷୟ ଏବଂ ଏହାର ଯତ୍ନଶୀଳ ସମୀକ୍ଷା ଓ ଅନୁଧ୍ୟାନ ଆବଶ୍ୟକ। ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା, ସୁରକ୍ଷା ପ୍ରୋଟୋକଲ, ଜରୁରୀକାଳୀନ ଚିକିତ୍ସା ସେବା ଏବଂ ସାମଗ୍ରିକ ପ୍ରଶାସନିକ ପରିଚାଳନାର ଏକ ବ୍ୟାପକ ସମୀକ୍ଷା କରାଯିବା ଆବଶ୍ୟକ ଅଟେ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଅଘଟଣର ପୁର୍ନରାବୃତ୍ତି ଯେପରି ନହେବ ସେଥିପ୍ରତି ଯତ୍ନଶୀଳ ହୁଅନ୍ତୁ। ଆଗାମୀ ଭବିଷ୍ୟତରେ ଏଭଳି ଦୁର୍ଭାଗ୍ୟଜନକ ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଉପଯୁକ୍ତ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯିବା ସହ ପବିତ୍ର ଏହି ମହୋତ୍ସବରେ ଯୋଗ ଦେଉଥିବା ପ୍ରତ୍ୟେକ ଭକ୍ତଙ୍କ ସୁରକ୍ଷା, ନିରାପତ୍ତା ଓ ମର୍ଯ୍ୟାଦାକୁ ସୁନିଶ୍ଚିତ କରାଯିବା ଉଚିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପରିଚାଳନା ସମୟରେ ଭକ୍ତ ମାନଙ୍କ ସୁରକ୍ଷା ଓ କଲ୍ୟାଣକୁ ସର୍ବାଧିକ ପ୍ରାଥମିକତା ଦିଆଯିବା ଉଚିତ ବୋଲି ଡ. ମହାନ୍ତି ଦବି ଜଣାଇଛନ୍ତି।

## ଘରୋଇ କ୍ଷେତ୍ରରେ ଇନ୍ଧନ ଅଭାବର ମୁକାବିଲା

## ଡିଜେଲ, ଏଟିଏଫ୍ ଉପରେ ରପ୍ତାନି ଶୁଳ୍କରେ ବୃଦ୍ଧି

ନୂଆଦିଲ୍ଲୀ,୧୬।୭(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଡିଜେଲ ଏବଂ ବିମାନ ଇନ୍ଧନ (ଏଟିଏଫ୍) ଉପରେ ରପ୍ତାନି ଶୁଳ୍କ ବୃଦ୍ଧି କରିଛନ୍ତି। ହେଲେ ଏହି ସମୟରେ ପେଟ୍ରୋଲ ଉପରେ ରପ୍ତାନି ଶୁଳ୍କ ହ୍ରାସ କରାଯାଇଛି। ଡିଜେଲ ଉପରେ ରପ୍ତାନି ଶୁଳ୍କ ୭ ଟଙ୍କା ବୃଦ୍ଧି କରି ୧୫.୫୦ଟଙ୍କା କରିଛନ୍ତି। ପୂର୍ବରୁ ଏହାର ରପ୍ତାନି ଶୁଳ୍କ ୮.୫୦ ଟଙ୍କା ରହିଥିଲା। ସେହିପରି, ଏଟିଏଫ୍ (ବିମାନ ଟର୍ବାଇନ୍ ଇନ୍ଧନ) ଉପରେ ରପ୍ତାନି ଶୁଳ୍କ ୭.୫୦ରୁ ୧୪.୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ତଥାପି, ପେଟ୍ରୋଲ ରପ୍ତାନିକାରୀମାନଙ୍କୁ ଏଥିରେ କିଛି ଆଶ୍ୱସ୍ତି ପ୍ରଦାନ କରାଯାଇଛି। ପେଟ୍ରୋଲ ଉପରେ ଉପରେ ରପ୍ତାନି ଶୁଳ୍କ ୪ଟଙ୍କାରୁ ୨.୫୦ ଟଙ୍କାକୁ ହ୍ରାସ କରାଯାଇଛି। ଏହି ନୂତନ ଇନ୍ଧନ ଦର ଜୁଲାଇ ୧୦ ରୁ ସାରା ଦେଶରେ ଲାଗୁ ହୋଇଛି। ସରକାର କହିଛନ୍ତି ଯେ ଅଶୋଧିତ ତୈଳ ସଙ୍କଟକୁ ଦୃଷ୍ଟିରେ ରଖି ଦେଶ ଭିତରେ ପେଟ୍ରୋଲିୟମ ଉତ୍ପାଦର



### ପେଟ୍ରୋଲ ଉପରେ ଶୁଳ୍କ ହ୍ରାସ

ଅଭାବ ନ ହେବା ଏବଂ ଘରୋଇ ବଜାର ବଦଳରେ ବିଦେଶରେ ତେଲ ବିକ୍ରି କରିବାକୁ ପସନ୍ଦ କରୁଥିବା କମ୍ପାନୀଗୁଡ଼ିକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଅର୍ଥ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ମାର୍ଚ୍ଚ ୨୭ରେ ସରକାର ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ ଏବଂ ସଡ଼କ ଏବଂ ଭିତ୍ତିଭୂମି ସେସ୍ ଆକାରରେ ଏହି ରପ୍ତାନି ଶୁଳ୍କ ଲାଗୁ କରିଥିଲେ। ଏହାର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ଘରୋଇ ବଜାରରେ ପର୍ଯ୍ୟାପ୍ତ ଇନ୍ଧନ ଉପଲବ୍ଧତା ବଜାୟ ରଖିବା। ପଶ୍ଚିମ ଏସିଆ ସଙ୍କଟରୁ ଉପୁଜିଥିବା ବିଶ୍ୱ ପରିସ୍ଥିତି ମଧ୍ୟରେ କମ୍ପାନୀଗୁଡ଼ିକୁ ଲାଭ ଦେବା ପାଇଁ ବିଦେଶକୁ ଅଧିକ ତେଲ ରପ୍ତାନି କରିବାରୁ ରୋକିବା ପାଇଁ ଏହି ଟିକସ ଲାଗୁ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଅଶୋଧିତ ତୈଳ, ପେଟ୍ରୋଲ, ଡିଜେଲ ଏବଂ ଏଟିଏଫ୍‌ର ହାରାହାରି ଅନ୍ତର୍ଜାତୀୟ ମୂଲ୍ୟ ଆଧାରରେ ଏହି ଶୁଳ୍କ ହାର ପ୍ରତି ୧୫ ଦିନରେ ଥରେ ସମୀକ୍ଷା କରାଯାଇଥାଏ। ଶେଷ ଥର ପାଇଁ ଶୁଳ୍କ ଉପରେ ସମୀକ୍ଷା ଜୁଲାଇ ପହିଲାରେ କରାଯାଇଥିଲା। ରପ୍ତାନି ଶୁଳ୍କରେ ବୃଦ୍ଧି ପରେ ପେଟ୍ରୋଲ ପମ୍ପରେ ସାଧାରଣ ଗ୍ରାହକଙ୍କ ପାଇଁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଉପରେ ଏହାର କୌଣସି ସିଧାସଳଖ ପ୍ରଭାବ ପଡ଼ିବନାହିଁ।


**ପଶ୍ଚିମ ରେଳପଥ - ରତଲାମ**

**ସଂଶୋଧନ ବିଜ୍ଞପ୍ତି**

NIT ନଂ. W/623/5/1/NIT, ତାରିଖ 10/07/2026 ଦ୍ୱାରା ଟେଣ୍ଡର ନଂ. RTM-2026-27-56 ର ପ୍ରକାଶନ ପାଇଁ ଏହି କାର୍ଯ୍ୟାଳୟର ସମସଂଖ୍ୟକ ପତ୍ର ଜାରି କରାଯାଇଥିଲା। ଟେଣ୍ଡରରେ ଅତିରିକ୍ତ ବିଶେଷ ସର୍ତ୍ତ ଯୋଡ଼ିବା ପାଇଁ ସଂଶୋଧନ ନଂ. 1 ଜାରି କରାଯାଇଛି। ସର୍ତ୍ତାବଳୀ www.ireps.gov.in ୱେବସାଇଟରେ ଉପଲବ୍ଧ।

SNP-160

Like us on: facebook.com/WesternRly

**ପଶ୍ଚିମ ରେଳପଥ - ରତଲାମ**

**ସଂଶୋଧନ ବିଜ୍ଞପ୍ତି**

NIT ନଂ. W/623/5/1/NIT, ତାରିଖ 04/07/2026। ନଂ. RTM-2026-27-64 କୁ ଏହି କାର୍ଯ୍ୟାଳୟର ସମସଂଖ୍ୟକ ପତ୍ର ମାଧ୍ୟମରେ ପ୍ରକାଶନ ପାଇଁ ପଠାଯାଇଥିଲା। ନିବିଦାରେ ଅତିରିକ୍ତ ବିଶେଷ ସର୍ତ୍ତ ଯୋଡ଼ିବା ପାଇଁ ସଂଶୋଧନ ନଂ. 5 ଜାରି କରାଯାଇଛି। ସର୍ତ୍ତାବଳୀ www.ireps.gov.in ୱେବସାଇଟରେ ଉପଲବ୍ଧ।

SNP-159

Like us on: facebook.com/WesternRly

**ପଶ୍ଚିମ ରେଳପଥ - ରତଲାମ**

**ସଂଶୋଧନ**

W/623/NIT/1, ତାରିଖ: 13/07/2026। ଟେଣ୍ଡର ନଂ. RTM-2026-27/61। କାର୍ଯ୍ୟର ନାମ- (1) ଚନ୍ଦେରିଆ-ରତଲାମ ସେକ୍ସନରେ ଚିର୍ରୋଡ଼ଗଡ଼, ନିମ୍ବାହେରା ଏବଂ ଶମ୍ଭୁପୁରା ଷ୍ଟେସନରେ ଆନୁଷଙ୍ଗିକ ସୁବିଧା ସହିତ ମେସିନ୍ ସାଇଡିଂ ପ୍ରଦାନ କରିବା, (2) ରତଲାମ-ଖଣ୍ଡୱା ସେକ୍ସନରେ ନଉଗାଓାନ, ବଡନାଗର ଏବଂ ପାଲିଆ ଷ୍ଟେସନରେ ଆନୁଷଙ୍ଗିକ ସୁବିଧା ସହିତ ମେସିନ୍ ସାଇଡିଂ ପ୍ରଦାନ କରିବା ଏବଂ (3) ଚନ୍ଦେରିଆ-ରତଲାମ-ଖଣ୍ଡୱା ସେକ୍ସନରେ SSE (P/W) NMH, JAO, BNG, DADN ଏବଂ KNW ଅଧୀନରେ ମୋଟ 11.0 ଟ୍ରାକ୍ କି.ମି. ପରିମାଣର କାଜୁଆଲ୍ ରେଳ ନବୀକରଣ କାର୍ଯ୍ୟ। ଉକ୍ତ ଟେଣ୍ଡର, ଯାହା 05/08/2026 ତାରିଖରେ ଖୋଲିଯିବାକୁ ଥିଲା, ତାହାକୁ ସଂଶୋଧନ କରାଯାଇ IREPS ରେ ଅଦ୍ୟତନ କରାଯାଇଛି।

| ବିବରଣୀ | ବର୍ତ୍ତମାନ | ସଂଶୋଧିତ |
| --- | --- | --- |
| ଆନୁମାନିକ ମୂଲ୍ୟ | ₹105091357.46 | ₹108453923.85 |
| ଅମାନତ ଜମା | ₹2101800.00 | ₹2169100.00 |
| ନୂତନ ସାମଗ୍ରୀ ସଂଯୋଜନ | "ବାଲାଷ୍ଟ ଯୋଗାଣ ପାଇଁ WR USSOR ଆଇଟମଗୁଡ଼ିକ" | |

SNP-158

Like us on: facebook.com/WesternRly

**AFFIDAVIT**

By virtue of an affidavit before the Executive Magistrate, Daspalla, on dt.02.07.2026, I, Jhili Naik, W/o- Late Chittaranjan Naik, Vill/P.O. Tendabadi, P.S. Daspalla, Dist. Nayagarh, Odisha do hereby declare that I have changed my minor daughter's name from "Rachana Naik" to "Archana Naik". Henceforth, she shall be known as **"Archana Naik"** for all purposes.

Sd/- Jhili Naik

**AFFIDAVIT**

I BALAJI SINGH SABHARWAL / BAIJIT SABHARWAL/BALAJIT SINGH/ S/O SANTOKH SINGH, RESIDENT AT-SHELTER CHHAK, MARWARI BAGICHHA, PO- TULASIPUR, PS- LALBAG, CUTTACK-753008 ODISHA DECLARE BY THIS AFFIDAVIT NO- 10662, DT - 15.07.2026. THAT NOW ON WARDS I SHALL BE KNOWN AS **BALJIT SINGH** FOR ALL FEATURES PURPOSES

ACRE MAKING ASSETS WORK

**ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍**

ୟୁନିଟ୍ ନଂ. ୫୦୨, ସି ୱିଙ୍ଗ୍, ୱାନ୍ ବିକେସି, ରେଡିଅସ୍ ଡେଭେଲପର୍ସ, ପ୍ଲଟ୍ ନଂ. ସି-୬୬, ଜି ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ମୁମ୍ବାଇ – ୪୦୦୦୫୧

**ଦଖଲ ବିଜ୍ଞପ୍ତି**

(ସ୍ଥାବର ସମ୍ପତ୍ତି ନିମନ୍ତେ)

ସିକ୍ୟୁରିଟାଇଜେସନ୍ ଏବଂ ପୁନର୍ଗଠନ ଆର୍ଥିକ ସମ୍ପତ୍ତି ତଥା ସୁରକ୍ଷା ସ୍ୱାର୍ଥ ପ୍ରବର୍ତ୍ତନ ଅଧିନିୟମ, ୨୦୦୨ ଅନୁଯାୟୀ ACRE-174-TRUST ର ଟ୍ରଷ୍ଟି ଭାବେ କାର୍ଯ୍ୟରତ ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍ ର ପ୍ରାଧିକୃତ ଅଧିକାରୀ, ଉକ୍ତ ଅଧିନିୟମର ଧାରା ୧୩(୧୨) ସହ ପଠିତ ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମାବଳୀ, ୨୦୦୨ ର ନିୟମ ୩ ଦ୍ୱାରା ପ୍ରଦତ୍ତ କ୍ଷମତା ବଳରେ ୦୪.୧୧.୨୦୨୫ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରି ଋଣଗ୍ରହୀତା ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ ଏବଂ ଦୁଃଶାସନ ପ୍ରଧାନଙ୍କୁ ଋଣ ଖାତା ନଂ. ୫୯୦୦୦୦୧୪୦୭ ଏବଂ ୫୯୦୦୦୦୧୭୪୩ ବିପକ୍ଷରେ କ୍ରମଶଃ ୦୪.୧୧.୨୦୨୫ ସୁଦ୍ଧା ଦେୟ ରାଶି ଟ.୯,୭୨,୨୧୫.୦୫/- (ନଅ ଲକ୍ଷ ବାସ୍ତରୀ ହଜାର ଦୁଇଶହ ପନ୍ଦର ଟଙ୍କା ପାଞ୍ଚ ପଇସା ମାତ୍ର) ଏବଂ ଟ.୧୨,୨୨,୬୯୫.୬୨/- (ବାର ଲକ୍ଷ ବାଇଶ ହଜାର ଛଅଶହ ପଞ୍ଚାନବେ ଟଙ୍କା ବାଷଠି ପଇସା ମାତ୍ର) ସହିତ ପରବର୍ତ୍ତୀ ସୁଧ, ଉକ୍ତ ନୋଟିସ୍ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀକାଳରେ ପିରାମଲ ଫାଇନାନ୍ସ ଲିମିଟେଡ୍ ଉକ୍ତ ଋଣ ଖାତା ସମ୍ବନ୍ଧୀୟ ସମସ୍ତ ଅଧିକାର, ମାଲିକାନା ଓ ସ୍ୱାର୍ଥକୁ ୨୮.୦୩.୨୦୨୫ ତାରିଖର ଏକ ଆସାଇନମେଣ୍ଟ ଚୁକ୍ତି ମାଧ୍ୟମରେ ACRE-174-TRUST ର ଟ୍ରଷ୍ଟି ଭାବେ କାର୍ଯ୍ୟରତ ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍ ("ACRE") ସପକ୍ଷରେ ହସ୍ତାନ୍ତର କରିଛି।

ଋଣଗ୍ରହୀତାମାନେ ଉକ୍ତ ଦେୟ ରାଶି ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଋଣଗ୍ରହୀତାମାନଙ୍କୁ ଏବଂ ସାଧାରଣ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଅଧସ୍ୱାକ୍ଷରକାରୀ ସିକ୍ୟୁରିଟାଇଜେସନ୍ ଏବଂ ପୁନର୍ଗଠନ ଆର୍ଥିକ ସମ୍ପତ୍ତି ତଥା ସୁରକ୍ଷା ସ୍ୱାର୍ଥ ପ୍ରବର୍ତ୍ତନ ଅଧିନିୟମ, ୨୦୦୨ ର ଧାରା ୧୩(୪) ସହ ପଠିତ ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମାବଳୀ, ୨୦୦୨ ର ନିୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିର ସାଙ୍କେତିକ ଦଖଲ ୧୩.୦୭.୨୦୨୬ ତାରିଖରେ ଗ୍ରହଣ କରିଛନ୍ତି।

ଋଣଗ୍ରହୀତାମାନେ ଏବଂ ସାଧାରଣ ଜନସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଯାଉଛି ଯେ, ଉକ୍ତ ସମ୍ପତ୍ତି ସମ୍ବନ୍ଧରେ କୌଣସି ପ୍ରକାର କାରବାର କରିବେ ନାହିଁ। ସମ୍ପତ୍ତି ସମ୍ବନ୍ଧୀୟ ଯେକୌଣସି କାରବାର ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍ (ACRE-174-TRUST) ଙ୍କ ପକ୍ଷରେ ଟ.୯,୭୨,୨୧୫.୦୫/- (ନଅ ଲକ୍ଷ ବାସ୍ତରୀ ହଜାର ଦୁଇଶହ ପନ୍ଦର ଟଙ୍କା ପାଞ୍ଚ ପଇସା ମାତ୍ର) ଏବଂ ଟ.୧୨,୨୨,୬୯୫.୬୨/- (ବାର ଲକ୍ଷ ବାଇଶ ହଜାର ଛଅଶହ ପଞ୍ଚାନବେ ଟଙ୍କା ବାଷଠି ପଇସା ମାତ୍ର), ଯାହା ୦୪.୧୧.୨୦୨୫ ସୁଦ୍ଧା ଦେୟ, ତଥା ପରବର୍ତ୍ତୀ ସୁଧର ଭାରାଧୀନ ରହିବ।

ଋଣଗ୍ରହୀତାଙ୍କ ଦୃଷ୍ଟି ଉକ୍ତ ଅଧିନିୟମର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ପ୍ରତି ଆକର୍ଷଣ କରାଯାଉଛି, ଯେଉଁଥିରେ ସୁରକ୍ଷିତ ସମ୍ପତ୍ତିକୁ ମୁକ୍ତ କରିବା ପାଇଁ ଉପଲବ୍ଧ ସମୟ ସମ୍ପର୍କରେ ବ୍ୟବସ୍ଥା ରହିଛି।

| ସ୍ଥାବର ସମ୍ପତ୍ତିର ବିବରଣୀ (IES) |
| --- |
| ପ୍ଲଟ୍ ନଂ. ୧୭୨, କ୍ଷେତ୍ରଫଳ - ଏ.୦.୧୬୦ ଡିସିମିଲ, ସ୍ଥିତି - ସ୍ଥିତିବାନ, କିସମ - ଘରବାରି, ଜିଲ୍ଲା - ପୁରୀ, ତହସିଲ - ଗୋପ, ଏସ୍.ଆର୍.ଓ. - ଗୋପ, ଥାନା - ଗୋପ, ଥାନା ନଂ. - ୧୨୭, ମୌଜା - ତରାହଣା, ଖାତା ନଂ. - ୨୫୪, ଏହାର ଚାରିପାର୍ଶ୍ୱରେ - ଉତ୍ତର: ବୁଲା ପ୍ରଧାନ, ଦକ୍ଷିଣ: ସୁକାନ୍ତ ପ୍ରଧାନ, ପଶ୍ଚିମ: ଗ୍ରାମରାସ୍ତା, ପୂର୍ବ: ସୁକାନ୍ତ ପ୍ରଧାନ ଏବଂ ତହଲି ପ୍ରଧାନ |

ତାରିଖ : ୧୩/୦୭/୨୦୨୬
ସ୍ଥାନ : ଓଡ଼ିଶା

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍
(ACRE-174-TRUST)

# ସମୁଦ୍ରରେ ପୁଣି ଏକ ଟ୍ରଲର ଦୁର୍ଘଟଣାଗ୍ରସ୍ତ

## ସମସ୍ତ ୧୨ଜଣ ମତ୍ସ୍ୟଜୀବୀ ସୁରକ୍ଷିତ ଉଦ୍ଧାର

ବାଲେଶ୍ୱର, ୧୬।୭(ସମିସ)



କିଛି ଦିନ ପୂର୍ବରୁ ବଙ୍ଗୋପସାଗରରେ ନିଖୋଜ ହୋଇଯାଇଥିବା ଏକ ଟ୍ରଲର ଘଟଣା ମନରୁ ନ ଯାଉଣୁ ସମୁଦ୍ରରେ ଆଜି ଆଉ ଏକ ଅଘଟଣ ଘଟିଛି। ସାତି ଦିନ ପୂର୍ବରୁ ବାଲେଶ୍ୱର ବଳରାମଗଡ଼ିରୁ ଏକ ଟ୍ରଲର ମାଛ ଧରିବା ପାଇଁ ସମୁଦ୍ର ମଧ୍ୟ ସ୍ଥଳ ପୁରୀ ଗ୍ରାଉଣ୍ଡକୁ ଯାଇଥିଲା। ମାଛଧରି ଫେରୁଥିବା ବେଳେ ପାରାଦ୍ୱୀପ ସ୍ଥଳ ଭାଗରୁ ଶହେ କିମି ଏବଂ ବାଲେଶ୍ୱରରୁ ୪ଶହ କିମି ଦୂରରେ ଆଜି ଏକ ଦୁର୍ଘଟଣା ଘଟିଛି। ଟ୍ରଲର ତଳୁ ପଟା ଓ ଫାଇବର ଫାଟିଯିବାରୁ ପାଣି ପଶିଯାଇଛି। ଖବର ପାଇ ବାଲେଶ୍ୱରରୁ ଆଉ ଟ୍ରଲର ଘଟଣା ସ୍ଥଳରେ ପହଁଚି ଟ୍ରଲରରେ ଥିବା ସମସ୍ତ୧୨ଜଣ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହ ଦୁର୍ଘଟଣା ଗ୍ରସ୍ତ ଟ୍ରଲରକୁ ଟାଣି ବାଲେଶ୍ୱର ଅଣାଯାଉଛି ବୋଲି ସୂଚନା ମିଳିଛି।

ଗତ ସାତ ଦିନ ପୂର୍ବରୁ ବାଲେଶ୍ୱର ବଳରାମଗଡ଼ି ଜେଟିରୁ ସଦର ବ୍ଲକ ଅର୍ନ୍ତଗତ ପରିକ୍ଷୀ ଅଞ୍ଚଳର ସେକ ଅନୱରଙ୍କ 'ନୂର ଜାହାନ' ନାମକ ଏକ ଟ୍ରଲର ବାଲେଶ୍ୱରରୁ ୪ଶହ କିମି ଦୂର ପୁରୀଗ୍ରାଉଣ୍ଡକୁ ମାଛ ଧରିବା ପାଇଁ ଯାଇଥିଲା। ଏଥିରେ ୧୨ଜଣ ମତ୍ସ୍ୟଜୀବୀ ରହିଥିଲେ। ସେମାନେ ସମୁଦ୍ରରୁ ଦୁଇଶହ ଜାଲି ମାଛ ଧରି ଟ୍ରଲରରେ ଲୋଡ କରି ପଗୁରୀ ଗ୍ରାଉଣ୍ଡରୁ ଫେରୁଥିବା ବେଳେ ପାରଦ୍ୱୀପ ସ୍ଥଳଭାଗରୁ ଶହେ କିମି ଦୂର(ବାଲେଶ୍ୱରରୁ ତାହା ୪ଶହ କିମି ଦୂର) ମଝି ସମୁଦ୍ରରେ ଆଜି ସକାଳ ୧୦ଟା୫୭ମିନିଟ ସମୟରେ ଦୁର୍ଘଟଣା ଘଟିଛି। ଏହି ଟ୍ରଲରର ତଳପଟୁ ପଟା ଏବଂ ଫାଇବର ଫାଟିଯିବା ଯୋଗୁଁ ବାଲିଚର ହୋଇଯାଇଛି। ଯାହାଫଳରେ ଟ୍ରଲରଟି ଆଗକୁ ବଢ଼ିପାରି ନପାରି ସେଠାରେ ଅଟକି ରହିଛି। ଉକ୍ତ ଟ୍ରଲରରୁ ୱାରଲେସ ମାଧ୍ୟମରେ ବଳରାମଗଡ଼ି ଜେଟିକୁ ଖବର ଦିଆଯିବା ପରେ ଆଜି ଏଠାରୁ ଉଦ୍ଧାରକାରୀ ଟ୍ରଲର ଭାବେ ମଚ୍ଛୁଆସାହି ଅଞ୍ଚଳର ସେକ ଗୋସୁଦ୍ଦିନଙ୍କ 'ଜମ ଜମ' ନାମକ ଟ୍ରଲଟି ଉଦ୍ଧାର କରିବା ପାଇଁ ସେଠାକୁ ଯାଇଛି। ଦୁର୍ଘଟଣା ସ୍ଥଳରେ ଉକ୍ତ ଟ୍ରଲରଟି ପହଁଚି ଦୁର୍ଘଟଣା ଗ୍ରସ୍ତ ଟ୍ରଲର ମଧ୍ୟରେ ଥିବା ସମସ୍ତ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସେଇ ବୋଟରେ ବାରିକପୁର, ବାରିପଦା, ବାଲେଶ୍ୱର, ଧାମରା ଓ ପରାକ୍ଷୀ ଅଞ୍ଚଳର ମତ୍ସ୍ୟଜୀବୀମାନେ ରହିଥିବା ନେଇ ବଳରାମଗଡ଼ି ବେସର ସମାଜସେବୀ ସେକ ଦିଲାୱର ସୂଚନା ଦେଇଛନ୍ତି। ଏହାଛଡ଼ା ଉଦ୍ଧାରକାରୀ ଟ୍ରଲଟି ଦୁର୍ଘଟଣା ଗ୍ରସ୍ତ ଟ୍ରଲରକୁ ବାନ୍ଧି ଆଜି ରାତି ସୁଦ୍ଧା ବାଲେଶ୍ୱରରେ ପହଁଚିବ ବୋଲି କହିଛନ୍ତି।

## ଶୌଚ ହେବାକୁ ଯାଇ ବୁଡ଼ିଗଲେ ଯୁବକ

ସୋର, ୧୬।୭ (ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଜଣେ ଯୁବକ ଶୌଚ ହେବାକୁ ଯାଇଥିବା ବେଳେ ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଏହି ଗ୍ରାମର ସୁଶାନ୍ତ ପ୍ରଧାନ(୨୯) ସକାଳେ ଶୌଚ ହେବାକୁ ଘର ନିକଟରେ ଥିବା ପୋଖରୀକୁ ଯାଇଥିଲେ। ସେଠାରେ ଗୋଡ ଖସିଯିବାରୁ ପୋଖରୀରେ ବୁଡିଯାଇଥିଲେ। ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରି ନିରାଶ ହେବା ପରେ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ସେଠାରେ ପହଞ୍ଚି ପୋଖରୀ ମଧ୍ୟରୁ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତର ଖାନାକୁ ଆଣିଥିଲେ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଖବର ପାଇ ସୋର ପୁଲିସ ମେ?କାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସ୍ୱାସ୍ଥ୍ୟ ସେବା ଶିବିର

ବାଲେଶ୍ୱର, ୧୬।୭(ସମିସ): ରୋଟାରୀ କ୍ଲବ ବାଲେଶ୍ୱର ଓ ଭୁବନେଶ୍ୱରସ୍ଥିତ ହେଲଥଭିଲେର ମିଳିତ ଆନୁକୂଲ୍ୟରେ ରୋଟାରୀ ଭବନ ପରିସରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ହେଲଥଭିଲାର ସୁସ୍ଥ ଓଡ଼ିଶା ଗଠନ କରିବା ଉଦ୍ଦେଶ୍ୟରେ ଆରୋଗ୍ୟ ରଥ ଭ୍ରମଣ ଅଭିଯାନ ଆରମ୍ଭ କରାଯାଇଛି। ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଅଭିଯାନ ମାଧ୍ୟମରେ ଗ୍ରାମ୍ୟ ଓ ସହରାଂଚଳ ଲୋକମାନଙ୍କ ନିକଟରେ ପ୍ରତିରୋଧକ ସ୍ୱାସ୍ଥ୍ୟ ସେବା, ଡାଇବେଟିସ ସଚେତନତା ଓ ମୁକ୍ତ ଜୀବନଶୈଳୀ ସମ୍ବନ୍ଧୀୟ ପରାମର୍ଶ, ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଆଖି ପରୀକ୍ଷା ଓ ଚଷମା ବଣ୍ଟନ ଏବଂ ପ୍ରାକୃତିକ ଚିକିତ୍ସା ଓ ଯୋଗ ଆଧାରିତ ସମଗ୍ର ସ୍ୱାସ୍ଥ୍ୟ ସେବା ପହଁଚାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କୁହାଯାଇଛି। ଏହି ଶିବିରରେ ମୋଟ ୬୮ ଜଣ ରୋଗୀଙ୍କର ଚିକିତ୍ସା କରାଯାଇଥିଲା।

## କୁଶୁଗଡ଼ ଫାଣ୍ଡି ଅଧିକାରୀ ଭାବେ ଯୋଗଦେଲେ ବିନୋଦ ବିହାରୀ

ଜଳେଶ୍ୱର ବ୍ଲକ, ୧୬।୭(ସମିସ): ଜଳେଶ୍ୱର ଅନ୍ତର୍ଗତ ରାଇବଣିଆ ଥାନା ଅଧୀନରେ କୁଶୁଗଡ଼ ଫାଣ୍ଡିରେ ନୂଆ ଏସ୍ଆଇ ଭାବେ ବିନୋଦ ବିହାରୀ ହେମ୍ବ୍ରମ ଶନିବାର ନିଜର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବରୁ ଶ୍ରୀ ହେମ୍ବ୍ରମ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ କାର୍ଯ୍ୟରତ ଥିଲେ। ସେଠାରୁ ବଦଳି ହେବା ପରେ ସେ ରାଇବଣିଆ ଥାନା ଅଧୀନ କୁଶୁଗଡ଼ ଫାଣ୍ଡିରେ ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, କୁଶୁଗଡ଼ ଫାଣ୍ଡି ଓଡ଼ିଶା ଏବଂ ପଶ୍ଚିମବଙ୍ଗ ସୀମାନ୍ତରେ ଅବସ୍ଥିତ ଥିବାରୁ ଆଇନଶୃଙ୍ଖଳା ରକ୍ଷା ଓ ସୀମାନ୍ତ ସୁରକ୍ଷା ଦୃଷ୍ଟିରୁ ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ଆରକ୍ଷୀ କେନ୍ଦ୍ର। ନୂଆ ଫାଣ୍ଡି ଅଧିକାରୀ ଯୋଗଦେବା ବା ପରେ ସ୍ଥାନୀୟ ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ, ଚୋର ନିଶା କାରବାର ନିୟନ୍ତ୍ରଣ ଏବଂ ସୀମାନ୍ତବର୍ତ୍ତୀ ସମସ୍ୟାର ସମାଧାନ ଦିଗରେ ପୋଲିସ ପ୍ରଶାସନ ଆହୁରି ତତ୍ପର ହେବ ବୋଲି ଆଶା କରାଯାଉଛି।

## ତଳନଗରରେ ବନ୍ୟା ପରିସ୍ଥିତି, ଜଳବନ୍ଦୀ ଅବସ୍ଥାରେ ଗ୍ରାମବାସୀ

ସୋର, ୧୬।୭ (ସମିସ): ସୋର ବ୍ଲକ ତଳନଗର ପଞ୍ଚାୟତରେ ବନ୍ୟା ପରିସ୍ଥିତି ଉପୁଜିଛି। ଲୋକେ ଜଳବନ୍ଦି ଅବସ୍ଥାରେ ତିନିଦିନ ଧରି ରହିଥିବା ବେଳେ କୌଣସି ପ୍ରଶାସନିକ ଅଧିକାରୀ ସେମାନଙ୍କ ନିକଟରେ ପହଞ୍ଚିନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କାଂଶବାଂଶ ନଦୀକୂଳରେ ଅବସ୍ଥିତ ଏହି ପଞ୍ଚାୟତର ବାସିନ୍ଦା ପ୍ରତିବର୍ଷ ଏହି ସମସ୍ୟାକୁ ସମ୍ମୁଖୀନ ହେଉଥିବା ବେଳେ ଏହାର କୌଣସି ସ୍ଥାୟୀ ସମାଧାନ ହୋଇପାରୁନାହିଁ। ଗତ ତିନିଦିନ ଧରି ଲଗାଣ ବର୍ଷା କାରଣରୁ ଲୋକଙ୍କ ଘରେ ପାଣି ପଶିବା ସହିତ ବିଭିନ୍ନ ସ୍କୁଲ ମାନଙ୍କରେ ପାଣି ପଶିଥିବା ଦେଖିବାକୁ ମିଳିଛି। ଏଥି ସହିତ ଚାଷ ଜମିରେ ପାଣି ଜମି ଶହଶହ ଏକର ଜମିର ଚାଷ ମଧ୍ୟ ନଷ୍ଟ ହୋଇଥିବା ପଞ୍ଚାୟତ ବାସୀ ଅଭିଯୋଗ କରିଛନ୍ତି। ଜଳବନ୍ଦୀ ଅବସ୍ଥା କାରଣରୁ ଲୋକେ ଘରୁ ବାହାରକୁ ଆସିବା ସମ୍ଭବପର ନ ହେବାରୁ ଘରେ ଥିବା ଶୁଖିଲା ଖାଦ୍ୟ ଖାଇ ଲୋକେ ଦିନ ବିତାଇଥିବା ପ୍ରକାଶ କରିଛନ୍ତି। କାଂଶବାଂଶ ନଦୀ ଫୁଲିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବନ୍ୟା ଜଳ ନିଷ୍କାସନର ବ୍ୟବସ୍ଥା ନଥିବାରୁ ଲୋକେ ଏପରି ଜଳବନ୍ଦୀ ଅବସ୍ଥାରେ ଥିବା ଜଣାପଡ଼ିଛି। ୩ଦିନ ଧରି ଏପରି ଅବସ୍ଥାରେ ଲୋକେ ଥିବା ସତ୍ତ୍ୱେ ପ୍ରଶାସନର ଦେଖାନଥିବା ବେଳେ ସୋର ବିଡିଓଙ୍କୁ ବାରମ୍ବାର ଲୋକେ ଫୋନ କରିଥିଲେ ମଧ୍ୟ ସେ ଫୋନ ନଉଠାଇବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରାହ୍ଣରେ ସୋର ବିଧାୟକ ମାଧବ ଧଡା ସ୍ଥାନୀୟ ସରପଞ୍ଚ ପ୍ରତିନିଧିଙ୍କ ସମେତ ଅନ୍ୟମାନଙ୍କୁ ନେଇ ପଞ୍ଚାୟତରେ ବୁଲି ସ୍ଥିତି ପରଖିଥିବା ଜଣାପଡ଼ିଛି। ଲୋକଙ୍କୁ ଆବଶ୍ୟକ ମୁତାବକ ତୁରନ୍ତ ସହାୟତା ଯୋଗାଇ ଦେବାକୁ ବିଧାୟକ ଶ୍ରୀ ଧଡ଼ା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସନ୍ଧ୍ୟାରେ ସୋର ତହସିଲଦାର କୃଷ୍ଣ ମୋହନ ସିଂହ ତଳନଗର ପଞ୍ଚାୟତରେ ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ମଧ୍ୟାହ୍ନରେ ସୋର ବିଡ଼ିଓ ସ୍ଥିତି ପରଖି ଥିବା ଜଣାପଡ଼ିଛି।

## ଜଳେଶ୍ୱର ବଡ଼ବଜାର ରାସ୍ତା ମରାମତି ନିମ୍ନମାନର ଅଭିଯୋଗ



ଜଳେଶ୍ୱର, ୧୬।୭(ସମିସ): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଏକ ମୁଖ୍ୟ ସହର ହୋଇଥିବା ବେଳେ ଏହାର ମୁଖ୍ୟ ରାସ୍ତାଗୁଡିକର ଅବସ୍ଥା ଧିରେ ଧିରେ ଶୋଚନୀୟ ହେବାରେ ଲାଗିଛି। ରଥଯାତ୍ରା ଉପଲକ୍ଷେ ବଡ ବଜାର ମୁଖ୍ୟ ରାସ୍ତାରେ ବିଭାଗ ପକ୍ଷରୁ ଚାଲିଥିବା ମରାମତି କାର୍ଯ୍ୟକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ପ୍ରଶ୍ନ ସୃଷ୍ଟି କରିଛି। ମରାମତି ସରିବାର କିଛି ସମୟ ପରେ ରାସ୍ତାରେ କେତେକ ସ୍ଥାନରେ ପୁଣି ପୂର୍ବଭଳି ଅବସ୍ଥା ଦେଖିବାକୁ ମିଳୁଥିବାରୁ କାର୍ଯ୍ୟର ଗୁଣବର୍ତ୍ତାକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ ବିକାଶ ନାମରେ କେବଳ ଆନୁଷ୍ଠାନିକତା ପାଳନ କରାଯାଉଛି। ଗତ ଦୁର୍ଗାପୂଜା ସମୟରେ ରାସ୍ତାର ନବୀକରଣ କରାଯାଇଥିବା ବେଳେ କେତେ ମାସ ମଧ୍ୟରେ ରାସ୍ତାର ଅବସ୍ଥା ପୂର୍ବପରି ହୋଇଯାଇଛି ଏବେ ପୁଣି ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ତେଣୁ ଜଳେଶ୍ୱର ପୂର୍ତ୍ତ ବିଭାଗର କାର୍ଯ୍ୟକୁ ନେଇ ଜଳେଶ୍ୱର ସହର ବାସୀ ଅସନ୍ତୋଷ ପ୍ରକାଶ କରବା ସହିତ ଏହି କାର୍ଯ୍ୟର ତଦନ୍ତ ହେବାପାଇଁ ଦାବୀ କରିଛନ୍ତି। ଜଳେଶ୍ୱରରେ ବିଭାଗୀୟ ସବ୍ ଡିଭିଜନାଲ କାର୍ଯ୍ୟାଳୟ ରହିଥିବା ବେଳେ ଦୀର୍ଘବର୍ଷ ଧରି କୌଣସୀ ସ୍ଥାୟୀ ଅଧିକାରୀ ନାହାନ୍ତି। କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ କ୍ଲାର୍କ ମାନଙ୍କର ପଦବୀ ଖାଲି ପଡ଼ିଛି। ଫଳରେ ଠିକାଦାର ମାନଙ୍କର ମନମୁଖୀ କାର୍ଯ୍ୟ ଯୋଗୁଁ ନିମ୍ନ ମାନର ରାସ୍ତା ନିର୍ମାଣ ହେବା ସହିତ ଲକ୍ଷଲକ୍ଷ ସରକାରୀ ଅର୍ଥର ଅପବ୍ୟୟ ହେଉଛି।

## ଜିଲ୍ଲା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ




ବାଲେଶ୍ୱର, ୧୬।୭(ସମିସ): ଶ୍ରୀ ରାମ ମନ୍ଦିରର ଟ୍ରଷ୍ଟର ଟଙ୍କା ଆତ୍ମସାତ୍ କରିବାରେ ବିଜେପି ହେଉଛି ମୂଳ। ଏହାକୁ ନେଇ ଆଜି ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ସତ୍ୟଶିବ ଦାସଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ସିଧାସଳଖ ବିଜେପିକୁ ଟାର୍ଗେଟ କରାଯାଇଛି। ଏଥିରେ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଭଗବାନ ରାମଙ୍କ ନାମରେ ସଂଗ୍ରହ କରାଯାଇଥିବା ଅର୍ଥ ମଧ୍ୟ ବିଜେପି-ଆରଏସଏସ ମଡେଲର ରାଜନୈତିକ ମୁନାଫାଖୋରୀର ଶିକାର ହୋଇଛି? ଯଦି ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟ୍ରଷ୍ଟ ଗଠନ କରାଯାଇଥିଲା, ତେବେ ଏହି ଦୁର୍ନୀତି ପାଇଁ କିଏ ଦାୟୀ ରହିବେ? ଯଦି ସବୁକିଛି ସ୍ୱଚ୍ଛ ଥିଲା, ତେବେ ଚମ୍ପତ ରାୟ ଏବଂ ଅନିଲ ମିଶ୍ରଙ୍କ ଇସ୍ତଫା ଗ୍ରହଣ କରାଗଲା କାହିଁକି? ଯଦି କୌଣସି ଅନିୟମିତତା ହୋଇନାହିଁ, ତେବେ ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)ଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାଧୀନ ତଦନ୍ତ ପାଇଁ ସରକାର କାହିଁକି ଭୟ କରୁଛନ୍ତି? ବୋଲି ପ୍ରଶ୍ନ କରାଯାଇଛି। ଏହାଛଡା କଂଗ୍ରେସ ଦଳ ପକ୍ଷରୁ ଦାବି କରାଯାଇଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶକୁ ଜବାବ ଦିଅନ୍ତୁ: ଟ୍ରଷ୍ଟ ଗଠନ, ଏହାର ପ୍ରମୁଖ ନିଯୁକ୍ତି ଏବଂ ଏହାର ତଦାରଖରେ ତାଙ୍କ ସରକାର ତଥା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଭୂମିକା କଣ ଥିଲା, ତାହା ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରନ୍ତୁ ଏବଂ ଏଭଳି ଗୁରୁତର ଅଭିଯୋଗ ସତ୍ତ୍ୱେ ସେ କାହିଁକି ନୀରବ ଅଛନ୍ତି ତାହା ପ୍ରକାଶ କରନ୍ତୁ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ମହିଳା କଂଗ୍ରେସ ସଭାପତି ଉର୍ମିଳା ମାଝୀ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିଜୟ ମହାନ୍ତି, ଆଶିଷ ପଟ୍ଟନାୟକ, କେଶବ ନାୟକ, ତୁଷାରକାନ୍ତି ତପସ୍ୱୀ, ନିଶିଥ ବାରିକ, ସମ୍ପାଦକ ପଶୁପତି ଉପାଧ୍ୟାୟ ଓ କୋଷାଧ୍ୟକ୍ଷ କାନ୍ତିଲାଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଲୁହାପଡ଼ା ଓ ଆମ୍ବତୁମ୍ବା ଜଙ୍ଗଲକୁ ନ ଯିବାକୁ ପରାମର୍ଶ

ଜଳେଶ୍ୱର ବ୍ଲକ, ୧୬।୭(ସମିସ): ଗତ ୧୩ ତାରିଖ ରାତିରେ ଶିମିଳିପାଳରୁ ଆସିଥିବା ୧୦ ଟିକିଆ ହାତୀପଲ ଜଳେଶ୍ୱର ତହସିଲର ଲୁହାପଡ଼ା ଜଙ୍ଗଲକୁ ପଶି ଆସିଛି। ଏହି ଦଳରେ ୬ଟି ଦନ୍ତା ଓ ୨ ଲେଖାଏଁ ମାଈ ଓ ଛୁଆ ହାତୀ ଥିବା ଜଣାପଡ଼ିଛି। ୩ ଦିନ ହେଲା ଏହି ହାତୀପଲ ବାଲେଶ୍ୱର ଓ ମୟୂରଭଞ୍ଜ ସୀମାରେ ଏପଟ ସେପଟ ହେଉଛନ୍ତି। ଆଜି ଭୋର ସମୟରେ ଜଳେଶ୍ୱର ଲୁହାପଡ଼ା ଜଙ୍ଗଲ (ପିଆରଏଫ)ରେହାତୀପଲ ଥିବାବେଳେ ବର୍ଷା ପାଗରେ ସେମାନଙ୍କ ୧୦ ହାତୀ ଆଗମନ ଜଳେଶ୍ୱର ବ୍ଲକର କଳମା, ବରଡ଼ିହା, ଶ୍ୟାମନଗର, ଖୁଆଡ଼, ସର୍ଦ୍ଦାରବନ୍ଧ, ରାଇବଣିଆ ଓ କାଳିକ ଆଦି ପଞ୍ଚାୟତବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଲୁହାପଡ଼ା ଓ ଆମ୍ବତୁମ୍ବା ଜଙ୍ଗଲକୁ ସ୍ଥାନୀୟ ଲୋକଙ୍କୁ ଯିବାକୁ ବାରଣ କରିଛି ବନ ବିଭାଗ ହାତୀଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିବା ପାଇଁ ଦୁଇଟି ଟିମ ନିୟୋଜିତ କରାଯାଇଛି ବୋଲି ବରଡିହା ସେକ୍ସନ ଫରେଷ୍ଟର ପ୍ରହ୍ଲାଦ ଚରଣ ନାୟକ ସୂଚନା ଦେଇଛନ୍ତି।

## ଗଣିତ ବିଶାରଦ ନାରାୟଣ ଦାସବସୁଙ୍କ ଶ୍ରଦ୍ଧାଞ୍ଜଳି ସଭା




ରେମୁଣା, ୧୬।୭ (ସମିସ): ରେମୁଣା ମାଟିର ଜଣେ ଗର୍ବ ଗୌରବର ଗଣିତ ବିଶାରଦ ଫକୀର ମୋହନ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଛଦ୍ଧାପକ ସ୍ୱର୍ଗତ ନାରାୟଣ ଦାସ ବସୁଙ୍କ ଏକାଦଶାହ ଉପଲକ୍ଷେ ସ୍ଥାନୀୟ ଗୌରୀଶଙ୍କର ମଣ୍ଡପରେ ଯୁବ ଆଇନଜୀବୀ କୃଷ୍ଣ ମୋହନ ବେହେରାଙ୍କ ପୌରୋହିତ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ, ଜିତେନ୍ଦ୍ର ଉପାଧ୍ୟାୟ, ରେମୁଣା ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଶାନ୍ତ କୁମାର ବରାଳ, ରେମୁଣା ସାହିତ୍ୟ ସଂସଦର ସଭାପତି ଡ଼. ଭାଗବତ ପ୍ରସାଦ ଦାସ, ବ୍ୟାକରଣବିତ ନିରଞ୍ଜନ ସାହୁ, କବୟିତ୍ରୀ ବାସନ୍ତୀ ଦାସ, ସମାଜସେବୀ ପ୍ରଦୀପ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ବ୍ରହ୍ମାନନ୍ଦ ସ୍ୱାଇଁ, ନିରଞ୍ଜନ ମହାରଣା, ଜୟନ୍ତ ବରାଳ, ପଦ୍ମଲୋଚନ ପଣ୍ଡା, ଆଇନଜିବୀ ବେଣୁଧର ରାଉଳ, ଗୋଲକ ନାଥ, ଗୋବିନ୍ଦ ଭୋଇ, ତୁଷାର ମହାପାତ୍ର, ସୁରେନ୍ଦ୍ର ମାର୍ଣ୍ଡୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବସୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ୨ ମିନିଟ ନିରବ ପ୍ରାର୍ଥନା କରାଯାଇ ତାଙ୍କର ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ୨୬ରେ ଖୋ ଖୋ କନିଷ୍ଠ ଏବଂ ବରିଷ୍ଠ ଖେଳାଳି ଚୟନ ଶିବିର

ବାଲେଶ୍ୱର, ୧୬।୭(ସମିସ): ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଖୋ ଖୋ କନିଷ୍ଠ ଏବଂ ବରିଷ୍ଠ ବାଳିକା ଓ ବାଳକ ଏବଂ ପୁରୁଷ ଓ ମହିଳା ଖେଳାଳୀଙ୍କ ଏକ ଚୟନ ଶିବିର ଆସନ୍ତା ୨୬ ତାରିଖରେ ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆ ଠାରେ ଅନୁଷ୍ଠିତ ହେବ। ଏହି ଚୟନ ଶିବିରରେ ଭାଗ ନେବାକୁ ଥିବା ଖେଳାଳିମାନଙ୍କ ବୟସ ୧୫ ବର୍ଷରୁ ଅଧିକ ହୋଇଥିବା ଆବଶ୍ୟକ। ଉପରୋକ୍ତ ତାରିଖ ଦିନ ଖେଳାଳି ମାନେ ଆଧାର କାର୍ଡର ଅରିଜିନାଲ ଏବଂ ଜେରକ୍ସ କପି ସାଙ୍ଗରେ ନେଇ ଆସିବାକୁ କୁହାଯାଇଛି। ଆବଶ୍ୟକୀୟ ପ୍ରମାଣ ପତ୍ର ନଆଣିଲେ ଚୟନ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୁଯୋଗ ଦିଆଯିବ ନାହିଁ। ଆଗ୍ରହୀ ଖେଳାଳୀମାନେ ଆସନ୍ତା ତାରିଖ ସୁଦ୍ଧା ସେମାନଙ୍କର ନାମ ଅନୁଷ୍ଠାନ ଜରିଆରେ ଜିଲ୍ଲା କ୍ରୀଡାସଂଘ କାର୍ଯ୍ୟାଳୟରେ ପଞ୍ଜିକରଣ କରାଇବେ। ଏହି ପ୍ରତିଯୋଗିତାରୁ ମନୋନୀତ ହେବାକୁ ଥିବା ଖେଳାଳିମାନେ ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଜଣାଇଛନ୍ତି। ଖେଳାଳି ମାନେ ଆଗ୍ରହୀ କଲେଜ, ସ୍କୁଲ ଓ ଅନୁଷ୍ଠାନ ୫ ଜଣ ଲେଖାଁଏ ବାଳକ ଏବଂ ବାଳିକା ଖେଳାଳି ପଠାଇବେ। ଖେଳାଳି ମାନେ ଉକ୍ତ ଦିନ ସକାଳ ୮ ଘଟିକାରେ ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆ ଠାରେ ଉପସ୍ଥିତ ରହିବେ। ଯୁଗ୍ମ ସମ୍ପାଦକ (ଖୋଖୋ) କାର୍ତ୍ତିକ ଚନ୍ଦ୍ର ନାୟକ (୯୪୩୭୦୮୭୭୨୧), ଯୁଗ୍ମ ସମ୍ପାଦକ ବୀରେନ୍ଦ୍ର କୁମାର ସ୍ୱାଇଁ (୮୧୪୪୬୮୯୪୮୫) ଏବଂ ମଳୟ ରଞ୍ଜନ ବେହେରା (୮୦୯୩୪୫୯୨୬୬)ଙ୍କ ସହିତ ଯୋଗାଯୋଗ କରିବାକୁ କାର୍ଯ୍ୟକାରୀ ସଭାପତି ଜଣାଇଛନ୍ତି।

## ସେବା ଫାଉଣ୍ଡେସନ ଉଦ୍‌ଘାଟିତ




ସିମୁଳିଆ, ୧୬।୭ (ସମିସ): ମଇତାପୁର ଗ୍ରାମସ୍ଥିତ ପବିତ୍ର ରଥଯାତ୍ରାରେ ମାଉସୀମା ମନ୍ଦିର ପରିସରରେ ନବଗଠିତ ସେବା ଫାଉଣ୍ଡେସନର ଶୁଭ ଉଦ୍‌ଘାଟନ ହୋଇ ଯାଇଛି। ସିମୁଳିଆ ପଞ୍ଚାୟତ ସମିତିର ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ ମୁଖ୍ୟଅତିଥି, ମୁଖ୍ୟବକ୍ତା ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର, ରାଣୀତାଳ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମ ସଂଯୋଜକ ସଞ୍ଜୟ କୁମାର ମହାନ୍ତି, ସିମୁଳିଆ ଥାନା ଏଏସଆଇ ବିଶ୍ୱଜିତ ସେଠୀ, ଏସ ଆଇ ବିଶ୍ୱମ୍ବର ଚକ୍ରବର୍ତ୍ତି, ସୋର ଗ୍ରାମ୍ୟ ଜଳଯୋଗାଣ ଅଧିକାରୀ ଭାଗିରଥି ସାହୁ, ଅମରେଶ ବେହେରା, ଜୟନ୍ତ ପ୍ରସାଦ ନାୟକ, ଅଜୟ ବେହେରା, ବରିଷ୍ଠ କ୍ରୀଡ଼ା ଶିକ୍ଷକ ବାଇଧର ମହାକୁଡ଼, କୃଷି ଗବେଷକ ଗଜେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ସଂଗଠନର ସମ୍ପାଦକ କିରଣ କୁମାର ଧୀନ୍ଦା ମଞ୍ଚ ପରିଚାଳନା କରିଥିଲେ। ଅରୁଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥଙ୍କ ମାଉସୀ ବାଡ଼ି ନେଇ କନକାଇ ଗାଁରେ ଉତ୍ତେଜନା

ଜଳେଶ୍ୱର, ୧୬।୭(ସମିସ): ରାଇବଣିଆ ଥାନା ଅନ୍ତର୍ଗତ କନକାଇ ଗାଁରେ ମାଉସୀ ମା ମନ୍ଦିରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଆରମ୍ଭ ହୋଇଛି ବାକବିତଣ୍ଡା ଓ ଉତ୍ତେଜନା। ଆବାହମାନ କାଳରୁ ରଥଯାତ୍ରା କନକେଇ ଗାଁରେ ହୋଇ ଆସୁଥିଲା। ପୂଜକ ଭାବେ ନିର୍ଦ୍ଦିଷ୍ଟ ବ୍ୟକ୍ତି ରହିଥିଲା ବେଳେ ମାଉସୀ ମା ମନ୍ଦିର ଭାବେ ସ୍ୱର୍ଗତ ସୁଦର୍ଶନ ଧର ଓ ସୁଧାଂଶୁ ଶେଖର ଦାଶ ପରିଗଣିତ ଥିଲେ। ପରମ୍ପରା ଅନୁଯାୟୀ ଏ ବର୍ଷ ସୁଧାଂଶୁ ଶେଖର ଦାଶ ଘରେ ମାଉସୀ ମା ବାଡ଼ି ଅନୁଷ୍ଠିତ ହେବାର ଥିଲା। କିନ୍ତୁ କେତେକ ଗ୍ରାମବାସୀ ବ୍ୟକ୍ତିଗତ ଆକ୍ରୋଷକୁ ନେଇ ସୁଧାଂଶୁ ଶେଖର ଦାଶ ଘରେ ନ ରଖି ଗ୍ରାମ ଶ୍ମଶାନ ନିକଟସ୍ଥ ଥିବା ପାଣିପମ୍ପ ଡ୍ରାଇଭର ରହିବା ଘରେ ଶ୍ରୀ ବିଗ୍ରହଙ୍କୁ ନେଇ ରଖିଛନ୍ତି। ଏହା ସେବା ପୂଜା କରି ଆସୁଥିବା ସମସ୍ତ ଜଗନ୍ନାଥପ୍ରେମୀ ଭାବାବେଗକୁ ଆଘାତ ଦେଇଛି। ଏ ସମ୍ପର୍କରେ ନାଗ ଭୂଷଣ ଦାଶଙ୍କ ପକ୍ଷରୁ ରାଇବଣିଆ ଥାନା ଅଧିକାରୀ, ତହସିଲଦାର ଓ ଦେବତ୍ତର ବିଭାଗର କମିସନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଗତକାଲି ବୁଧବାର ଥାନା ଅଧିକାରୀ ଦୀର୍ଘ ୪ ଘଣ୍ଟା ଧରି ଦୁଇ ପକ୍ଷଙ୍କୁ ନେଇ ଗାଁରେ ବୈଠକ କରିଥିଲେ। ଆଜି ଅପରାହ୍ନରେ ସେଠାରେ ରଥଯାତ୍ର ଆରମ୍ଭ ହୋଇ ଥିଲେ ମଧ୍ୟ ମାଉସୀବାଡ଼ିର ସମସ୍ୟା ସମାଧାନ ହୋଇନାହିଁ। ବିଗତ ଦିନରେ ସେବାରେ ବ୍ୟାଘାତ ହୋଇଥିବା ଦର୍ଶାଇ ଗ୍ରାମବାସୀଙ୍କ ନିଷ୍ପତ୍ତି କ୍ରମେ ମାଉସି ବାଡ଼ି ସ୍ଥାନାନ୍ତର ହୋଇ ଥିବା ଗ୍ରାମ୍ୟ ସଭାପତି ତପନ ଦାସ କହିଛନ୍ତି। ଅନ୍ୟ ପଟେ ଦେବତ୍ତୋର ସେବାରୁ ବଞ୍ଚିତ ସେବକ ମାନେ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି କହିଛନ୍ତି। ଏ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ବେଳେ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି। ଗାଁରେ ଶାନ୍ତି ବଜାଇ ରଖିବା ଲାଗି ପରମାନନ୍ଦ ଚକ୍ରବର୍ତ୍ତୀ, ଗୌରୀ ଶଙ୍କର ଧର, ପ୍ରଦ୍ୟୁତ କୁମାର ମହାନ୍ତି, ବିଜୟାନନ୍ଦ ଦାସ ପ୍ରମୁଖ ବହୁବ୍ୟକ୍ତି ଗାଁ ର ପରମ୍ପରା ବଜାଇ ରଖିବା ଲାଗି ନିବେଦନ କରିଛନ୍ତି।

## ଭାଙ୍ଗିଲା ରଥ ଅଖ, ଅଳ୍ପକେ ବର୍ତ୍ତିଲେ ଶ୍ରଦ୍ଧାଳୁ

ନୀଳଗିରି, ୧୬।୭ (ସମିସ)

ନୀଳଗିରିରେ ଗୁରୁବାର ପବିତ୍ର ଘୋଷଯାତ୍ରା ଅବସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୁଢ଼ କରାଯିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ତେବେ ରଥ ୧୦୦ମିଟର ପାଖାପାଖି ଗଡ଼ିବା ପରେ ହଠାତ୍ ରଥର ପଛଚକର ଡାହାଣପଟ ଅଖ ଭାଙ୍ଗିଯାଇଥିଲା। ଫଳରେ ରଥ ଉପରେ ଥିବା ସେବାୟତ ଏବଂ ଅନ୍ୟ କର୍ମଚାରୀ ଅଳ୍ପକେ ବଡ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ। ଏଭଳି ଅଘଟଣ କେବଳ ଚଳିତବର୍ଷ ନୁହେଁ ଦୁଇବର୍ଷ ତଳେ ମଧ୍ୟ ଏଭଳି ଅଘଟଣ ଘଟିଥିଲା। ଠାକୁରମାହଲ ଅଧୀନରେ ଥିବା ଏହିମନ୍ଦିରର ସମସ୍ତ ନୀତିକାନ୍ତି ଏବଂ ରକ୍ଷଣାବେକ୍ଷଣ ଥିବାବେଳେ ବାରମ୍ବାର ମନ୍ଦିରପ୍ରତି ଅବହେଳା ନେଇ ଅଭିଯୋଗ ଉଠିଛି। ପ୍ରତି ରଥଯାତ୍ରା ପାଳନସମୟରେ ରଥକାଠ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଚଳିତବର୍ଷ ରଥନିର୍ମାଣରେ ପୁରୁଣାକାଠ ବ୍ୟବହାର ହୋଇଥିବାରୁ ଏବଂ କାଠର ସ୍ଥାୟୀତ୍ୱ ନ ଥିବାରୁ ଏଭଳି ଅଘଟଣ ଘଟିଥିଲା। ସର୍ବୋପରି ବାରମ୍ବାର ପ୍ରଶାସନ ଠାରେ ଗ୍ରାମବାସୀ ଏବଂ ମନ୍ଦିର କର୍ମକର୍ତ୍ତାଙ୍କ ନିକଟରେ ନୂତନକାଠ ପାଇଁ ଦାବି କରାଯାଇଥିଲେ ହେଁ ଏଥିପ୍ରତି ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାରୁ ଆଜିର ଅଘଟଣ ଜଗନ୍ନାଥପ୍ରେମୀଙ୍କ ମନରେ ଗଭୀର କଷ୍ଟ ଦେଇଥିବା ଜଣାଯାଇଛି।





ଆରଡ଼ିରେ ଘୋଷଯାତ୍ରା

## ରଥଯାତ୍ରାରେ ଚାରା ବଣ୍ଟନ

**ଅସୁରାଳି,୧୬।୭(ସମିସ):** ପବିତ୍ର ଘୋଷଯାତ୍ରା ଅବସରରେ ସ୍ଥାନୀୟ ଅଇଁଠି ସାହୁ ଟ୍ରଷ୍ଟ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ଓ ପରିବେଶ ସୁରକ୍ଷାକୁ ପାଥେୟ କରି ଟ୍ରଷ୍ଟ ତରଫରୁ ଧୂଷୁରୀ ଥାନା ରୋଡ୍‌ରେ ୪୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ବଣ୍ଟନ କରାଯାଇଛି। ଧୂଷୁରୀ ଥାନାର ସବ୍ ଇନ୍ସପେକ୍ଟର ଗଗନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ବଣ୍ଟନର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦାସ, ବିଶିଷ୍ଟ ଅଧ୍ୟାପକ ଶ୍ରୀଧର ସାହୁ, ସମାଜସେବୀ ଆଲୋକ କାନୁନ୍‌ଗୋ, ଶିକ୍ଷାବିତ୍ ରବୀନ୍ଦ୍ର ବେହୁରିଆ, ସାମ୍ବାଦିକ ଲକ୍ଷ୍ମୀନାରାୟଣ ମିଶ୍ର, ସମାଜସେବୀ ସିଦ୍ଧାର୍ଥ ବାରିକ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଅଇଁଠି ସାହୁ ଟ୍ରଷ୍ଟର ମୁଖ୍ୟ ଅନନ୍ତ ସାହୁ ଅତି ସୁଚାରୁରୂପେ ପରିଚାଳନା କରିଥିଲେ। ବଣ୍ଟନ କରାଯାଇଥିବା ଚାରାଗୁଡ଼ିକୁ କେବଳ ପୋତି ନ ଦେଇ, ସେଗୁଡ଼ିକର ସୁରକ୍ଷା ଓ ଯତ୍ନ ନେବାକୁ ସ୍ଥାନୀୟ ବାସିନ୍ଦା ସଂକଳ୍ପ କରିଛନ୍ତି।

### କେଶପୁର ହରିବୋଲ କ୍ଷେତ୍ରରେ ରଥଯାତ୍ରା ଚତୁର୍ଦ୍ଦଶ ବର୍ଷରେ ପଦାର୍ପଣ

# ଜିଲ୍ଲାପାଳ କଲେ ଛେରାପହଁରା; ଦର୍ପଦଳନ ରଥକୁ ଟାଣିଲେ ମହିଳା

ଭଦ୍ରକ/ତିହିଡ଼ି,୧୬।୭(ସମିସ)

ଭଦ୍ରକର ହରିବୋଲ କ୍ଷେତ୍ର କେଶପୁରଠାରେ ଗୁରୁବାର ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ରଥଯାତ୍ରା ଚତୁର୍ଦ୍ଦଶ ବର୍ଷରେ ପଦାର୍ପଣ କରିଛି। ବିଧି ମୁତାବକ ଅପରାହ୍ଣ ପ୍ରାୟ ସାଢ଼େ ୨ଟା ବେଳେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ତିନି ରଥରେ ଛେରାପହଁରା କରିଥିଲେ। ପରେ ଦିନ ପ୍ରାୟ ୩ଟା ୩୦ରେ ଗୁଆମାଳ ମୋଡ଼ସାହି ସ୍ଥିତ ମାଉସୀ ମା' ମନ୍ଦିର ଅଭିମୁଖେ ତିନି ରଥ ଗଡ଼ିବା ଆରମ୍ଭ କରିଥିଲା। ହରିବୋଲ କ୍ଷେତ୍ରରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଦୀର୍ଘ ୨ କିଲୋମିଟର ରାସ୍ତାକୁ ବିଭିନ୍ନ ରଙ୍ଗିନ୍ ପତାକା, ଡାକବାଜି ଯନ୍ତ୍ରରେ ସୁସଜ୍ଜିତ କରାଯାଇଥିଲା। ଜଗନ୍ନାଥ ମନ୍ଦିର-ମାଉସୀ ମା' ମନ୍ଦିର, କେଶପୁର ଗ୍ରାମ-ମୋଡ଼ସାହି ଗ୍ରାମ, ଭଦ୍ରକ ବ୍ଲକ୍-ତିହିଡ଼ି ବ୍ଲକ୍ ମଧ୍ୟରେ ସମ୍ପର୍କର ବନ୍ଧ ଥିଲା ଏହି ଘୋଷଯାତ୍ରା।





ରଥଯାତ୍ରା କମିଟି ତରଫରୁ ସ୍କାଉଟ୍ସ, ଗାଇଡ୍ସ, ଛାତ୍ର ସଂଗଠନ, ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଥିଲା। ସେହିଭଳି ବିଧି ଅନୁଯାୟୀ ଦର୍ପଦଳନ ରଥ (ମା' ସୁଭଦ୍ରାଙ୍କ ରଥ) ମହିଳାମାନଙ୍କ ଦ୍ୱାରା ଦୀର୍ଘ ୨ କିଲୋମିଟର ରାସ୍ତା ଟାଣି ଟାଣି ନେଇ ମାଉସୀ ମା' ମନ୍ଦିରରେ ପହଞ୍ଚାଇବାର ଦୃଶ୍ୟ ଥିଲା ଅତି ଚିତାକର୍ଷକ। ସେହିପରି ଭକ୍ତମାନଙ୍କ ନିମନ୍ତେ ରାସ୍ତାର ଉଭୟ ପାର୍ଶ୍ୱରେ ଲେମ୍ବୁ ସରବତ, ଟଙ୍କ ତୋରାଣି, ଅଧରପଣା, ପାଣି ପାଉଚ୍‌ର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ତିନି ରଥ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲେ। ରଥଯାତ୍ରା ପରିଚାଳନା କମିଟି ସଭାପତି ନଗେନ୍ଦ୍ର ପ୍ରସାଦ ଦାସ, ସମ୍ପାଦକ ପତିତପାବନ ପଣ୍ଡା, କୋଷାଧ୍ୟକ୍ଷ ପ୍ରତାପ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ଉପଦେଷ୍ଟା ଶ୍ରୀଧର ପୁହାଣ, ରବୀନ୍ଦ୍ର ସାହୁ, ସରୋଜ ପଣ୍ଡା, ପୀତବାସ ମୁଦୁଲି ଏବଂ ଅନ୍ୟ ସଦସ୍ୟମାନେ ରଥଯାତ୍ରା ଶୃଙ୍ଖଳାର ସହିତ ସମାପନ ହୋଇଥିଲା। ଅନୁରୂପଭାବେ ଭଦ୍ରକ ସାଳନ୍ଦୀ ବାଇପାସ୍, ଗବସାହି, ନରୀପୁର(ଅସ୍ଥଳ) କ୍ଷମାସାଗର ମଠ, ଭଦ୍ରକାଳୀ ଓ ଉତରବାହିନୀରେ ରଥଯାତ୍ର ବେଶ୍ ଆଡ଼ମ୍ବରରେ ସମାପିତ ହୋଇଯାଇଛି।

## ■ ଭଣ୍ଡାରିପୋଖରୀଠାରେ ରଥଯାତ୍ରା



**ବାରିକପୁର,୧୬।୭(ସମିସ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ବିଜେସ୍ଥଳୀ ପୁରୀ ଶ୍ରୀକ୍ଷେତ୍ରଠାରୁ ଆରମ୍ଭ କରି ଓଡ଼ିଶାର କୋଣ ଅନୁକୋଣରେ ଏହି ଯାତ୍ରା ଭାବଉଦ୍ଦୀପନାର ସହିତ ପାଳନ ହୋଇଛି। ଗାଁଠାରୁ ସହର ସବୁଠି ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଛି। ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନୀରେ ପରିବେଶ ଏକପ୍ରକାର ଭକ୍ତିମୟ ହୋଇଛି। ଏହି ଉପଲକ୍ଷେ ବ୍ଲକ୍‌ର ମଞ୍ଜୁରୀସ୍ଥିତ ସର୍ବପୁରାତନ ବଳଦେବଜୀଉ ପୀଠରେ ଭାବଭକ୍ତିର ସହିତ ରଥଯାତ୍ରା ପାଳିତ ହୋଇଥିଲା। ଝିପିଝିପି ବର୍ଷା ସତ୍ତ୍ୱେ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥରେ ତିନି ଠାକୁର ବିରାଜମାନ କରି ଶ୍ରୀଗୁଣ୍ଡିଚା ଯାତ୍ରାରେ ମାଉସୀ ମା' ଘରକୁ ଯାଇଥିଲେ। ସନ୍ଧ୍ୟା ୭ଟାରୁ ରାତି ୧୦ଟା ଯାଏଁ ରଥଟଣା ହୋଇଥିଲା। ପାଖାପାଖି ୫ହଜାରରୁ ଅଧିକ ଶ୍ରଦ୍ଧାଳୁ ବଳଦେବଜୀଉଙ୍କ ରଥଯାତ୍ରାରେ ଯୋଗଦେଇଥିଲେ। ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

ସେହିଭଳି ସରସଦା ପଞ୍ଚାୟତ ଏକବୋଲାଠାରେ ରଥଯାତ୍ରା ପାଳିତ ହୋଇଯାଇଛି। ପୂଜକ ବିଶ୍ୱନାଥ ପାଣିଙ୍କ ଦ୍ୱାରା ମହାପ୍ରଭୁଙ୍କ ସ୍ନାନ ସହିତ ବାଲ୍ୟ ଭୋଗ ଓ ପଣା ଆଦି ପ୍ରଦାନ ପରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇଥିଲେ। ଏହାପରେ ରଥ ମାଉସୀ ଘରକୁ ଗଡ଼ିଥିଲା। ଗ୍ରାମର ପିତାମ୍ବର ଦିଅ ଛେରାପହଁରା କରିଥିବାବେଳେ ସରୋଜ କୁମାର କବି ସଙ୍କଳ୍ପ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଆଖପାଖ ଗ୍ରାମର ଶହଶହ ଶ୍ରଦ୍ଧାଳୁ ଏଥିରେ ଯୋଗଦେଇଥିଲେ। ବୟାବନାପୁର ଜଗନ୍ନାଥ ମନ୍ଦିର ପୂଜା କମିଟି ପକ୍ଷରୁ ରଥଯାତ୍ରା ପାଳିତ ହୋଇଯାଇଛି। ଜଗନ୍ନାଥ ପ୍ରସାଦଠାରେ ମଧ୍ୟ ବହୁ ଆଡ଼ମ୍ବର ସହକାରେ ରଥଯାତ୍ରା ପାଳନ ହୋଇଥିଲା। ଗ୍ରାମର ଜିତେନ୍ଦ୍ର ମହାପାତ୍ର ଛେରାପହଁରା କରିଥିଲେ। ପୂଜକ ମହେଶ୍ୱର ଦାସ, ପ୍ରଦୋଷ ନନ୍ଦ, ସୀତାକାନ୍ତ ମିଶ୍ର ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସନ୍ତୋଷ ମହାପାତ୍ର, ସତ୍ୟପ୍ରକାଶ ମହାପାତ୍ର, ନାରାୟଣ ବେହେରା, ସାଇପ୍ରସାଦ ମହାପାତ୍ର ପରିଚାଳନା କରିଥିଲେ। ରାଢୋଠାରେ ମଧ୍ୟ ଘୋଷଯାତ୍ରା ପାଳିତ ହୋଇଯାଇଛି। ସନ୍ତୋଷ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥଟଣା କାର୍ଯ୍ୟ ଶେଷ ହୋଇଥିଲା। ଅନୁରୂପ ଭାବେ ତୁଳସୀପୁର, ରହଣିଆ, ମାଳଦା, ଆଖୁଆପଦା, ମଣୀନାଥପୁର, କୁଲଣା, ମଞ୍ଜୁରୀ ରୋଡ୍, ନାଆମୀ, କୁରିଗାଁ, ଜଳମଣ୍ଡୁଆ, ବିଷ୍ଣୁପୁର, ଝୁଟଣା, ନପଙ୍ଗ ପ୍ରମୁଖ ସ୍ଥାନରେ ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି।

## ■ ଅସୁରାଳି

ପବିତ୍ର ରଥଯାତ୍ରା ଲାଗି ଗୋବିନ୍ଦପୁର, କୋରୁଆ, କଲ୍ୟାଣୀ, ରଇପୁର, ବେତାଳିଗାଁ, ପାଳସାହି, ସାହାସପୁର, ଧୂଷୁରୀ, ନଦୀଗାଁ, ହସନାବାଦ, ଭଟ୍ଟସାହି, ଫଳପୁର ଓ ଅସୁରାଳି ଆଦି ଅଞ୍ଚଳରେ ଚଳିତ ବର୍ଷ ଆଡ଼ମ୍ବର ଓ ଭକ୍ତିପୂର୍ଣ୍ଣ ମାହୋଲରେ ଶ୍ରୀଜୀଉଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶଙ୍ଖ-ଘଣ୍ଟନାଦରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଛି। ପୂର୍ବାହ୍ଣରୁ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି, ମହାସ୍ନାନ, ମଇଲମ, ବେଶ ଓ ସର୍ବୋପରି ଶ୍ରଦ୍ଧାଳୁଙ୍କ ଗହଣରେ ପହଣ୍ଡି ବିଜେ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ଏହାପରେ ରଥ ପ୍ରତିଷ୍ଠା ଓ ପୂଜାର୍ଚ୍ଚନା କରାଯାଇ ରଥଟଣା ଆରମ୍ଭ ହୋଇଥିଲା। ଶାନ୍ତିଶୃଙ୍ଖଳାର ସହ ଯାତ୍ରା ଶେଷ ହୋଇଥିବାରୁ ବିଭିନ୍ନ ଅଞ୍ଚଳର ରଥଯାତ୍ରା କମିଟି, ପୁଲିସ ପ୍ରଶାସନ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ସେହିପରି କୋଠାର କଚେରୀ ଦାଣ୍ଡଠାରେ ରଥଯାତ୍ରା ପାଳିତ ହୋଇଯାଇଛି। କୋଠାର ଜମିଦାର ବଳରାମ ବସୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ରଥଯାତ୍ରା ପ୍ରାୟ ୭୭ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ଜମିଦାରୀ ଉଚ୍ଛେଦ ପରେ ଗ୍ରାମବାସୀଙ୍କ ସହଯୋଗରେ ଏହା ଅନୁଷ୍ଠିତ ହେଉଛି। ମନ୍ଦିରର ପୂଜକ ରବି ପାଣିଗ୍ରାହୀ, ପୁତ୍ର ସତ୍ୟବ୍ରତ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ନବ ଦିନାତ୍ମକ ଯାତ୍ରାରେ ଛେରାପହଁରା କରିଥିଲେ ଶ୍ରୀଧର ନାଥ। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ବୋଇତି, ହିମାଦ୍ରୀ ଦାସ, ଆନନ୍ଦ ସାହୁ, ଶରତ ସାହୁ, ପ୍ରଭାତ ସାହୁ, ସଦାଶିବ ପୋଥାଳ, ସତ୍ୟଜିତ୍ ବୋଇତି, ସମୀର ଧଳ, ଦେବାନନ୍ଦ ସାହୁ, ମନୋଜ ଦାସ, ପିଣ୍ଟୁ ମହାଳିକ ପ୍ରମୁଖ ସହଯୋଗ କରିଥିଲେ।







## ■ ବନ୍ତ/ଆଗରପଡ଼ା

ପ୍ରାୟ ୩ଶହରୁ ଅଧିକ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଅନୁଷ୍ଠିତ ହୋଇ ଆସୁଥିବା ଆଗରପଡ଼ା ରଥଯାତ୍ରା ଏଥର ମଧ୍ୟ ମହାଆଡ଼ମ୍ବରରେ ସମାପନ ହୋଇଛି। ପ୍ରତିକୂଳ ପାଗ ସତ୍ତ୍ୱେ ପ୍ରବଳ ଜନସମାଗମ ହୋଇଥିଲା। ଜୟ ଜଗନ୍ନାଥ, ହରିବୋଲ, ହୁଳହୁଳି ଧ୍ୱନୀ ସହିତ ଭଜନ କୀର୍ତ୍ତନ ଓ ଡାହୁକ ଡାକ ଗଗନ, ପବନ ପ୍ରକମ୍ପିତ ହୋଇଥିଲା। ପ୍ରତ୍ୟୁଷରୁ ଶ୍ରୀମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଶ୍ରୀଜୀଉମାନଙ୍କର ହୋଇଥିଲା। ଅପରାହ୍ଣରେ ଶ୍ରୀଜୀଉମାନଙ୍କୁ ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ଠାକୁର ରାଜା ତଥା ସୁପ୍ରିମକୋର୍ଟ ଆଡ୍‌ଭୋକେଟ ଜଗତ ମୋହନ ସିଂହ ରୁପା ଖଡ଼ିକାରେ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ରଥ ମାଉସୀ ମା' ମନ୍ଦିରରେ ପହଞ୍ଚି ମନ୍ଦିରରେ ବିଜେ କରିଥିଲେ। ଥାନାଧିକାରୀ ରାଜେଶ ସେଠୀ ପୁଲିସ ଫୋର୍ସ ସହ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଭୁବନେଶ୍ୱର ଲାୟନ୍ସ କ୍ଲବ୍ ପକ୍ଷରୁ ସଭାପତି ପ୍ରଭାତୀ ଏମ୍ ସିହ୍ନାଙ୍କ ନେତୃତ୍ୱରେ ବିଭିନ୍ନ ସେବା କାର୍ଯ୍ୟ ହୋଇଥିଲା।

## ■ ଧୂଷୁରୀ

ଧୂଷୁରୀ ଅଞ୍ଚଳର ଅସୁରାଳି, କୋରୁଆ, ଧୂଷୁରୀ, କୋଠାର, ଗଡ଼ିଆଳି, ରଇପୁର, ନଦୀଗାଁ, ଭଟ୍ଟସାହି, ଚୁଡ଼ାକୁଟି ସମେତ ବିଭିନ୍ନ ସ୍ଥାନରେ ମହାଆଡ଼ମ୍ବର ଓ



ଭକ୍ତିଭାବର ସହିତ ପବିତ୍ର ଶ୍ରୀଜଗନ୍ନାଥ ରଥଯାତ୍ରା ପାଳିତ ହୋଇଛି। ସକାଳୁ ମନ୍ଦିରଗୁଡ଼ିକରେ ବିଭିନ୍ନ ନୀତିକାନ୍ତି ସମ୍ପନ୍ନ ହେବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ସୁସଜ୍ଜିତ ରଥରେ ବିରାଜମାନ କରାଯାଇଥିଲା। ହଜାର ହଜାର ଭକ୍ତ 'ଜୟ ଜଗନ୍ନାଥ' ଧ୍ୱନୀରେ ରଥ ଟାଣି ମହାପ୍ରଭୁଙ୍କ ଦର୍ଶନ ଲାଭ କରିଥିଲେ। ଭଜନ, କୀର୍ତ୍ତନ, ଘଣ୍ଟ, ମୃଦଙ୍ଗ ଓ ଶଙ୍ଖଧ୍ୱନୀରେ ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶରେ ମୁଖରିତ ହୋଇ ଉଠିଥିଲା। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ଏକ ଧାର୍ମିକ ପର୍ବ ନୁହେଁ, ବରଂ ଓଡ଼ିଆଙ୍କ ଆସ୍ଥା, ସଂସ୍କୃତି ଓ ପରମ୍ପରାର ପ୍ରତୀକ। ପ୍ରତିବର୍ଷ ଏହି ମହାପର୍ବକୁ ଅପେକ୍ଷା କରି ରହିଥା'ନ୍ତି ଲକ୍ଷ ଲକ୍ଷ ଭକ୍ତ। ଚଳିତ ବର୍ଷ ମଧ୍ୟ ସମଗ୍ର ଓଡ଼ିଶା ସହିତ ଧାମନଗର ଅଞ୍ଚଳରେ ରଥଯାତ୍ରା ଶାନ୍ତିଶୃଙ୍ଖଳା ଓ ଉତ୍ସାହର ସହ ପାଳିତ ହୋଇଛି।

## ■ ଧାମନଗର

ପବିତ୍ର ରଥଯାତ୍ରା ଅବସରରେ ଧାମନଗର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଗୁରୁବାର ଭକ୍ତିମୟ ପରିବେଶ ମଧ୍ୟରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି। ସକାଳୁ ବିଭିନ୍ନ ଜଗନ୍ନାଥ ମନ୍ଦିରରେ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ସମ୍ପନ୍ନ ହେବା ପରେ ଘଣ୍ଟ, ଘଣ୍ଟା ଓ ଶଙ୍ଖଧ୍ୱନୀ ମଧ୍ୟରେ ଶ୍ରୀଜୀଉମାନଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ''ଜୟ ଜଗନ୍ନାଥ' ଧ୍ୱନୀରେ ସମଗ୍ର ଅଞ୍ଚଳ ଭକ୍ତିମୟ ହୋଇଉଠିଥିଲା। ଦଇପୁର ପଞ୍ଚାୟତର ଠାକୁରପାଟଣା ଗ୍ରାମରେ ବ୍ଲକ୍‌ର ସର୍ବବୃହତ୍ ତିନି ରଥରେ ଠାକୁରମାନଙ୍କ ବିଜେ ପରେ ଅପରାହ୍ଣରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ନଦୀଗାଁର ପ୍ରାଚୀନ ଘୋଷଯାତ୍ରା ପରମ୍ପରା ଅନୁଯାୟୀ, ଧୂମ୍‌ଧାମରେ ପାଳନ କରାଯାଇଥିଲା। ରାଧାବଲ୍ଲଭପୁର ପଞ୍ଚାୟତର ବନ୍ଧଟିଆ ଗ୍ରାମରେ ଏଥର ଘୋଷଯାତ୍ରା ୪୮ ତମ ବର୍ଷରେ ପଦାର୍ପଣ



କରିଥିବାବେଳେ ଏହାକୁ ଦେଖିବା ପାଇଁ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କୋଠାର, ଅସୁରାଳି, କଲ୍ୟାଣୀ, ଗୋବିନ୍ଦପୁର, ପଳିକିରି, ଅନହରପୁର, ଇଚ୍ଛଦା, ଭଗବାନପୁର, ଚୁଡ଼ାକୁଟି, ଦୋବଲ, ଦିହୁଡ଼ି ଆନନ୍ଦପୁର, ଗୋହିରାଟିକିରି, କରଦା ଓ ସୋହଡ଼ା ସମେତ ବିଭିନ୍ନ ଅଞ୍ଚଳରେ ମଧ୍ୟ ଘୋଷଯାତ୍ରା ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହୋଇଥିଲା। ଅନେକ ଗ୍ରାମରେ ପିଲାମାନଙ୍କ ଦ୍ୱାରା କୁନି ରଥଟଣା ଉତ୍ସବର ଅନ୍ୟତମ ଆକର୍ଷଣ ପାଲଟିଥିଲା। ଧାମନଗର ଏନ୍‌ଏସି ଅଞ୍ଚଳର ତାଳପଦା ଓ ଶ୍ୟାମପୁରରେ ମଧ୍ୟ ରଥଯାତ୍ରା ଭକ୍ତିଭାବର ସହ ପାଳିତ ହୋଇଥିଲା। ପୁରୀ ଶ୍ରୀକ୍ଷେତ୍ରର ଐତିହ୍ୟକୁ ଅନୁସରଣ କରି ବିଭିନ୍ନ ସ୍ଥାନରେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥ ଟାଣିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ଅପାର ଉତ୍ସାହ ଦେଖିବାକୁ ମିଳିଥିଲା। ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଧାମନଗର ପୁଲିସ ପକ୍ଷରୁ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ନୂଆପୋଖରୀ ସ୍କୁଲରୁ ଚୋରି

**ବନ୍ତ/ଆଗରପଡ଼ା,୧୬।୭(ସମିସ):** ଆଗରପଡ଼ା ଅନ୍ତର୍ଗତ ନୂଆପୋଖରୀ ପ୍ରାଥମିକ ବିଦ୍ୟାଳୟରୁ ଚୋରି ହୋଇଥିବାର ଥାନାରେ ଅଭିଯୋଗ ହୋଇଛି। ସ୍କୁଲର ମୁଖ୍ୟ ଗେଟ୍‌ଠାରୁ ଆରମ୍ଭ କରି କମ୍ପ୍ୟୁଟର ରୁମ୍ ଏବଂ ଷ୍ଟୋର୍ ରୁମ୍ ପର୍ଯ୍ୟନ୍ତ ସବୁଠି ତାଲା ଭାଙ୍ଗି ସର୍ବସ୍ୱ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ମିଳିଥିବା ସୂଚନା ମୁତାବକ, ଚୋରମାନେ ସ୍କୁଲ ପରିସରରେ ପଶି ପ୍ରଥମେ ମୁଖ୍ୟ ଗେଟ୍‌ର ଚାବି ଭାଙ୍ଗିଥିଲେ। ଏହାପରେ କମ୍ପ୍ୟୁଟର ରୁମ୍ ଏବଂ ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ଥିବା ଷ୍ଟୋର୍ ରୁମ୍‌ର ଚାବି ଭାଙ୍ଗି ସମସ୍ତ ସାମଗ୍ରୀ ଲୁଟି ନେଇଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ମଲ୍ଲିକଙ୍କ ସୂଚନା



ଅନୁଯାୟୀ, ଚୋରି ହୋଇଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ୩ଟି କମ୍ପ୍ୟୁଟର ମନିଟର, ଏକ ପ୍ରିଣ୍ଟର, ମାଉସ୍, ଇନ୍‌ଭର୍ଟର, କାଣ୍ଡ ଘଣ୍ଟା, ୯୦ କେଜି ଚାଉଳ, ଗ୍ରୋସରି ସାମଗ୍ରୀ, ପ୍ରେସର କୁକର, କତା ଓ ଗୋଟିଆ ଭଳି ଅନେକ ଆନୁଷଙ୍ଗିକ ଚୋରି ହୋଇଛି। ଏନେଇ ପ୍ରଧାନଶିକ୍ଷକ ଆଗରପଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ଧୂଷୁରୀ ପୁଲିସର ଚଢ଼ଉ; କୋଠାରରୁ ୫ ଜୁଆଡ଼ି ଗିରଫ


**ଧୂଷୁରୀ,୧୬।୭(ସମିସ):** ଧୂଷୁରୀ ଥାନା ଅଧୀନ କୋଠାର ଅଞ୍ଚଳରେ ଚାଲିଥିବା ବେଆଇନ ଜୁଆ ଆଡ୍ଡା ଉପରେ ଥାନା ଆଇଆଇସି ସୁଦର୍ଶନ ବାଗେଙ୍କ ନେତୃତ୍ୱରେ ପୁଲିସ ଚଢ଼ଉ କରି ୫ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ଲକ୍ଷ୍ମୀଧର ଦାସ, ବାବୁଲା ଜେନା, ଶିଶିର ସେଠୀ, ବୁଧିରାମ ସାମଲ ଓ କୁଳମଣି ଜେନା। ଧୂଷୁରୀ ପୁଲିସ ଘଟଣାରେ ଏକ ମାମଲା(ନଂ-୩୦୮/୨୬) ରୁଜୁ କରି ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ବେଆଇନ ଜୁଆ କାରବାର ବିରୋଧରେ ଧୂଷୁରୀ ପୁଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ସମସ୍ତେ ସ୍ୱାଗତ କରିଛନ୍ତି।

## ଭଦ୍ରକ ରେଳବାଇ ଥାନାରେ ୨ ଦିନରେ ୨ଟି ଅପମୃତ୍ୟୁ ମାମଲା

**ଭଦ୍ରକ,୧୬।୭(ସମିସ):** ଭଦ୍ରକ ରେଳବାଇ ପୁଲିସ (ଜିଆର୍‌ପି)ରେ ଗତ ୨ ଦିନରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାନୁଯାୟୀ, ଗତ ବୁଧବାର ଜଣେ ୩୨ ବର୍ଷୀୟ ଅଜଣା ଯୁବକ ଭଦ୍ରକ ରେଳଷ୍ଟେସନର ୩ ନମ୍ବର ପ୍ଲାଟ୍‌ଫର୍ମରେ ଥିବା ଏକ ବରଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ରେଳବାଇ ପୁଲିସ ଘଟଣାରେ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ-୪୭/୨୬) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନୁରୂପ ଭାବେ ଗୁରୁବାର ଭଦ୍ରକ ରେଳଷ୍ଟେସନ ଅନତିଦୂରରେ ଅପ୍‌ଲାଇନ୍‌ରେ ଜଣେ ଅଜଣା ଯୁବକଙ୍କ କ୍ଷତାକ୍ତ ମୃତଦେହକୁ ଉଦ୍ଧାର ହୋଇଛି। ରେଳବାଇ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାରେ ଏକ ଅପମୃତ୍ୟୁ ମାମଲା (ନଂ-୪୮/୨୬)ରୁଜୁ କରି ତଦନ୍ତ କରୁଛି।

## ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭଦ୍ରକ,୧୬।୭(ସମିସ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଗୁରୁବାର ଭଦ୍ରକ ସ୍ଥିତ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ ଉପସ୍ଥିତ ରହି ଭଦ୍ରକ ଜିଲ୍ଲାରେ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ହେଉଥିବାରୁ ଆନନ୍ଦ ପ୍ରକାଶ କରିଥିଲେ। ସେମାନେ ବିପ୍ଳବୀ ଚକ୍ରଧର ବେହେରାଙ୍କ ତ୍ୟାଗ, ସଂଘର୍ଷମୟ ଜୀବନ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଏବଂ ସମ୍ମାନିତ ବକ୍ତା ଭାବେ ଚକ୍ରଧର ବେହେରା ସ୍ମୃତି କମିଟିର ସଭାପତି ବାସୁଦେବ ବାରିକ ଯୋଗଦେଇ କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ ସୂତ୍ରଧର ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୀବନାଦର୍ଶ, ଦେଶପ୍ରେମ ଓ ସାମାଜିକ ଚେତନା ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଉପସ୍ଥିତ ଶ୍ରୋତାମାନଙ୍କୁ ଅନେକ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚକ୍ରଧର ବେହେରା ସ୍ମୃତି କମିଟିର ସମ୍ପାଦକ ଉପେନ୍ଦ୍ର ବାରିକ ଯୋଗଦେଇ ବିପ୍ଳବୀଙ୍କ ପିଲାବେଳ, ଦେଶପ୍ରେମ ଏବଂ ସ୍ୱାଧୀନତା ପ୍ରତି ତାଙ୍କର ଦୃଢ଼ ମାନସିକତା ଉପରେ ଗୁରୁତ୍ୱାରୋପ କରିଥିଲେ।



ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ ଉପରେ ଭଦ୍ରକରେ ହାଇସ୍କୁଲସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଚରମ୍ପା ଉଚ୍ଚ ବିଦ୍ୟାଳୟର ଭାଗ୍ୟବତୀ ଖୁଣ୍ଟିଆ, ଜିଲ୍ଲା ସ୍କୁଲ, ଭଦ୍ରକର ଶୀତଲ ମଲ୍ଲିକ ଏବଂ ଆର୍‌ସିବିଏଲ୍ ଉଚ୍ଚ ବିଦ୍ୟାଳୟର ମନୀଷା ରାଣୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗାନ୍ଧୀ ବାଳାଶ୍ରମର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ମଞ୍ଚ ପରିଚାଳନା କରିଥିବାବେଳେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ● ଜୀବିତ ମାଆକୁ ମୃତ ଦର୍ଶାଇ ଘରବାଡ଼ି ଜମି ହଡ଼ପ!

## ୨ ପୁଅ, ଆର୍‌ଆଇ ଓ ୪ ସାକ୍ଷୀଙ୍କ ବିରୋଧରେ ଏତଲା

**ଧାମନଗର,୧୬।୭(ସମିସ):** ଧାମନଗର ତହସିଲ୍ ଏବଂ ଏନ୍‌ଏସି ଅଧୀନ ଜୟନଗର ମୌଜା (ହବିବନଗର)ରେ ଜଣେ ଜୀବିତ ମହିଳାଙ୍କୁ ସରକାରୀ କାଗଜପତ୍ରରେ ମୃତ ଦର୍ଶାଇ ତାଙ୍କ ନାମରେ ଥିବା ଖାତା ନମ୍ବର-୧୧୨୬/୫୮, କିସମ-ଘରବାରିର ପ୍ରାୟ ୧୪ ଡେସିମିଲ ଜମି ଓ କୋଠାଘର ଦୁଇ ପୁଅ ନିଜ ନାମକୁ କରାଇ ନେଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ପୀଡ଼ିତା ଆଇଶା ବିବି ଗତ ୧୦ ତାରିଖରେ ଧାମନଗର ଥାନାରେ ଦୁଇ ପୁଅ, ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଓ ୪ ଜଣ ସାକ୍ଷୀଙ୍କ ବିରୋଧରେ ଏତଲା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଆଇଶା ବିବିଙ୍କ ସ୍ୱାମୀଙ୍କର ମୃତ୍ୟୁ ହୋଇଥିବାବେଳେ ୨ ପୁଅ ଓ ୬ ଝିଅ ରହିଛନ୍ତି। ଝିଅମାନେ ବାହା ହୋଇ ଶାଶୂ ଘରେ, ଆଇଶା ଦୁଇ ବର୍ଷ ପୂର୍ବେ ହଜ ଯାତ୍ରା ପାଇଁ ସାଉଦିଆରବ ଯାଇଥିଲେ। ସେଠାରୁ ଫେରିବା ପରେ ଦୁଇ ପୁଅ ତାଙ୍କୁ ଘରୁ ବାହାର କରିଦେଇଥିଲେ। ପରେ ସେ ଜାଣିବାକୁ ପାଇଥିଲେ ଯେ, ତାଙ୍କ ନାମରେ ଥିବା ଘରବାରି ଜମି ଓ କୋଠାଘର କାଗଜପତ୍ରରେ ତାଙ୍କୁ ମୃତ ଦର୍ଶାଇ ଦୁଇ ପୁଅ ନିଜ ନାମକୁ କରାଇ ନେଇଛନ୍ତି। ଏନେଇ ସେ ବାରମ୍ବାର ନିଜକୁ ଜୀବିତ ଦର୍ଶାଇବା ପାଇଁ ଜିଲ୍ଲାପାଳଙ୍କ ପାଖକୁ ଦୌଡ଼ିଥିଲେ, ହେଲେ କେହି ଶୁଣି ନ ଥିଲେ। ପରେ ଭଦ୍ରକର ସୂଚନା ଅଧିକାର କର୍ମୀ ବିକାଶ ଧଳଙ୍କ ଦ୍ୱାରା ସୂଚନା ଅଧିକାର ଆଇନ ବଳରେ ସଂଗ୍ରହ କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି ଯେ, ୨୦୨୫ ମସିହାରେ ୨ ପୁଅ ଏକ ଘୋଷଣାନାମା ଦାଖଲ କରି ତାଙ୍କ ମାଆଙ୍କ ୪୦ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିବା ଦର୍ଶାଇଥିଲେ। ଏହାକୁ ଆଧାର କରି ଉକ୍ତ ଘରବାରି ଜମିର ରେକର୍ଡ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାରେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ପ୍ରକାଶ ମଲ୍ଲିକ କ୍ଷେତ୍ର ତଦନ୍ତ ନ କରି ମହିଳା ଜଣକ ମୃତ ବୋଲି ରିପୋର୍ଟ ଦେଇଥିଲେ। ପୁଅମାନେ ଏହାରି ଆଧାରରେ ନିଜ ନାମକୁ କରିନେଇଥିଲେ। ଏପଟେ ଆଇଶା ବିବି ଆଧାର କାର୍ଡ, ପାସ୍‌ପୋର୍ଟ ସମେତ ବିଭିନ୍ନ ଦସ୍ତାବିଜ୍ ଧରି ନିଜକୁ ଜୀବିତ ପ୍ରମାଣ କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଘଟଣା ସମ୍ପର୍କରେ ଜିଲ୍ଲା ପ୍ରଶାସନ ଅବଗତ ହୋଇଥିବାବେଳେ ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ସହ ଜମି ପୁନର୍ବାର ଆଇଶା



ବିବିଙ୍କ ନାମକୁ ଫେରାଇବା ପାଇଁ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଜଣେ ଜୀବିତ ମହିଳାଙ୍କୁ କେବଳ ଗୋଟିଏ ଅଫିଡେଭିଟ୍ ଆଧାରରେ ମୃତ ଦର୍ଶାଇ ଜମିର ରେକର୍ଡ ପରିବର୍ତ୍ତନ କରାଯିବା ଘଟଣା ରାଜସ୍ୱ ବ୍ୟବସ୍ଥାର ତଦନ୍ତ ପ୍ରକ୍ରିୟା ଓ ଦାୟିତ୍ୱବୋଧକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି। ଏନେଇ ଧାମନଗର ରାଜସ୍ୱ ନିରୀକ୍ଷକ ପ୍ରକାଶ ମଲ୍ଲିକଙ୍କୁ ପଚାରିବାରୁ ସେ ନିଜେ ସ୍ୱୀକାର କରିଛନ୍ତି ଯେ, ଆଇଶା ବିବିଙ୍କ ପୁଅମାନେ ମାଆଙ୍କ ୪୦ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିବା ଦର୍ଶାଇ ଏକ ଅଫିଡେଭିଟ୍ ଦେଇଥିଲେ ଏବଂ ସେ କ୍ଷେତ୍ର ତଦନ୍ତ ନ କରି ସେହି ଆଧାରରେ ରିପୋର୍ଟ ଦେଇଥିଲେ। ସେ ଏହାକୁ ନିଜର ଭୁଲ୍ ବୋଲି ସ୍ୱୀକାର କରିବା ସହ ଭଦ୍ରକ ଉପଜିଲ୍ଲାପାଳଙ୍କ କୋର୍ଟରେ ମାମଲା ଚାଲିଥିବା ଏବଂ ଆଇନଗତ ପ୍ରକ୍ରିୟାରେ ଶୀଘ୍ର ଜମି ଆଇଶା ବିବିଙ୍କ ନାମକୁ ଫେରିବ ବୋଲି କହିଛନ୍ତି।

## କେନ୍ଦୁଝରର ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରା

# ଭକ୍ତିଭାବରେ ବୁଡ଼ିଲେ ଲକ୍ଷାଧିକ ଭକ୍ତ

**କେନ୍ଦୁଝର, ୧୬।୭(ସମିସ):** କେନ୍ଦୁଝରର ପ୍ରସିଦ୍ଧ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଲକ୍ଷାଧିକ ଭକ୍ତଙ୍କ ଗହଣରେ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଭକ୍ତ ଏହି ରଥଯାତ୍ରାରେ ରୁଣ୍ଡିଭୂତ ହୋଇଥିଲେ। ଶୁକ୍ରବାର ଅପରାହ୍ନରେ ବିଶ୍ୱର ସର୍ବବୃହତ ରଥ ଭାବେ ପରିଚିତ କେନ୍ଦୁଝରର ରଥ ରଥ ଉପରକୁ ଶ୍ରୀଜୀଉମାନଙ୍କୁ ପହଁଣ୍ଡି କରି ନିଆଯାଇଥିଲା। ପ୍ରତ୍ୟୁଷରୁ ଶ୍ରୀଜୀଉମାନଙ୍କର ଅବକାଶ ଶେଷ ହେବା ପରେ ସକାଳ ଧୂପ, ଲୁଗାଲାଗି, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ମଙ୍ଗଳାର୍ପଣ, ପୁଷ୍ପାଞ୍ଜଳି, ଚକାଭିଡା ଓ ପହଁଣ୍ଡି ବେଶ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ପହଁଣ୍ଡି ଆରମ୍ଭ ହୋଇ ପହଁଣ୍ଡି ଶେଷ ହୋଇଥିଲା। ପୁଷ୍ପାଞ୍ଜଳି ପରେ ଘଣ୍ଟଘଣ୍ଟା, ଖୋଳକୀର୍ତ୍ତନ ଓ ଲୋକଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ଧାଡି ପହଣ୍ଡିରେ ପ୍ରଥମେ ପ୍ରଭୁ ସୁଦର୍ଶନ ପରେ ବଳଦେବଜୀଉ, ମାତା ସୁଭଦ୍ରା ଓ ଶେଷରେ ଶ୍ରୀ ଜଗନ୍ନାଥଙ୍କୁ ରଥ ଚାରିପଟେ ସାତଥର ପ୍ରଦକ୍ଷିଣ କରିବା ପରେ ରଥାରୂଢ କରାଯାଇଥିଲା। ପହଁଣ୍ଡି ଶେଷ ହେବା ସହିତ ଚାର ମାଳ ଫିଟାଯାଇ ପ୍ରଭୁଙ୍କୁ ବେଶ କରାଯାଇଥିଲା। ଘୋଡାବନ୍ଧା ଓ ରଥ ଉପରେ ଚକାଭିଡା କାର୍ଯ୍ୟକ୍ରମ ଶେଷ ହେବା ପରେ ୪ଟା ୩୦ରେ ଛେରାପହଁରା କାର୍ଯ୍ୟ ଶେଷ ହୋଇଥିଲା। ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା। ରଥଟଣା ହୋଇ ବଡଦାଣ୍ଡର ମଧ୍ୟଭାଗରେ ଗଳଗଣ୍ଡି ଭୋଗ ଶେଷ ହୋଇଥିଲା। ରଥଯାତ୍ରାରେ ଜିଲ୍ଲା ଓ ଜିଲ୍ଲା ବାହାରୁ ଏକଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିବାବେଳେ ଘଣ୍ଟଘଣ୍ଟା ଖୋଳ ବଜାଇ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କୀର୍ତ୍ତନ ଦଳମାନଙ୍କ କରତାଳିରେ ପ୍ରଭୁଙ୍କର ରଥଯାତ୍ରା ଅନୁଷ୍ଠିତ ହୋଇଥିଲା।

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସାର୍ଥକ ରାୟଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଘୁଙ୍ଗୁରୁ କ୍ଲବରେ ରଥଯାତ୍ରାର ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଇଲେଭେନ୍ ବୁଲେଟ୍ କ୍ଲବ, ୟଙ୍ଗ ଜିନିୟସ କ୍ଲବ ଓ କେନ୍ଦୁଝର ଇଂଜିନିୟରିଂ ସ୍କୁଲ ତରଫରୁ ଭକ୍ତମାନଙ୍କୁ ମାଗଣାରେ ଭୋଗ ବିତରଣ କରାଯାଇଥିଲା। ଶ୍ରୀଗୁଣ୍ଡିଚା ରଥଯାତ୍ରାର ସିଧା ପ୍ରସାରଣ କାର୍ଯ୍ୟକ୍ରମ କେବୁଲ ଟିଭି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଶ୍ରୀ ଗୋପାଳଜୀଉ ମଠ ଓ ରଥ ବେଞ୍ଚ ସଂଗଠନ ତରଫରୁ ପାଣି, ଦହିପାଣି ବଣ୍ଟନ ହେଉଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ଅସ୍ଥାୟୀ ଚିକିତ୍ସାଳୟ ଖୋଲାଯାଇଥିଲା। ସୂଚନା ଲୋକସଂପର୍କ ବିଭାଗ ତରଫରୁ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଥିଲା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ରେଡକ୍ରସ୍, ଏନ୍ସିସି ଛାତ୍ରଛାତ୍ରୀମାନେ ରଥଯାତ୍ରା ଦେଖିବାକୁ ଆସିଥିବା ଭକ୍ତଙ୍କୁ ପାନୀୟ ଜଳ ବଣ୍ଟନ, ପ୍ରାଥମିକ ଚିକିତ୍ସା ଆଦି ସମ୍ପର୍କରେ ତଦାରଖ କରୁଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଏସପି ନୀତିନ କୁଶଲକର, ଡିଏଫ୍ଓ ଧନରାଜ ଏଚ୍ଡି, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଅତିରିକ୍ତ ଏସ୍ପି ରବୀନ୍ଦ୍ର ପ୍ରଧାନ, ଡିଆଇବି ଅତିରିକ୍ତ ଏସପି ଜ୍ୟୋତିର୍ମୟ ଭୁକ୍ତା, ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀ, ସଦର ତହସିଲଦାର, କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ, ଟାଉନ ଥାନାଧିକାରୀଙ୍କ ସହ ତଥା ଜିଲ୍ଲା ପ୍ରଶାସନର ବରିଷ୍ଠ ପ୍ରଶାସକ ଉପସ୍ଥିତ ଥିଲେ।




ଏମାନଙ୍କ ବ୍ୟତୀତ ରଥଟଣା ସମୟରେ କେନ୍ଦୁଝରଗଡ ପୌରପାଳିକାର କାଉନସିଲର, ସ୍ୱେଚ୍ଛାସେବୀ ସଂଗଠନ, ସାମ୍ବାଦିକ, ବୁଦ୍ଧିଜୀବି, ସେବାୟତ ଓ ପୂଜାପଣ୍ଡାମାନେ ଏହି ରଥଯାତ୍ରା ସୁପରିଚାଳନାରେ ସହାୟତା କରିଥିଲେ। ଏହି ରଥଯାତ୍ରାକୁ ସୂଚାରୁରୂପେ ସଂପନ୍ନ କରିବା ପାଇଁ କେନ୍ଦୁଝର ଏସପି ନୀତିନ କୁଶଲକରଙ୍କ ନେତୃତ୍ୱରେ ବରିଷ୍ଠ ପୁଲିସ ଅଧିକାରୀମାନଙ୍କ ସହିତ ୨ ଜଣ ଅତିରିକ୍ତ ଏସପି, ୭ ଜଣ ଡିଏସପି, ୧୩ ଜଣ ଇନ୍ସପେକ୍ଟର, ୪୫ ଜଣ ସବଇନ୍ସପେକ୍ଟର ଏବଂ ଏଏସ୍ଆଇ, ୨୭ ପ୍ଲାଟୁନ ପୁଲିସ ଫୋର୍ସ, ବନ କର୍ମଚାରୀ, ଅବକାରୀ ବିଭାଗ କର୍ମଚାରୀ ନିୟୋଜିତ ହୋଇଥିଲେ। ଏଥିସହ ରଥଯାତ୍ରା ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ୱାଚ୍ ଟାୱାରରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ରଥଯାତ୍ରା ସମୟରେ ଟ୍ରାଫିକ୍ ବ୍ୟବସ୍ଥାକୁ ନିୟନ୍ତ୍ରଣ ପାଇଁ କେନ୍ଦୁଝର ସହର, ପୁରୁଣା ସହର, ବଡଦାଣ୍ଡ ଅଞ୍ଚଳରେ ଟ୍ରାଫିକ୍ ପୁଲିସ କର୍ମଚାରୀମାନେ ନିୟୋଜିତ ହୋଇଥିଲେ। ସହରରେ ଗାଡିମୋଟର ଚଳାଚଳ ପାଇଁ ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ କରାଯାଇଥିଲା। କେନ୍ଦୁଝର ସହରର ଚର୍ଚ୍ଚ ଛକଠାରୁ ରଥଦାଣ୍ଡକୁ ଗାଡିମୋଟର ଚଳାଚଳ ଉପରେ ଅଙ୍କୁଶ ଲଗାଯାଇଥିଲା। ନିର୍ଦ୍ଧାରିତ ଗାଡିମୋଟର ବ୍ୟତୀତ ଅନ୍ୟ ଗାଡିମୋଟରଗୁଡିକ ଅନ୍ୟବାଟ ଦେଇ ପୁରୁଣା ବଜାର ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ।

ଏଥିସହିତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଆୟୋଜିତ ହୋଇଛି। ବିଶେଷକରି ରାଇସୁଆଁ, ବନାଯୋଡ଼ି, ଝୁମ୍ପୁରା, କେନ୍ଦୁଆ, ରିମୁଳି, ଚମ୍ପୁଆ, ଯୋଡ଼ା, ବଡ଼ବିଲ, କାଳୀମାଟି, ନୟାଗଡ଼, ବାଂଶପାଳ, ଫୁଲଝରୀ, ତେଲକୋଇ, ଶୁଆକାଟୀ, ହରିଚନ୍ଦନପୁର, ଢେଙ୍କିକୋଟ, ଘଟଗାଁ, ଆନନ୍ଦପୁର, ହାଟଡିହି, ପାଟଣା, ତୁରୁମୁଙ୍ଗା, ଉଦୟପୁର, ପଟିଲୋ ପ୍ରଭୃତି ଅଞ୍ଚଳ ସମେତ ଅନେକ ସ୍ଥାନରେ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।

## ସରିଲା ପହଣ୍ଡି; ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି

# ଆଜି ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥଯାତ୍ରା

**ବାରିପଦା,୧୬।୭(ସମିସ):** ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେ ଦ୍ୱିତୀୟଶ୍ରୀକ୍ଷେତ୍ର ବାରିପଦାରେ ଗୁରୁବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ଓ ରଥାରୁଢ଼ କାର୍ଯ୍ୟ ସମ୍ପନ୍ନ ହୋଇଛି। ରଥାରୂଢ ଦିଅଁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ରାତି ପର୍ଯ୍ୟନ୍ତ ଲାଗି ରହିଛି। ପରମ୍ପରା ଅନୁଯାୟୀ ଏଠାରେ ଶୁକ୍ରବାର ରଥଟଣା ଆରମ୍ଭ ହେବ। ସରିଛି ସମସ୍ତ ପ୍ରସ୍ତୁତି। ରଥ, ପଥ ଓ ଭକ୍ତ ସମସ୍ତେ ପ୍ରସ୍ତୁତ ରହିଛନ୍ତି।


ଗୁରୁବାର ସକାଳେ ଯଥାରୀତି ଅନୁଯାୟୀ ଠାକୁରଙ୍କ ମଙ୍ଗଳ ଆଳତୀ, ମହାସ୍ନାନ ଓ ଅବକାଶ ନୀତି ସମ୍ପନ୍ନ ହେବା ପରେ ରଥଖଳାରେ ମନ୍ଦିରର ପୁରୋହିତ ଅରୁଣ କୁମାର ମିଶ୍ରଙ୍କ ଦ୍ୱାରା କଳସ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ପୂଜାନୀତି ସମ୍ପନ୍ନ କରାଯିବା ପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଓ ଶେଷରେ ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କ ଦର୍ପଦଳନ ରଥର ପ୍ରତିଷ୍ଠା ପାଇଁ ଆବଶ୍ୟକ ପୂଜାନୀତି ସମ୍ପନ୍ନ ହୋଇଥିଲା। ଏହାପରେ ପରମ୍ପରାନୁଯାୟୀ ସହରର ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକା ଠାକୁରାଣୀଙ୍କ ଆଜ୍ଞାମାଳ ଆସିଥିଲା। ମା' ଅମ୍ବିକାଙ୍କ ଦାସୀ ଖଡ୍‌ଗ ସହ ଆଜ୍ଞାମାଳ ନେଇ ଆସି ସିଂହଦ୍ୱାର ନିକଟରେ ଥିବା ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥକୁ ୩ ଥର ପ୍ରଦକ୍ଷିଣ କରିବା ପରେ ମା'ଙ୍କ ପୂଜକ ପ୍ରଭୁ ବଳଭଦ୍ରଙ୍କ ରଥ ସମ୍ମୁଖରେ ପୂଜାନୀତି ଶେଷ କରିଥିଲେ। ମନ୍ଦିରରେ ନାଗରା ବାଜିବା ପରେ ଚକାଛଡ଼ା ନୀତି ଆରମ୍ଭ ହୋଇଥିଲା। ପୂଜାପଣ୍ଡା ରୂପା ଥାଳିରେ ଅଁଳାପତ୍ରର ପୂଜାସଂସ୍କାର କରି ତିନି ଦିଅଁଙ୍କଠାରେ ଲାଗି କରାଇଥିଲେ। ପହଣ୍ଡିଆମାନେ ଗୋଟିପହଣ୍ଡିରେ ସମସ୍ତ ଠାକୁରଙ୍କୁ ନାଟ ମନ୍ଦିରର ମଧ୍ୟଭାଗକୁ ବିଜେ କରାଇବା ପରେ ଆରମ୍ଭ ହୋଇଥିଲା ଗୁଣ୍ଡିଚା ପହଣ୍ଡି ବେଶ। ମହାରାଜା ପ୍ରବୀଣ କୁମାର ଭଞ୍ଜଦେଓ ଛେରାପହଁରା କରିଥିଲେ। ମନ୍ଦିର ପରିଚ୍ଛା ଦୁର୍ଗା ଚରଣ ଜିତ୍‌ବାବୁ ମହାପ୍ରଭୁଙ୍କ ବ୍ରହ୍ମା, ପାଟ ଜ୍ୟୋତିଷ, କୋଠ ଚାକର, ଟହଲିଆ ତିନି ରଥର ସିଂହାସନକୁ ଛେରାପହଁରାରେ ସହାୟତା କରିଥିଲେ। ତାଳଧ୍ୱଜ ରଥରେ ଛେରାପହଁରା ନୀତି ସମ୍ପନ୍ନ ହେବା ପରେ ଦର୍ପଦଳନ ଓ ଶେଷରେ ନନ୍ଦିଘୋଷ ରଥର କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ନାଗରା ଭାଡିରେ ନାଗରା ବାଜିବା ପରେ ତିନି ଦିଅଁଙ୍କ ପହଣ୍ଡିବିଜେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଶଦାର, ଘଣ୍ଟ, ଘଣ୍ଟା, ଶଙ୍ଖ, ଚାମର, କାହାଳୀ, ରଣସିଂଘା, ମଶାଲଚି, ଛତା, ତରାସ, ପ୍ରଭୁଙ୍କ ହାତପଙ୍ଖା, କୋଠ ଚାକର ତଥା ସମସ୍ତ ସେବାୟତଙ୍କ ଦ୍ୱାରା ପ୍ରଥମେ ମହାପ୍ରଭୁ ବଳଭଦ୍ରଙ୍କ ପହଣ୍ଡିବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଂହଦ୍ୱାର ସମ୍ମୁଖରେ ଥିବା ସୂର୍ଯ୍ୟ ଅର୍ଘ୍ୟ ପଦ୍ମଫୁଲ ସିଂହାସନରେ ସୁସଜ୍ଜିତ ଫୁଲରେ ତିଆରି ହୋଇଥିବା ଟାହିଆ ମସ୍ତକରେ ଲାଗି କରାଯାଇଥିଲା ଓ ପରେ ୧୨ଜଣ ପହଣ୍ଡିଆ ଗୋଟି ପହଣ୍ଡିରେ ରଥଖଳାରେ ପହଞ୍ଚାଇ ରଥାରୁଢ କରାଇଥିଲେ। ରଥାରୁଢ କରାଇବା ପୂର୍ବରୁ ନନ୍ଦିଘୋଷ ରଥ ଓ ଦର୍ପଦଳନ ରଥର ମଧ୍ୟଭାଗରେ ଉତ୍ତରାମୁଖୀ ବାଟପୂଜା କରାଯାଇଥିଲା। ଏହି ପହଣ୍ଡିବିଜେ ସମୟରେ ଚଳନ୍ତି ପ୍ରତୀମା ମଦନମୋହନ ସଙ୍ଗରେ ରହିଥିଲେ।



ଏହାପରେ ଆରମ୍ଭ ହୋଇଥିଲା ସୁଭଦ୍ରା ଦେବୀ ଓ ସୁଦର୍ଶନଙ୍କ ପହଣ୍ଡିବିଜେ। ସୁଦର୍ଶନ ଠାକୁରଙ୍କୁ ଜଣେ ପହଣ୍ଡିଆ କାନ୍ଧରେ ବସାଇ ଓ ମା' ସୁଭଦ୍ରାଙ୍କୁ ୩ ଜଣ ପହଣ୍ଡିଆ ଟାହିଆ ପିନ୍ଧାଇ ଗୋଟି ପହଣ୍ଡିରେ ଆଣି ରଥାରୁଢ କରାଇଥିଲେ। ଶେଷରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ରଥାରୁଢ କରାଯାଇଥିଲା। ବଡଭାଇ ବଳଭଦ୍ରଙ୍କ ନୀତିନିୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡିବିଜେ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ସମସ୍ତ କର୍ମ ସମାପନ ସାଙ୍ଗକୁ ବେଶକାରୀ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଳଙ୍କାର ଓ ବସ୍ତ୍ର ଲାଗି ପରେ ରଥରେ ସାଧାରଣ ଦର୍ଶନ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ହରିପୁର ରାଜଭେଟି ସାଙ୍ଗକୁ ଆରତୀ ଓ ତୁଳସୀ ସେବନ ପରେ ନୀତି ଶେଷ ହୋଇଛି । ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ମହିଳାଙ୍କ ଦ୍ୱାରା ସୁଭଦ୍ରାଙ୍କ ରଥଟଣା ହେବ। ରଥଯାତ୍ରା ପାଇଁ ମୟୂରଭଞ୍ଜ ଜିଲ୍ଲା ତଥା ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରୁ ମଧ୍ୟ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ରଥଯାତ୍ରା ଉପଲକ୍ଷେ ଦୋଳି, ବିଭିନ୍ନ ମନୋରଞ୍ଜନ ଷ୍ଟଲ ସହିତ ରାଜ୍ୟ ଓ ରାଜ୍ୟ ବାହାରୁ ଦୋକାନୀ ଆସି ମେଳାରେ ନିଜର ପସରା ମେଲାଇଛନ୍ତି। ଶୁକ୍ରବାର ଅପରାହ୍ନ ୨ଟା ୩୦ମିନିଟରେ ବଳଭଦ୍ର ଓ ପରେ ସୁଭଦ୍ରାଙ୍କ ରଥ ଟଣାଯିବ। ବଳଭଦ୍ରଙ୍କ ରଥ ମାଉସୀମା' ମନ୍ଦିରରେ ପହଞ୍ଚିବାକୁ ଥିବାବେଳେ ସୁଭଦ୍ରାଙ୍କ ରଥ ଅଧା ରାସ୍ତା ଟାଉନ ଥାନା ସମ୍ମୁଖରେ ରହିବ। ଶନିବାର ମହାପ୍ରଭୁ ଜଗନ୍ନାଥଙ୍କ ରଥ ଟଣା ଆରମ୍ଭ ହୋଇ ସୁଭଦ୍ରାଙ୍କ ରଥ ସହିତ ମାଉସୀମା' ମନ୍ଦିରରେ ପହଞ୍ଚିବ। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସହିତ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି।

# ତୃତୀୟ ଶ୍ରୀକ୍ଷେତ୍ରରେ ରଥାରୂଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତି, ଆଜି ରଥଟଣା

**ନୀଳଗିରି, (ସମିସ):** ପବିତ୍ର ଘୋଷଯାତ୍ରା ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଅପରାହ୍ନ ପ୍ରାୟ ୪ଟା ସମୟରେ ଝିପିଝିପି ବର୍ଷାରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ପହଣ୍ଡି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ନୀତିକାନ୍ତି ସମାପନ ପରେ ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ହୋଇଥିଲା। ପରେ ଧାଡ଼ିପହଣ୍ଡିରେ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରାଙ୍କ ପହଣ୍ଡିବିଜେ ନୀତି ସମ୍ପନ୍ନପରେ ଶେଷରେ ବିଶ୍ୱବ୍ରହ୍ମାଣ୍ଡର ଅଧିପତି, କୋଟିକୈବଲ୍ୟନାଥ କଳାସାଆନ୍ତ ଘଣ୍ଟଘଣ୍ଟା, କାହାଳୀ,ଖୋଳତାଳ, ହରିବୋଲ ଧ୍ୱନିରେ ରଥାରୁଢ଼ ହୋଇଥିଲେ। ଝିପିଝିପି ବର୍ଷାରେ ଭିଜି ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ପହଣ୍ଡିବିଜେ ନୀତି ଦର୍ଶନ କରିଥିଲେ। ସ୍ଥାନୀୟ ପରମ୍ପରା ଅନୁଯାୟୀ ନୀଳଗିରି ରଥଯାତ୍ରା ତିନିଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ପ୍ରଥମଦିବସରେ ଚତୁର୍ଦ୍ଧାମୂର୍ତ୍ତି ପହଣ୍ଡିରେ ଯାଇ ରଥଉପରେ ଉପବେଶନ ପୂର୍ବକ ରାତ୍ରିଯାପନ କରିବେ। ଆଜି ପ୍ରଥମଦିବସର ରଥଟଣା କାର୍ଯ୍ୟକ୍ରମ ସମାପନପରେ



ଚତୁର୍ଦ୍ଧାମୂର୍ତ୍ତି ଅଧାରାସ୍ତାରେ ଅଟକିବେ। ଆଜିର ଏହି ପହଣ୍ଡିବିଜେ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ, ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ବିଡ଼ିଓ ବିକ୍ରମକେଶରୀ ପରିଡ଼ା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ବାଲେଶ୍ୱର ଆଡିସନାଲ ଏସପି ପ୍ରମୋଦ ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବହୁସଂଖ୍ୟାରେ ପୁଲିସ ଫୋର୍ସ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ମାଉସୀମା' ମନ୍ଦିରରେ ପହଞ୍ଚି ପାରିଲାନି ଦୁଇ ରଥ

**ଢେଙ୍କାନାଳ,୧୬।୭(ସମିସ):** ଢେଙ୍କାନାଳ ପ୍ରସିଦ୍ଧ ରଥଯାତ୍ରା ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ପୂର୍ବରୁ ଦୁଇ ରଥ ମାଉସୀ ମାଆ ମନ୍ଦିରରେ ପହଞ୍ଚିପାରି ନ ଥିବା ବେଳେ ବଡ଼ରଥ ମିନା ବଜାରଠାରେ ପହଞ୍ଚିଥିବା ବେଳେ ସାନରଥ ଜବାହର ଚୌକ ନିକଟରେ ଅଟକି ରହିଛି। ଶ୍ରୀ ଶ୍ରୀ ବଳରାମ ମନ୍ଦିର ପରିସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସକାଳ ନୀତି ପାଳନ ପରେ ସେଣାପଟା ଲାଗି ଓ ପହଣ୍ଡି ବେଶ କରାଯାଇଥିଲା। ମହାପ୍ରଭୁଙ୍କ ମଙ୍ଗଳାର୍ପଣ ଓ ସେବା ପୂଜା ହୋଇ ଛେରାପହଁରା ଇତ୍ୟାଦି ସେବା ପରେ ମହାପ୍ରଭୁଙ୍କ ଅଙ୍ଗବସ୍ତ୍ର ଲାଗି କରାଯାଇଥିଲା। ମୁଖ୍ୟ ମନ୍ଦିରରୁ ଚତୁର୍ଦ୍ଧା ମୂରତିଙ୍କୁ ମଧ୍ୟାହ୍ନରେ ପହଣ୍ଡି ବିଜେ କରାଯାଇ ରଥଖଳାକୁ ଅଣାଯାଇଥିଲା। ସେଠାରେ ଦୁଇ ରଥରେ ପ୍ରଭୁଙ୍କୁ ରଥାରୂଢ଼ କରାଯିବା ପରେ ମହାପ୍ରଭୁଙ୍କ ପୂଜା ଓ ରୀତିନୀତି କରିବା ପରେ ରାଜା କାମାକ୍ଷାପ୍ରସାଦ ସିଂହଦେଓ, ଯୁବରାଜ ଅମରଜ୍ୟୋତି ସିଂହଦେଓଙ୍କ ଦ୍ୱାରା ଛେରାପହଁରା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ବଡ଼ ରଥରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ସାନ ରଥରେ ଦେବୀ ସୁଭଦ୍ରା ବିଜେ କରିଥିଲେ। ରଥ ଟାଣିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ରାଜାଙ୍କ ଦ୍ୱାରା ଅପରାହ୍ନ ସାଢ଼େ ଦୁଇଟାରେ ଛେରାପହଁରା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପୂର୍ବର ଯାତ୍ରାପାଇଁ ସମସ୍ତ ପ୍ରକାରର ନୀତି ନିର୍ଘଣ୍ଟ ହୋଇଥିବା ବେଳେ ଅପରାହ୍ନ ୩ଟା ୩୦ ମିନିଟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ବଡ଼ ରଥକୁ ଶ୍ରଦ୍ଧାଳୁମାନେ ଟାଣିଥିବା ବେଳେ ସାନ ରଥକୁ ମହିଳାମାନେ ଟାଣି ନେଇଥିଲେ। ସନ୍ଧ୍ୟା ପୂର୍ବରୁ ଦୁଇ ରଥ ମାଉସୀ ମାଆ ମନ୍ଦିର ନିକଟରେ ପହଞ୍ଚି ପାରି ନ ଥିଲା। ବଡ଼ରଥ ୬ଟା ୩୦ ମିନିଟରେ ମିନା ବଜାରଠାରେ ଅଟକି ରହିଥିଲା। ଏବଂ ସାନରଥ ୬ ଟା ୩୫ ମିନିଟରେ ଜବାହାର ଚୌକପର୍ଯ୍ୟନ୍ତ ଆସି ଅଟକି ରହିଛନ୍ତି। ପ୍ରଶାସନ ଏବଂ ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟାପକ ଆୟୋଜନ ଏବଂ ନିର୍ଦ୍ଦିଷ୍ଟ ସମୟରେ ପୂଜାନୀତି ଏବଂ ରଥଟଣା କରିବା ପାଇଁ ପ୍ରସ୍ତୁତ ହୋଇଥିଲେ ମଧ୍ୟ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା। ରଥଯାତ୍ରାରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ, ସ୍ୱେଚ୍ଛାସେବୀ ସଂଗଠନ ସହ ପୁଲିସ ପ୍ରସାଶନ ଉପସ୍ଥିତ ରହି ରଥଟଣା କାର୍ଯ୍ୟରେ ସହଯୋଗ କରିଥିଲେ। ରେଡକ୍ରସ ସହିତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଯୋଗଦେଇଥିଲେ। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ଅଭିନବ ସୋନକର, ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ବିବୁଧ ଗଡ଼ନାୟକ, ଉପଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ପଦ୍ମଚରଣ ସାହୁ, ଟାଉନ ଥାନା ଅଧିକାରୀଙ୍କ ସମେତ ପୁଲିସ କର୍ମଚାରୀ ମୁତୟନ ରହିଥିଲେ। ରଥଗଡ଼ାଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଧାରାବିବରଣୀ ପ୍ରଦାନ କରାଯାଇଥିଲା।

### ଢେଙ୍କାନାଳରେ ରଥଯାତ୍ରା



# ଶୈଳଶ୍ରୀକ୍ଷେତ୍ରରେ ତିନି ଠାକୁରଙ୍କ ରଥଯାତ୍ରା

**ଅନୁଗୋଳ,୧୬।୭(ସମିସ):** ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ। ଗୁରୁବାର ହଜାର ହଜାର ଭକ୍ତଙ୍କ ସମାଗମରେ ଶୈଳଶ୍ରୀକ୍ଷେତ୍ର ଅନୁଗୋଳରେ ତିନି ଠାକୁରଙ୍କ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଛି। ବୁଧବାର ନେତ୍ରୋତ୍ସବ ବ ନବଯୌବନ ଦର୍ଶନ ନୀତି ସମାପନ ହେବା ପରେ ସର୍ବସାଧାରଣଙ୍କ ଦର୍ଶନ ହୋଇଥିଲା। ଗୁରୁବାର ଶ୍ରୀଗୁଣ୍ଡିଚା ଯାତ୍ରା ଉପଲକ୍ଷେ ପ୍ରାତଃ ସମୟରୁ ଦ୍ୱାରଫିଟା ଓ ମଙ୍ଗଳ ଆଳତି ହୋଇଥିଲା। ଏହା ସହ ସେନାପଟା ଲାଗି, ଅବକାଶ ନୀତି ଓ ରୋଷହୋମ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସକାଳ ସାଢ଼େ ୫ଟାରେ ତିନି ଠାକୁରଙ୍କ ବେଶ ଲାଗି, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗରୁଡ଼ ପୂଜା, ଓ ବାଲଧୂପ ସହ ଖେଚୁଡ଼ି ଧୂପ ସମାପନ ହୋଇଥିଲା। ପରେ ରଥ ପ୍ରତିଷ୍ଠା ହେବା ସହ ଚାରମାଳ ଲାଗି କରାଯାଇ ଶ୍ରୀଜୀଉମାନଙ୍କ ମଙ୍ଗଳାର୍ପଣ ନୀତି ସମାପନ ହୋଇଥିଲା। ଚଳିତ ବର୍ଷ ନିର୍ଦ୍ଧାରିତ ସମୟରେ ଶ୍ରୀଜୀଉମାନଙ୍କ ପହଣ୍ଡି ବିଜେ ସହ ରଥାରୂଢ଼ ଓ ବେଶ ଅନୁଷ୍ଠିତ ହେବା ପରେ ଶ୍ରୀ ଶ୍ରୀମଦନମୋହନ ରଥକୁ ବିଜେ କରିଥିଲେ। ମଧ୍ୟାହ୍ନ ୧୨ଟାରେ ଅନୁଗୋଳ ଏସପି ରାହୁଲ ଜୈନ ରଥ ଉପରେ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ। ଅପରାହ୍ନ ୧ଟାରେ ତିନି ରଥରେ ଘୋଡ଼ା ଓ ସାରଥି ସଂଯୋଗ କରାଯିବା ସହ ଚାରମାଳ ଉଲାଗି ଓ ରଥ ଦଉଡ଼ି ଲାଗି କାର୍ଯ୍ୟ ସମାପନ ହୋଇଥିଲା। ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଭକ୍ତଙ୍କ ଗହଣରେ ପ୍ରଭୁ ବଳଭଦ୍ରଙ୍କ ରଥ ସନ୍ଧ୍ୟା ୭ଟା ଏବଂ ମା' ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥଙ୍କ ରଥ ସନ୍ଧ୍ୟା ୮ଟାରେ ଅମଲାପଡ଼ାସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ଶୁକ୍ରବାର ଅପରାହ୍ନ ୫ଟାରେ ଶ୍ରୀଜୀଉମାନଙ୍କ ରଥାବତରଣ କାର୍ଯ୍ୟ ହେବା ସହ ଗୋଟି ପହଣ୍ଡିରେ ଗୁଣ୍ଡିଚା ମଣ୍ଡପକୁ ବିଜେ କରିବେ। ସୋମବାର ଗୁଣ୍ଡିଚା ମନ୍ଦିରରେ ହେରାପଞ୍ଚମୀ ପର୍ବ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା ସମିତି ପକ୍ଷରୁ ସମ୍ପାଦକ ହେମନ୍ତ କୁମାର ଦାଶ ଓ ବିଶେଷ ପୂଜା କମିଟି ଅଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର, ଉପସଭାପତି ପରମାନନ୍ଦ ମିଶ୍ର ସୂଚନା ଦେଇଛନ୍ତି। ସେହିପରି ନାଲକୋ ନଗର, ହୁଲୁରିସିଂହା, ଅମଲାପଡ଼ା, ହେମଶୁରପଡ଼ା ସମେତ ପୁରୁଣାଗଡ଼ରେ ରଥଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଛି।




ସହରରେ ପ୍ରବଳ ଜନସମାବେଶକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତ ବର୍ଷ ପୌରପାଳିକା ପକ୍ଷରୁ ରଥ ପଥକୁ ରଙ୍ଗୋଲିରେ ଭରିଛି। ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଶୈଳଶ୍ରୀକ୍ଷେତ୍ର ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଯାଏ ରଙ୍ଗୋଲିରେ ଚିତା ପକାଇଥିଲେ। ସହରରେ ପ୍ଲାଷ୍ଟିକ, ପଲିଥିନ କ୍ୟାରି ବ୍ୟାଗକୁ ସମ୍ପୂର୍ଣ୍ଣ ବର୍ଜନ କରିବାକୁ ସପ୍ତାହ ଆଗରୁ ଲୋକଙ୍କୁ ସଚେତନ କରାଯାଇଥିଲା। ଯାତ୍ରାରେ ଆବର୍ଜନା ସଫାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଭକ୍ତଙ୍କ ପାଇଁ ପ୍ରସାଦ ଷ୍ଟଲ ପାଖରେ ଡଷ୍ଟବିନ ଯୋଗାଇ ଦିଆଯାଇଛି। ପ୍ରତି ରଥ ପଛେ ପଛେ ସଫେଇ କର୍ମଚାରୀ ନିୟୋଜିତ ହୋଇଥିଲେ। ସହରରେ ବାସିଖାଦ୍ୟ ନ ପରଷିବା ପାଇଁ ହୋଟେଲ, ରେଷ୍ଟୁରାଣ୍ଟ, ଷ୍ଟ୍ରିଟଫୁଡ୍ ଦୋକାନୀଙ୍କୁ ଦାଗିଦ କରାଯାଇଛି। ରାସ୍ତା ପାଶ୍ୱର୍, ଡ୍ରେନ, ଆଦିରେ ବ୍ଲିଚିଂ ପାଉଡର ପକାଯାଇଛି।

ସେହିପରି ରଥପଥରେ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ସେବା ଯୋଗାଇ ଦିଆଯାଇଛି। ଅନୁଗୋଳ ପୌରପାଳିକା ଠିକାଦାର ଉନ୍ନୟନ ସଂଘ, କ୍ରେନ ୱେଲଫେୟାର ଆସୋସିଏସନ, ଜିଲ୍ଲା ପୁଲିସ ୱେଲଫେୟାର, ଜିଲ୍ଲା ମେକାନିକ ସଂଘ, ଉତ୍କର୍ଷ ପରିବାର, ଆମ ଅନୁଗୋଳ ଆମ ଗୌରବ ପ୍ରଭୃତି ଅନୁଷ୍ଠାନ ପକ୍ଷରୁ ଅନ୍ନପ୍ରସାଦ, ଖେଚୁଡ଼ି ଭୋଗ, ଦହିସର୍ବତ ବିତରଣ କରାଯାଇଥିଲା। ରଥ ଆଗେ ଆଗେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଘଣ୍ଟୁଆ, ଶଙ୍ଖୁଆ, ସଂକୀର୍ତ୍ତନ ମଣ୍ଡଳୀ, ଭଜନ ମଣ୍ଡଳୀ, ପାରମ୍ପରିକ ନୃତ୍ୟ ମଣ୍ଡଳୀ କଳାକାରମାନେ ନିଜ କଳା ପ୍ରଦର୍ଶନ କରିଥିଲେ।

# ତିନି ରଥରେ ବିଜେ ୩ ଠାକୁର; ଆଜି ରଥଟଣା

**ଯାଜପୁର,୧୬।୭ (ସମିସ):** ସର୍ବ ପ୍ରାଚୀନ ତଥା ଐତିହ୍ୟ କିମ୍ବଦନ୍ତୀ ବହନ କରୁଥିବା ବୈତରଣୀ କୂଳରେ ଥିବା ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରେ ପୂଜା ପାଉଥିବା ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରଥଯାତ୍ରା ଅବସରରେ ପହଣ୍ଡି ବିଜେ କରାଯାଇ ତିନି ରଥରେ ବିଜେ କରାଯାଇଛି। ପରମ୍ପରା ଅନୁଯାୟୀ ଶୁକ୍ରବାର ଦିନ ରଥ ଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମଗ୍ର ଭାରତ ବର୍ଷ ଓ ଓଡ଼ିଶାରେ ଗୁରୁବାର ଦିନ ରଥଯାତ୍ରା ହୋଇଥିବାବେଳେ ଯାଜପୁରରେ ଦିନକ ପରେ ଅର୍ଥାତ୍ ଶୁକ୍ରବାର ଅନୁଷ୍ଠିତ ହେବ। ସଦାବ୍ରତ ମଠ ମାଉସୀ ମା' ଘରକୁ ତିନି ଠାକୁର ଯିବାର କାର୍ଯ୍ୟକ୍ରମ ରହିଛି। ଆଜି ରଥରେ ତିନି ଠାକୁରଙ୍କୁ ଦେଖିବା ପାଇଁ ଶ୍ରଦ୍ଧାଳୁ ଭକ୍ତଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରତ୍ୟୁଷରୁ ନୀତିକାନ୍ତି କରାଯିବା ପରେ ପହଣ୍ଡି ବିଜେ କରାଯାଇ ତିନି ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ସେବାୟତ ବାସୁଦେବ ପାଣି, ଜଗନ୍ନାଥ ପାଣି, ସୁଦର୍ଶନ ପାଣି, ଅନନ୍ତ ବାସୁଦେବ ପାଣି, ନାରାୟଣ ପାଣି, ଚନ୍ଦ୍ରଶେଖର ପାଣି, ମହେଶ୍ୱର ପାଣି ସମେତ ଗୀତାଜାଗରଣ ପରିଷଦର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପବିତ୍ର ରଥଯାତ୍ରା ଅବସରରେ ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ଭଜନ, କୀର୍ତ୍ତନ ପରିବେଷଣ କରାଯାଇଥିଲା। ଶ୍ରଦ୍ଧାଳୁ ଭକ୍ତ ୩ ରଥରେ ବସିଥିବା ୩ ଠାକୁରଙ୍କୁ ଦର୍ଶନ କରି ପରିବାର ମଙ୍ଗଳ କାମନା କରିଥିଲେ।



## ପାରାଦୀପରେ ମହାପ୍ରଭୁଙ୍କ ଘୋଷଯାତ୍ରା

# ଜଗନ୍ନାଥ ମନ୍ଦିରରୁ ମାଉସୀମା' ଛକ ଲୋକାରଣ୍ୟ

**ପାରାଦୀପ,୧୬।୭(ସମିସ)**

ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ବନ୍ଦରର ସାଂସ୍କୃତିକ ଅନୁଷ୍ଠାନ ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଥ ଉପରେ ଶ୍ରୀଜିଉଙ୍କୁ ଦର୍ଶନ କରିବାକୁ ହଜାର ହଜାର ଭକ୍ତ ମାଉସୀମା ମନ୍ଦିର ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଭିଡ଼ ଜମାଇଥିଲେ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ରଥଯାତ୍ରାର ସମସ୍ତ ରୀତିନୀତି ପାଳନ କରାଯାଇ ମଧ୍ୟାହ୍ନରୁ ଚତୁର୍ଦ୍ଧାବିଗ୍ରହ ପହଣ୍ଡି କାର୍ଯ୍ୟ ସମ୍ପନ୍ନ ପରେ ବନ୍ଦର ଅଧ୍ୟକ୍ଷଙ୍କ ଛେରା ପହଁରା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରେ ଅପରାହ୍ଣ ୫ ଟାରୁ ରଥ ଟଣା ଆରମ୍ଭ ହୋଇଥିଲା।





ରଥ ଯିବା ବାଟରେ ଭକ୍ତମାନେ ଶୃଙ୍ଖଳିତ ଭାବେ ରଥକୁ ଛୁଇଁବା ସହିତ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଜଗନ୍ନାଥ ମନ୍ଦିର ପାଖରୁ ମାଉସୀମା ଛକ ପର୍ଯ୍ୟନ୍ତ ରଙ୍ଗ ବେରଙ୍ଗର ଆଲୋକ ମାଳାରେ ସଜ୍ଜିତ କରାଯିବା ସହିତ ଆହ୍ୱାନ ଫାଉଣ୍ଡେସନ, ବିବେକାନନ୍ଦ ୟୁଥ କ୍ଲବ୍ ଭଳି ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଭକ୍ତଙ୍କ ପାଇଁ ଖେଚୁଡ଼ି, ପଲାଉ, ଦହି ସର୍ବତ, ସ୍ୱଚ୍ଛ ପାନୀୟ ଜଳ ଆଦି ଯୋଗାଇ ଦିଆଯାଇଥିଲା। ବନ୍ଦରର ଅଧ୍ୟକ୍ଷ ପିଏଲ୍ ହରନାଦ ଛେରାପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ। ଅଧ୍ୟକ୍ଷଙ୍କ ସହଧର୍ମିଣୀ ଏବଂ ବନ୍ଦରର ବହୁ ଅଧିକାରୀ ଛେରା ପହଁରାବେଳେ ଉପସ୍ଥିତ ଥିଲେ। ଏହା ସହିତ ବନ୍ଦରାଞ୍ଚଳର ବହୁ ରାଜନୈତିକ ବ୍ୟକ୍ତିତ୍ୱ, ମାନଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀଙ୍କ ସମେତ ପାଖାପାଖି ୫୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ୬.୩୦ ଟାରେ ରଥ ମାଉସୀମା ମନ୍ଦିର ନିକଟରେ ପହଞ୍ଚିଥିଲା।





## ଆଜିର ରାଶିଫଳ

**ମେଷ:** ମନୋରଞ୍ଜନରେ ସମୟ ଅତିବାହିତ ହେବ। ବ୍ୟବସାୟ ଆଗକୁ ବଢ଼ାଇବେ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ସମୟର ସଦୁପଯୋଗ କରନ୍ତୁ। ଅନ୍ୟକୁ କଷ୍ଟ ଦେଲା ପରି କଥା କୁହନ୍ତୁନି।

**ବୃଷ:** କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଲାଭ ମିଳିବ। ନିଜ ଲୋକ ଶତ୍ରୁ ସାଜିବେ। ଭାବି ବିଚାରି କାମ କରନ୍ତୁ। ଛାତ୍ରଛାତ୍ରୀଙ୍କୁ ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଆଶାରୁ ଅଧିକ ସଫଳତା ଲାଭ କରିବେ।

**ମିଥୁନ:** ଆଶା କରିଥିବା ଦିଗରୁ ଧନ ମିଳିବ। ପ୍ରେମିକ-ପ୍ରେମିକାଙ୍କୁ ଦିନଟି ଶୁଭଫଳ ପ୍ରଦାନ କରିବ। ଭାବପ୍ରବଣ ହୋଇ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଯାତ୍ରା ଯୋଗ ଅଛି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କର୍କଟ:** ତରବରିଆ ଭାବେ ନିବେଶ କରନ୍ତୁ ନାହିଁ। ଅଚାନକ ଖୁସି ଖବର ପାଇବେ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମାନସିକ ଚିନ୍ତା ବଢ଼ିବ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ। ପିଲାଙ୍କ ପଢ଼ା ପାଇଁ ଅଭିଭାବକ ବ୍ୟସ୍ତ ହୋଇପାରନ୍ତି।

**କନ୍ୟା:** ବନ୍ଧୁଙ୍କ ଦ୍ୱାରା ଆୟର ମାର୍ଗ ଉନ୍ମୁକ୍ତ ହେବ। ନିଜ ପାଇଁ ସମୟ ବାହାର କରିବେ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ତୁଳା:** ପଡୋଶୀଙ୍କଠାରୁ ବିବାଦରୁ ଦୂରେଇ ରୁହନ୍ତୁ। ଭାଇ,ଭଉଣୀଙ୍କ ସହଯୋଗ ମିଳିବ। ନିବେଶରୁ ଲାଭ ମିଳିବ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।।

**ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ବିବାହକୁ ନେଇ ଶୁଭ ଖବର ମିଳିବ। ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିବେ। ଜୀବନସାଥୀଙ୍କ ମନଦୁଃଖ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ଅବିବାହିତାଙ୍କ ବିବାହରେ ସମସ୍ୟା ଉପୁନ୍ନ ହେବ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱଭାବରେ ପରିବର୍ତ୍ତନ ଆସିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ ବୁଝାମଣା ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ।

**କୁମ୍ଭ:** କର୍ମ ଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଠକାମିର ଶିକାର ହେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମୀନ:** ରାଜନୀତିରେ ଯୋଗ ଦେବେ। ଆୟ ଅନୁସାରେ ବ୍ୟୟ ସମାନ ରହିବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ। ଇଚ୍ଛା ପୂରଣ ହେବ। ନୂଆ ଚାକିରି ଖୋଜିବାକୁ ବର୍ତ୍ତମାନ ଉପଯୁକ୍ତ ସମୟ।

## ଆଜିର ଇତିହାସ

- ୧୯୨୯ - ସୋଭିଏତ୍ ସଂଘ ଚୀନ୍ ସହିତ କୂଟନୈତିକ ସମ୍ପର୍କ ଛିନ୍ନ କଲା।
- ୧୯୪୮ - ଭାରତୀୟ ମହିଳାଙ୍କୁ ପ୍ରଶାସନିକ ସେବା ସହିତ ସାର୍ବଜନୀନ ସେବାଗୁଡ଼ିକରେ ଭର୍ତ୍ତି ହେବା ପାଇଁ ଅନୁମତି ମିଳିଲା।
- ୧୯୫୦- ପଞ୍ଜାବର ପଠାନ୍‌କୋଟ୍ ଠାରେ ଭାରତର ପ୍ରଥମ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ।
- ୧୯୯୫- ଫୋର୍ବସ୍ ପତ୍ରିକା ମାଇକ୍ରୋସଫ୍ଟର ସଂସ୍ଥାପକ ବିଲ୍ ଗେଟସ୍‌ଙ୍କୁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଭାବେ ଘୋଷଣା କଲା।

# ଅନ୍ତରାଷ୍ଟ୍ରୀୟ ନ୍ୟାୟ ଦିବସ



ଆଜି 'ଆନ୍ତର୍ଜାତିକ ନ୍ୟାୟ ଦିବସ'। ବିଶେଷ କରି ମାନବାଧିକାର ଉଲ୍ଲଂଘନର ଗୁରୁତର ମାମଲା ଏବଂ ତାହାକୁ ଦୂର କରିବାରେ ଆନ୍ତର୍ଜାତିକ ଆପରାଧିକ ଅଦାଲତ (ଆଇଆଇସି) ର ଭୂମିକା ଉପରେ ଆଲୋକପାତ କରିବା ପାଇଁ ଏହି ସ୍ୱତନ୍ତ୍ର ଦିବସର ପରିକଳ୍ପନା କରାଯାଇଛି। ଲୋକଙ୍କୁ ନରସଂହାର, ମାନବିକତା ବିରୋଧୀ ଅପରାଧ, ଯୁଦ୍ଧ ଅପରାଧ ଓ ଆକ୍ରମଣ ଅପରାଧରୁ ରକ୍ଷା କରିବା ଲାଗି ୧୯୯୮ ଜୁଲାଇ ୧୭ ରେ ରୋମ୍‌ଠାରେ ଆଇସିସିର ପ୍ରତିଷ୍ଠାତା ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ସେଇ ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ଲାଗି ୨୦୧୦ ମସିହାରୁ ପ୍ରତିବର୍ଷ 'ଆନ୍ତର୍ଜାତିକ ନ୍ୟାୟ ଦିବସ' ପାଳନ କରାଯାଇ ଆସୁଛି। ପ୍ରତିଟି ମଣିଷକୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ପ୍ରାସଙ୍ଗିକ ମଧ୍ୟ। ସମସ୍ତଙ୍କ ପାଇଁ ନ୍ୟାୟ ଅପରିହାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳନ କରାଯାଇ ଆସୁଛି। ପୃଥିବୀର ପ୍ରତିଟି ନିଷ୍ପେଷିତ, ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରୋମ ସମ୍ମେଳନର ବର୍ଷପୂର୍ତ୍ତି ଅବସରରେ ସମ୍ମିଳିତ ହୋଇଥିବା ରାଷ୍ଟ୍ରସମୂହ ସ୍ୱତନ୍ତ୍ର ଭାବେ ଏକ ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ ସ୍ଥାପନ କରିବା ଲାଗି ସହମତି ଜଣାଇଥିଲେ। ପରବର୍ତ୍ତୀ ସମୟରେ ଏଥିଲାଗି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୦୦୨ ଜୁଲାଇ ୧ ଠାରୁ ନେଦରଲାଣ୍ଡର ହେଗ୍ ସହରରେ ବିଧିବଦ୍ଧ ଭାବେ ଏହା ଆରମ୍ଭ ହୋଇଥିଲା। ଆଇସିସି ହେଉଛି ସ୍ୱତନ୍ତ୍ର ଅନ୍ତର୍ଜାତୀୟ ନ୍ୟାୟିକ ସଂସ୍ଥାନ। ବିଶ୍ୱସ୍ତରରେ ହେଉଥିବା ଜଘନ୍ୟ ମାନବାଧିକାର ଉଲ୍ଲଂଘନ ମାମଲାଗୁଡ଼ିକର ଶୁଣାଣି ଏଠାରେ ହୋଇଥାଏ। ଗଣସଂହାର, ଯୁଦ୍ଧ ଅପରାଧ, ମାନବତା ପ୍ରତି ବିପଦ ଥିବା ପ୍ରତ୍ୟେକ ମାମଲାର ଶୁଣାଣି ଏହି ଅଦାଲତରେ କରାଯାଏ। ସେଇ ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ଲାଗି ୨୦୧୦ ମସିହାରୁ ପ୍ରତିବର୍ଷ 'ଆନ୍ତର୍ଜାତିକ ନ୍ୟାୟ ଦିବସ' ପାଳନ କରାଯାଇ ଆସୁଛି। ସଂପ୍ରତି ୧୨୫ଟି ରାଷ୍ଟ୍ର ଆଇସିସିର ସଦସ୍ୟ ଅଛନ୍ତି। ଅନ୍ତର୍ଜାତୀୟ ନ୍ୟାୟାଳୟରେ ୧୫ ଜଣ ନ୍ୟାୟାଧୀଶ ରହିଛନ୍ତି, ଯିଏକି ସଂଯୁକ୍ତ ରାଷ୍ଟ୍ର ମହାସଭା ଓ ସୁରକ୍ଷା ପରିଷଦ ଦ୍ୱାରା ୯ ବର୍ଷ ଲାଗି ଚୟନ ହୋଇଥାନ୍ତି। ଏହି ଦିବସ ଅପରାଧ ବିରୋଧରେ ଲଢ଼େଇ ଜାରି ରଖିବା ଲାଗି ଲୋକଙ୍କୁ ସଚେତନ କରେ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ଆଇନଗତ ଅନୁଷ୍ଠାନ, ମାନବାଧିକାର ସଂଗଠନ ଓ ସେମିନାର ମାଧ୍ୟମରେ ଲୋକଙ୍କୁ ସେମାନଙ୍କର ନ୍ୟାୟିକ ଅଧିକାର ବିଷୟରେ ସଚେତନ କରାଯାଇଥାଏ।

# ଏମିତି ଜଣେ ଯାଦୁଗର...



ସତୁରୀ ଦଶକରେ ଭିକ୍ଟର ଭେନ ନାମକ ଜଣେ ଯାଦୁଗର ବେଶ୍ ଚର୍ଚ୍ଚାରେ ଥିଲେ। ସେ ଚର୍ଚ୍ଚାରେ ରହିବାର କାରଣ ଭିକ୍ଟର ତାଙ୍କ ଯାଦୁଖେଳ ଦେଖିବାକୁ ଥିଏଟର୍‌କୁ ଆସିଥିବା ଦର୍ଶକମାନଙ୍କୁ ଆଖି ଆଗରୁ ହିଁ ଗାଏବ କରିଦେଇଥିଲେ। ସେହି ରହସ୍ୟ ଆଜି ବି ଏକ ପ୍ରହେଳିକା ହୋଇ ରହିଛି। ୧୯୭୫ ମସିହାରେ ଲାସ ଭେଗାସର ଏକ ବଡ଼ ଥିଏଟର୍ ଶୋ'ରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଉତ୍ସାହର ସହ ଯାଦୁ ଖେଳ ଦେଖିବାକୁ ଅପେକ୍ଷା କରିଥିଲେ। ଏହି ସମୟରେ ଯାଦୁଗର ଜଣକ ଲୋକଙ୍କୁ କହିଲେ, 'ଆଖି ବନ୍ଦ କରନ୍ତୁ ଏବଂ ଧୀରେ ଧୀରେ ୧ ରୁ ୧୦ ପର୍ଯ୍ୟନ୍ତ ଗଣନ୍ତୁ। ଯେମିତି ଲୋକମାନେ ୧୦ କହିଲେ, ସାମ୍ନାର ଦୃଶ୍ୟ ଦେଖି ସେଠାକାର କର୍ମଚାରୀଙ୍କ ଛାତି ଥରି ଉଠିଲା। ଥିଏଟରରେ ଚେୟାର୍ ସବୁ ଖାଲି ପଡ଼ିଥିଲା, ଟୋପି ସବୁ ଏଣେତେଣେ ବିଛାଡ଼ି ହୋଇ ପଡ଼ିଥିଲା ଏବଂ ସେଠାରେ ଜଣେ ହେଲେ ବି ମଣିଷ ଉପସ୍ଥିତ ନ ଥିଲେ। ସୁଯୋଗ ଦେଖି ଭିକ୍ଟର ଷ୍ଟେଜରୁ ଚମ୍ପଟ ମାରିଥିଲେ । ପରିସ୍ଥିତିକୁ ଦେଖି ସୁରକ୍ଷାକର୍ମୀମାନେ ତୁରନ୍ତ ଖୋଜାଖୋଜି ଆରମ୍ଭ କଲେ, କିନ୍ତୁ କୌଣସି ସୁରାଗ ମିଳିଲା ନାହିଁ। ଏନେଇ ବିଶେଷଜ୍ଞଙ୍କ କହିବା କଥା, 'ସେହି ସମୟରେ ଯାଦୁଗରମାନେ ଥିଏଟରଗୁଡ଼ିକରେ ଗୁପ୍ତ ରାସ୍ତା ଏବଂ ହାଇ-ଟେକ୍ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରୁଥିଲେ। ମନୋବୈଜ୍ଞାନିକ କୌଶଳ କିମ୍ବା ସାମୂହିକ ସମ୍ମୋହନର ସାହାଯ୍ୟ ନେଇ ହୋଇପାରେ ଥିଏଟରକୁ ଯାଦୁ ଦେଖିବାକୁ ଆସିଥିବା ଲୋକମାନଙ୍କୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିବ, କିନ୍ତୁ ବିନା କୌଣସି ଶବ୍ଦରେ ଏତେ ବଡ଼ ସଂଖ୍ୟକ ଲୋକଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଯିବା ଆଜି ବି ଏକ ବଡ଼ ପ୍ରଶ୍ନ ହୋଇ ରହିଛି। ଏହି ଘଟଣା ପରେ ଯେମିତି ଭିକ୍ଟର ଭେନଙ୍କ ନାମ ଇତିହାସର ପୃଷ୍ଠାରେ କେଉଁଠି ହଜିଗଲା ଭଳି ମନେହେଲା। କୁହାଯାଏ କି, ସେ ନିଜେ ମଧ୍ୟ ସେହି ଦିନ ପରଠାରୁ କୌଣସି ବଡ଼ ମଞ୍ଚରେ ନଜର ଆସିନଥିଲେ। ସେ ଛୋଟମୋଟ ଶୋ' କରି ନିଜ ଜୀବନ ଅତିବାହିତ କରୁଥିବା ପରେ ଶୁଣିବାକୁ ମିଳିଥିଲା। ହେଲେ ସେଦିନ କ'ଣ ଘଟିଥିଲା ସେକଥା ଏବେବି ତାହା ରହସ୍ୟ ହୋଇ ରହିଛି।

# 'ତୁମ୍ବାଡ଼-୨'ରେ ଆଲିଆ



ଆଲିଆ ଭଟ୍ଟଙ୍କୁ ବର୍ତ୍ତମାନ ସମୟରେ ବଲିଉଡ୍‌ର ସବୁଠାରୁ ସଫଳ ଅଭିନେତ୍ରୀ କୁହାଯାଉଛି। ଆଲିଆ ଏବେ ତାଙ୍କର ସ୍ପାଏ-ଥ୍ରିଲର ଫିଲ୍ମ 'ଆଲ୍‌ଫା'କୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଇତିମଧ୍ୟରେ ସେ ଆଉ ଏକ ଫିଲ୍ମକୁ ନେଇ ମଧ୍ୟ ଏବେ ଚର୍ଚ୍ଚାକୁ ଆସିଛନ୍ତି। ସୋହମ୍ ଶାହା ତାଙ୍କ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ତୁମ୍ବାଡ଼'ର ସିକ୍ୱେଲ 'ତୁମ୍ବାଡ଼ ୨' ଉପରେ ଏବେ କାମ ଆରମ୍ଭ କରି ଦେଇଛନ୍ତି। କିଛି ଦିନ ପୂର୍ବରୁ ଏଥିରେ ନୱାଜୁଦ୍ଦିନ ସିଦ୍ଦିକି କାମ କରୁଥିବା ନେଇ ଖବର ପ୍ରକାଶ ପାଇବା ପରେ ଫିଲ୍ମକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏବେ ଏଥିରେ ଆଲିଆ ମଧ୍ୟ କାମ କରୁଥିବା ନେଇ ନିକଟରେ 'ତୁମ୍ବାଡ଼' ଟିମ୍ ପକ୍ଷରୁ ଘୋଷଣା କରାଯାଇଛି। ଏହା ଉପରେ ଖୋଦ୍ ଆଲିଆ ମଧ୍ୟ ନିଜର ମତ ରଖିଛନ୍ତି। ଆଲିଆ କହିଛନ୍ତି- "ତୁମ୍ବାଡ଼' ଫିଲ୍ମ ଦେଖିବା ଠାରୁ ଏହା ମୋ ମନରେ ଘର କରି ରହିଛି। ବହୁତ କମ୍ ଫିଲ୍ମ ଏମିତି ତିଆରି ହୁଏ, ଯାହା ରିଲିଜ୍ ହେବାର ବର୍ଷ ବର୍ଷ ପରେ ବି ଲୋକଙ୍କ ହୃଦୟ ଓ ମନରେ ସେମିତି ହିଁ ରହିଥାଏ । ଏବେ ଏହି ଦୁନିଆର ଏକ ଅଂଶ ହେବା ମୋ ପାଇଁ ବେଶ୍ ସ୍ୱତନ୍ତ୍ର । ମୁଁ ସୋହମ୍ ଏବଂ ନବାଜୁଦ୍ଦିନ୍‌ଙ୍କ ସହ କାମ କରିବା ପାଇଁ ଉତ୍ସାହିତ ଅଛି। ମୁଁ ଉଭୟଙ୍କର ଜଣେ ବଡ଼ ପ୍ରଶଂସକ । 'ତୁମ୍ବାଡ଼' ଭଳି ରହସ୍ୟମୟ କାହାଣୀରେ କାମ କରିବା ପାଇଁ ମୁଁ ବେଶ୍ ଉତ୍ସାହିତ ଅଛି। ' ସେହିଭଳି ସୋହମ୍ ମଧ୍ୟ ଆଲିଆଙ୍କୁ ନେଇ କହିଛନ୍ତି- 'ଆଲିଆ 'ତୁମ୍ବାଡ଼ ୨' ସହ ଜଡ଼ିତ ହେବା ଆମ ସମସ୍ତଙ୍କ ପାଇଁ ଖୁସିର କଥା। ସେ ଜଣେ ପ୍ରତିଭାଶାଳୀ ଅଭିନେତ୍ରୀ। ଏହି ଫିଲ୍ମରେ ତାଙ୍କୁ ଏକ ଭିନ୍ନ ଅନ୍ଦାଜରେ ଦେଖିବାକୁ ମିଳିବ। ମୁଁ ତାଙ୍କ ସହ ପ୍ରଥମ ଥର କାମ କରୁଛି।" 'ତୁମ୍ବାଡ଼ ୨' ଚଳିତବର୍ଷ ୩ ଡିସେମ୍ବରରେ ପରଦାକୁ ଆସିବ।

## 'ସକାଳ'ର ସ୍ୱାସ୍ଥ୍ୟ

# ଲେଉଟୁଛି କରୋନା



ଭୂତାଣୁର ଭୟାବହତା କରୋନା ସମୟରେ ଅଧିକ ଦେଖିବାକୁ ମିଳିଥିଲା। କରୋନାର ପ୍ରକୋପ କମିଯାଇଥିଲେ ହେଁ ଏବେ ଆନ୍ଧ୍ରପ୍ରଦେଶରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ଦେଖିବାକୁ ମିଳିଛି। କୋଭିଡର ସଂକ୍ରମଣଶୀଳତା ଅଧିକ। ଏବେ ଯେଉଁ ଭାରିଆଣ୍ଟ ଆସିଛି ଏହା ଓମିକ୍ରନ୍‌ର ସବ୍ ଭାରିଆଣ୍ଟ ହୋଇଥାଇପାରେ। ଏହା ଅତି କ୍ଷତିକାରକ ନ ହୋଇଥିଲେ ମଧ୍ୟ ସତର୍କ ରହିବା ଆବଶ୍ୟକ।

କୋଭିଡର ନୂତନ ସଂକ୍ରମଣ ମୁଖ୍ୟତଃ ସ୍ପାଇକ୍ ପ୍ରୋଟିନ ମ୍ୟୁଟେସନ୍ ପାଇଁ ହୋଇଥାଏ। ଯେମିତିକି ସିକାଡ଼ାରେ ୭୦ରୁ ୭୫ଟି ନୂଆ ଜେନେଟିକ୍ ପରିବର୍ତ୍ତନ ରହିଛି। ଏହା ଅନେକଙ୍କୁ ସଂକ୍ରମିତ କରିଥାଏ। ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ଦେଶରେ ମଧ୍ୟ ଏହାର ସଂକ୍ରମଣ ଦେଖାଯାଉଛି। ଭୂତାଣୁ ଶରୀରରେ ପ୍ରବେଶ କରିବାର ୫ରୁ ୭ ଦିନରେ ଲକ୍ଷଣ ଦେଖାଯାଏ। ନିଃଶ୍ୱାସ ନେବାରେ ସମସ୍ୟା, ଜ୍ୱର, ଥକ୍କାପଣ, ଧଇଁସଇଁ ଲାଗିବା, କାଶ, ଗଳା ଦରଜ, ପେଟ କାଟି ପତଳା ଝାଡ଼ା ହେବା ଆଦି ଲକ୍ଷଣ ଦେଖାଯାଏ। ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ଅନ୍ୟମାନେ ସଂକ୍ରମିତ ହୋଇଥାନ୍ତି। ତେଣୁ ଏସବୁ ଲକ୍ଷଣ ଦେଖିଲେ ଡାକ୍ତରଙ୍କ ପରାମର୍ଶ ନେବା ସହ କୋଭିଡ ପରୀକ୍ଷା କରିବା ଆବଶ୍ୟକ। ସାଧାରଣତଃ ବର୍ଷାଋତୁରେ ଆର୍ଦ୍ରତା ବୃଦ୍ଧି ପାଇବା ହେଉ କି ଜଳବାୟୁ ପରିବର୍ତ୍ତନ ସମୟରେ ଏହାର ସଂକ୍ରମଣ ବଢ଼େ। ତେଣୁ ବୟସ୍କ ବ୍ୟକ୍ତି, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି, ଅଣନିୟନ୍ତ୍ରିତ ମଧୁମେହ, ବୃକକ୍ କିମ୍ବା ଯକୃତ ଜନିତ ସମସ୍ୟା, ଶ୍ୱାସରୋଗୀ, ଛୋଟଛୁଆ, ଗର୍ଭବତୀ ମହିଳା ଅଧିକ ସତର୍କ ରହିବା ଆବଶ୍ୟକ। ଏନେଇ ବରିଷ୍ଠ ଭେଷଜ ବିଶେଷଜ୍ଞ, ପ୍ରଫେସର ଡାକ୍ତର ଶ୍ରୀକାନ୍ତ କୁମାର ଧର କୁହନ୍ତି, "ପୂର୍ବରୁ ନିଆଯାଇଥିବା ଟିକାରେ ଥିବା ଆଣ୍ଟିବଡି ଆମକୁ ଗୁରୁତର ହେବାରୁ ବଞ୍ଚାଇପାରେ କିନ୍ତୁ ନୂତନ ଭାରିଆଣ୍ଟରେ ଥିବା ମ୍ୟୁଟେସ୍‌ନ ସଂକ୍ରମିତ କରିପାରିବ। ତେଣୁ ସମ୍ବେଦନଶୀଳ ବ୍ୟକ୍ତିମାନେ ସତର୍କ ରହିବା ଜରୁରି। ଏହା ସହ କୋଭିଡର ନିୟମାବଳୀ ଯେମିତି ପାଳନ କରୁଥିଲେ ଯଥା- ସମ୍ବେଦନଶୀଳ ଗୋଷ୍ଠୀ ମାସ୍କ ପିନ୍ଧିବା, ଭିଡ଼ ସ୍ଥାନକୁ ନଯିବା, ହାତ ଧୋଇବା ଆବଶ୍ୟକ।" କୋଭିଡ ଲକ୍ଷଣ ଦେଖାଗଲେ ନିଜକୁ ସଂଗରୋଧ ରଖିବା ସହ ପରୀକ୍ଷା କରିବେ। ରୋଗପ୍ରତିରୋଧଶକ୍ତି ବୃଦ୍ଧି ପାଇଁ ଭିଟାମିନ୍ ଓ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଗ୍ରହଣ ସହ ବ୍ୟାୟାମ କରିବା ସ୍ୱାସ୍ଥ୍ୟପ୍ରଦ।

## ସଞ୍ଜୀବନୀ




# ଜିଙ୍କ୍ ଅଭାବ ହେଲେ ...



ଅସନ୍ତୁଳିତ ଡାଏଟ, ତେଲ ମସଲାଯୁକ୍ତ ଖାଦ୍ୟ ସେବନ ଆଦି ଅନେକ କାରଣରୁ ଶରୀରରେ ଜିଙ୍କ୍‌ର ଅଭାବ ଦେଖାଯାଇଥାଏ। ଜିଙ୍କ୍‌ର ଅଭାବରୁ ଶରୀରରେ ଦେଖାଯାଉଥିବା ଲକ୍ଷଣକୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରି।

ଶରୀରର ଜିଙ୍କ୍‌ର ଅଭାବ ହେଲେ, ବାରମ୍ବାର ସଂକ୍ରମଣ ହେବା, ଥଣ୍ଡା, ଜ୍ୱର, କାଶ ଲାଗି ରହିବା, ଘା' ଶୁଖିବାରେ ବିଳମ୍ବ, କେଶ ଝଡ଼ିବା, ଚର୍ମ ଶୁଷ୍କ, ଓଜନ ହ୍ରାସ, ଚିଡ଼ିଚିଡ଼ାପଣ, ଘ୍ରାଣଶକ୍ତି ଦୁର୍ବଳ, ରାତିରେ କମ୍ ଦେଖାଯିବା, ଦୃଷ୍ଟିଶକ୍ତି ହ୍ରାସ ପାଇବା ଆଦି ଲକ୍ଷଣ ଦେଖାଯାଏ। ଉପରୋକ୍ତ ଲକ୍ଷଣ ଦେଖାଗଲେ ଡାକ୍ତରଙ୍କ ପରାମର୍ଶକ୍ରମେ ରକ୍ତ ପରୀକ୍ଷାରୁ ଜିଙ୍କ୍ ସ୍ତର ଜଣାପଡ଼େ। ଏଥିପାଇଁ ଡାକ୍ତର ଜିଙ୍କ୍ ସପ୍ଲିମେଣ୍ଟ ଦେଇଥାନ୍ତି। ଏଥିସହିତ ଜୀବନଶୈଳୀରେ ପରିବର୍ତ୍ତନ, ସନ୍ତୁଳିତ ଖାଦ୍ୟ ଗ୍ରହଣ, ନିଶା ସେବନଠାରୁ ଦୂରେଇ ରହିବା, ନିୟମିତ ବ୍ୟାୟାମ, ଦିନକୁ ୭ରୁ ୮ ଘଣ୍ଟା ଶୋଇବା ଆବଶ୍ୟକ।

# ବର୍ଷାଦିନେ ପେଟ ସଂକ୍ରମଣ

**ବର୍ଷାଦିନେ ବାୟୁମଣ୍ଡଳର ଆର୍ଦ୍ରତା ବୃଦ୍ଧି ଓ ସନ୍ତସନ୍ତିଆ ପରିବେଶ ଯୋଗୁଁ ଜୀବାଣୁ, ଭୂତାଣୁ ଓ କବକ ସହଜରେ ବୃଦ୍ଧି ପାଆନ୍ତି। ଏହି ଦିନରେ ଟାଇଫଏଡ୍, ଫୁଡ ପଏଜନିଂ, ଝାଡ଼ାବାନ୍ତି ଏବଂ ପେଟ ସଂକ୍ରମଣ ଚିନ୍ତା ବଢ଼ାଏ ।**

ବର୍ଷାଦିନେ ବିଭିନ୍ନ ସ୍ଥାନରେ ମଇଳା ପାଣି ଜମିବା ଯୋଗୁଁ ଜଳ ଦୂଷିତ ହୋଇଥାଏ। ଅପରିଷ୍କାର ସ୍ଥାନରେ ମାଛି ବସି ଉଡ଼ି ଆସି ଖାଦ୍ୟ ପଦାର୍ଥରେ ବସିବା ଏବଂ ସେହି ଖାଦ୍ୟକୁ ଖାଇବା ଦ୍ୱାରା ପେଟରୋଗ, ଝାଡ଼ାବାନ୍ତି, ଜଣ୍ଡିସ୍, ହେପାଟାଇଟିସ୍ ଏ, ହଇଜା, କଲେରା ଆଦି ରୋଗ ହୋଇଥାଏ। ହେପାଟାଇଟିସ୍ ଏ ଯକୃତ ଉପରେ ଅଧିକ ପ୍ରଭାବ ପକାଉଥିବାରୁ ଜଣ୍ଡିସ, ଜ୍ୱର, ବାନ୍ତି ହୁଏ। କଲେରା ଯୋଗୁଁ ଡିହାଇଡ୍ରେସନ୍ ଏବଂ ଝାଡ଼ାବାନ୍ତି ହେବାର ସମ୍ଭାବନା ଥାଏ। ତେଣୁ ପାଣିକୁ ଫୁଟାଇ ଥଣ୍ଡା କରି ପିଇବା, ଖାଇବା ପୂର୍ବରୁ, ଶୌଚାଳୟ ଯିବା ପରେ ଏବଂ ବାହାରୁ ଘରକୁ ଆସିଲେ ହାତକୁ ଭଲଭାବେ ଧୋଇବା ଆବଶ୍ୟକ। ଡାଏଟରେ ଆଣ୍ଟିଅକ୍ସିଡାଣ୍ଟ, ମିନେରାଲ୍ସ, ଭିଟାମିନ୍ ଓ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ସାମିଲ କରିପାରିବେ। ପାଣି ଓ ଖାଦ୍ୟକୁ ଘୋଡ଼ାଇବା ଆବଶ୍ୟକ। ବାସି ଖାଦ୍ୟ, ମାଛି ବସା ଖାଦ୍ୟ, ବାହାରର ଖାଦ୍ୟ ଖାଇବା ଅନୁଚିତ। କ୍ଲୋରିନ୍ ବିଶୋଧିତ ଜଳ ପିଇ ପାରିବେ। ପାଣିକୁ ଶୁଦ୍ଧ କରିବାକୁ ହାଲୋଜିନ୍ ବଟିକା ମିଶାଇ ପାରିବେ। ଏହାସହ ଚତୁଃପାର୍ଶ୍ୱକୁ ସଫା ରଖିବା ସହ ନାଳରେ ଅଳିଆ ଆବର୍ଜନା ପକାଇବା ଉଚିତ ନୁହେଁ ।



## ଘର ବଇଦ

# ଯକ୍ଷ୍ମା ରୋଗର ଉପଚାର

- ଗୋଦନ୍ତୀ ହରିତାଳ ଭସ୍ମ ଦୁଇ ରତି, ପ୍ରବାଳ ଚନ୍ଦ୍ର ପୁଟି ଦୁଇ ରତି, ସିତୋପଳାଦି ଚୂର୍ଣ୍ଣ ଦେଢ଼ ରତି – ଏହି ତିନୋଟି ପଦାର୍ଥ ଏକତ୍ର କରି ଦୁଇ ତୋଳା ମହୁ ସହିତ ଚାଟିକରି ଖାଇବେ। ଏହି ପରି କିଛିଦିନ ଖାଇଲେ ପୁରୁଣା ରାଜଯକ୍ଷ୍ମା ଭଲ ହୁଏ।
- ବଜ୍ରମୂଳି, ଅଶ୍ୱଗନ୍ଧା, ଗମ୍ଭାରୀଫଳ, ଶତାବରୀ, ପୁରୁଣୀ ଏ ସମସ୍ତ ଏକତ୍ର ବା ଏଥି ମଧ୍ୟରୁ ଯେକୌଣସି ଗୋଟିଏ କ୍ଷୀର ସହିତ ଅଭ୍ୟାସ କରି ଖାଇଲେ କ୍ଷତ ଓ କ୍ଷୟ ଶାନ୍ତ ହୁଏ।
- ଅର୍ଜୁନ ଛାଲିର ଚୂର୍ଣ୍ଣକୁ ବାସଙ୍ଗ ପତ୍ର ରସରେ ସାତ ଥର ଭାବନା ଦେଇ ସେହି ଚୂର୍ଣ୍ଣକୁ ଘିଅ, ମହୁ ଓ ମିଶ୍ରି ସହିତ ସେବନ କଲେ, କ୍ଷୟକାଶ ଭଲ ହୁଏ।
- ବେଗୁନିଆ ପତ୍ର, ଗଞ୍ଜାଇ ପତ୍ର, ଅଙ୍କରାନ୍ତି ପତ୍ର, ଡେଙ୍ଗାଭେଜି ପତ୍ର, ଲବେଙ୍ଗୁଡ଼ି ପତ୍ର, ବାସଙ୍ଗ ପତ୍ର, ଅଁଳା, ହରିଡ଼ା, ବାହାଡ଼ା, ଦାସକେରେଣ୍ଡା ପତ୍ର, କଳାଜିରା ପ୍ରତ୍ୟେକରୁ ଏକତୋଳା, ଚିତାପାରୁ ତିନି ତୋଳା, ପିପ୍‌ପଳୀ ପାଞ୍ଚ ତୋଳା, ଗୋଲମରିଚ ତିନି ତୋଳା ଏ ସମସ୍ତ ଚୂର୍ଣ୍ଣ ଦୁଇ ଜଣ ରୋଗୀଙ୍କ ପାଇଁ। ଅତଏବ ଏହି ଚୂର୍ଣ୍ଣର ଅର୍ଦ୍ଧଭାଗକୁ ୧୪ ପାନ କରିବେ। ଦିନକୁ ଦୁଇ ପାନ ହିସାବରେ ସାତ ଦିନ ଖାଇବେ। ପ୍ରତ୍ୟେକ ପାନରେ ଏକତୋଳା ମହୁ ମିଶାଇ ଖାଇଲେ ଯକ୍ଷ୍ମା ରୋଗରୁ ଉପଶମ ମିଳିପାରେ।

- (ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ଶିଶୁମାନଙ୍କ ଅରୁଚି



ଅଧିକାଂଶ ଶିଶୁ ଖାଇବାକୁ ଅମଙ୍ଗ ହେଲେ ପିତାମାତା ଏହାକୁ ଜିଦ୍, ପିଲାଳିଆମି ଭାବି ଅଣଦେଖା କରିଥାନ୍ତି। ହେଲେ ଏହା ଆଭୋଏଡାଣ୍ଟ ରେଷ୍ଟ୍ରିକ୍ଟିଭ୍ ଫୁଡ୍ ଇନ୍‌ଟେକ୍ ଡିଜଅର୍ଡର (ARFID) ହୋଇପାରେ। ଏହା ଖାଦ୍ୟପେୟ ଏବଂ ମାନସିକ ସ୍ୱାସ୍ଥ୍ୟ ସହିତ ଜଡ଼ିତ ବିକାର। ଏହି ସ୍ଥିତିରେ ଶିଶୁମାନେ ସ୍ୱତନ୍ତ୍ର ସ୍ୱାଦ, ରଙ୍ଗ, ଗନ୍ଧ ଆଦି କାରଣରୁ କିଛି ଖାଦ୍ୟ ଖାଇବାକୁ ଅରାଜି ହୁଅନ୍ତି। ଶିଶୁଙ୍କ ଖାଦ୍ୟପେୟ ସୀମିତ ହୋଇଯାଉଥିବାରୁ ଶରୀରକୁ ଆବଶ୍ୟକୀୟ ମାତ୍ରାର ପୋଷଣ ମିଳେ ନାହିଁ। ଶିଶୁଙ୍କ ଉଚ୍ଚତା, ଓଜନ, ମାନସିକ ବିକାଶ, ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପଡ଼ିପାରେ। ଠିକ୍ ସମୟରେ ଏହି ସମସ୍ୟାକୁ ଚିହ୍ନଟ ନ କରାଗଲେ ଶରୀରରେ ଲୌହସାର, ଭିଟାମିନ୍, ପ୍ରୋଟିନ୍ ଏବଂ ପୋଷକତତ୍ତ୍ୱର ଅଭାବ ଦେଖାଦିଏ। ଗମ୍ଭୀର ସ୍ଥିତିରେ ପିଲାଙ୍କୁ ପୋଷଣ ସପ୍ଲିମେଣ୍ଟ କିମ୍ବା ଟ୍ୟୁବ୍ ଫିଡିଂର ଆବଶ୍ୟକ ପଡ଼ିପାରେ। ପୀଡ଼ିତଙ୍କଠାରେ ଉଦ୍‌ବେଗ, କୁ-ପୋଷଣ, ଦୁର୍ବଳ, ଅଟିଜିମ୍ ସ୍ପେକ୍ଟ୍ରମ ଡିଜଅର୍ଡର (ASD) ଏବଂ ଆଟେନ୍‌ସନ୍ ଡେଫିସିଟ୍ ହାଇପରଏକ୍ଟିଭିଟି ଡିଜଅର୍ଡର (ADHD) ପରି ସମସ୍ୟା ହୋଇପାରେ। ଏହି ରୋଗର ଚିକିତ୍ସା ସମ୍ଭବ। ରୋଗ ଚିହ୍ନଟ କରି ଶିଶୁଙ୍କୁ ଫ୍ୟାମିଲି ବେସ୍ଡ ଥେରାପି ଏବଂ ଇଣ୍ଡିଭିଜୁଆଲ ମୋଟିଭେସନାଲ ଥେରାପି ଦିଆଯାଏ। ଫ୍ୟାମିଲି ବେସ୍ଡ ଥେରାପିରେ ପିତାମାତାଙ୍କୁ ଶିଶୁଙ୍କ ଉପରେ ଚାପ ନ ପକାଇ ସେମାନଙ୍କ ଖାଇବା ଅଭ୍ୟାସକୁ ଧୀରେ ଧୀରେ ବଦଳାଇବାକୁ ପ୍ରଶିକ୍ଷଣ ଦିଆଯାଏ। ସେହିପରି ଇଣ୍ଡିଭିଜୁଆଲ ମୋଟିଭେସନାଲ୍ ଥେରାପିରେ ଶିଶୁଙ୍କ ଖେଳ, ଗତିବିଧି ଏବଂ କଳ୍ପନାଶୀଳ ଅଭ୍ୟାସ ଜରିଆରେ ନୂତନ ଖାଦ୍ୟ ପଦାର୍ଥ ପ୍ରତି ରୁଚି ବିକଶିତ କରିବାକୁ ତାଲିମ ଦିଆଯାଏ। ଏହାଦ୍ୱାରା ପିଲାମାନେ ଧୀରେ ଧୀରେ ସବୁଜ ପନିପରିବା ସହିତ ବିଭିନ୍ନ ଫଳ ଖାଇବାକୁ ପସନ୍ଦ କରନ୍ତି। ଯଦି ଦୀର୍ଘ ଦିନ ଧରି ଶିଶୁ ଖାଉନାହାନ୍ତି, ଓଜନ କମିଯାଉଛି କିମ୍ବା ଦୁର୍ବଳ ଲାଗୁଥିଲେ ବିଳମ୍ବ ନ କରି ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ।






## ସେମିରେ ଇଂଲଣ୍ଡକୁ ହରାଇବା ପରେ ଖେଳାଳି ଦେଖାଇଲେ ଫାକ୍‌ଲାଣ୍ଡ ବ୍ୟାନର

# ଦଣ୍ଡିତ ହୋଇପାରେ ବିଜୟୀ ଆର୍ଜେଣ୍ଟିନା

ଆଟଲାଣ୍ଟା,୧୬।୭ (ଏଜେନ୍ସି):




ଏଠାରେ ବୁଧବାର ରାତିରେ ଖେଳାଯାଇଥିବା ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲରେ ଇଂଲଣ୍ଡକୁ ୨-୧ ଗୋଲରେ ପରାସ୍ତ କରି ଆର୍ଜେଣ୍ଟିନା କ୍ରମାଗତ ଦ୍ୱିତୀୟ ତଥା ମୋଟରେ ୭ମଥର ଲାଗି ଫାଇନାଲରେ ପ୍ରବେଶ କରିଛି। ଆନ୍ଥୋନୀ ଗର୍ଡନଙ୍କ ଗୋଲ ବଳରେ ୮୪ତମ ମିନିଟ୍ ଯାଏ ୧-୦ ଗୋଲରେ ପଛୁଆ ଥିବା ଆର୍ଜେଣ୍ଟିନା ଖେଳ ଶେଷ ହେବାକୁ ଥିବା ୭ ମିନିଟ୍‌ରେ ୨ଟି ଗୋଲ ଦେଇ ଏହି ମୁକାବିଲାକୁ ଜିତିନେଇଥିଲା। ବିଜୟୀ ଦଳ ପକ୍ଷରୁ ଷ୍ଟାର ଖେଳାଳି ଲିଓନେଲ ମେସି ୨ଟି ଯାକଗୋଲ ଆସିଷ୍ଟ କରିଥିଲେ। ଫଳରେ ଖେଳର ୮୫ତମ ମିନିଟ୍‌ରେ ଏଞ୍ଜୋ ଫର୍ଣ୍ଣାଣ୍ଡେଜ୍ ଓ ଷ୍ଟପେଜ୍ ଟାଇମର ଦ୍ୱିତୀୟ ବା ୯୨ତମ ମିନିଟ୍‌ରେ ଲୌଟାରୋ ମାର୍ଟିନେଜ୍ ଗୋଲ ସ୍କୋର କରିଥିଲେ। ଖେଳ ଶେଷ ସମୟତକ ଘମାଘୋଟ ଲଢ଼େଇ ହୋଇଥିଲେ ମଧ୍ୟ ଇଂଲଣ୍ଡ ମ୍ୟାଚ୍‌କୁ ଫେରିପାରି ନ ଥିଲା। ଏହି ବିଜୟ ଫଳରେ ଆସନ୍ତା ରବିବାର ମେଟ୍ ଲାଇଫ୍ ଷ୍ଟାଡିୟମ୍‌ରେ ୩ଥରର ଚାମ୍ପିଅନ ଆର୍ଜେଣ୍ଟିନା ଏବଂ ଥରେ ଟାଇଟଲ ଜିତିଥିବା ସ୍ପେନ୍ ମଧ୍ୟରେ ଟାଇଟଲ ମୁକାବିଲା ହେବ। ଏହା ପୂର୍ବରୁ ଶନିବାର ରାତିରେ ମିଆମିରେ ସେମିଫାଇନାଲରେ ହାରିଥିବା ଦୁଇ ଦଳ ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ/ଚତୁର୍ଥ ସ୍ଥାନ ଲାଗି ଲଢ଼େଇ ହେବାର କାର୍ଯ୍ୟକ୍ରମ ରହିଛି।

ଆର୍ଜେଂଟିନା ଏହି ମ୍ୟାଚ୍ ଜିତିବା ପରେ ଖେଳାଳିଙ୍କ ମଧ୍ୟରେ ଉତ୍ତେଜନା ଲାଗିରହିଥିଲା। ଏହି ସମୟରେ ଏକାଧିକ ଖେଳାଳି 'ଫାକ୍‌ଲାଣ୍ଡ ଆର୍ଜେଣ୍ଟିନା'ର ଲେଖାଥିବା ଏକ ବ୍ୟାନର ପ୍ରଦର୍ଶନ କରିଥିଲେ। ଏହି ବ୍ୟାନରକୁ ଗିଓଭାନି ଲୋ ସେଲସୋ, ଲିସାଣ୍ଡ୍ରୋ ମାର୍ଟିନେଜ୍ ଓ ନିକୋଲାସ୍ ଓଟାମେଣ୍ଡି ହାତରେ ଧରି ପ୍ରଦର୍ଶନ କରିଥିଲେ। ଏହି ବ୍ୟାନରଟି ଖେଳାଳିମାନେ ଆଣିଥିଲେ କିମ୍ବା ଷ୍ଟାଡିୟମ୍‌ରେ ଉପସ୍ଥିତି ଦର୍ଶକ ସେମାନଙ୍କୁ ଯୋଗାଇଦେଇଥିଲେ ତାହା ଜଣାପଡ଼ିନାହିଁ। ଏଭଳି ଘଟଣା ଫିଫାର ଖେଳ ଲାଗି ପ୍ରଣୟନ ହୋଇଥିବା ଆଚରଣ ସଂହିତାକୁ ସ୍ପଷ୍ଟ ଭାବେ ଉଲ୍ଲଙ୍ଘନ କରୁଛି। ଏହା ଫଳରେ ଫିଫା ପକ୍ଷରୁ ଆର୍ଜେଣ୍ଟିନା ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଫିଫା ଆଚରଣ ସଂହିତାରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ଖେଳ ବେଳେ ଷ୍ଟାଡିୟମ୍‌ରେ କିମ୍ବା ବାହାରେ କୌଣସି ରାଜନୈତିକ ବିବାଦ, ଘଟଣାବଳୀ, ଜାତି, ଧର୍ମ ଓ ବର୍ଣ୍ଣକୁ ବିରୋଧ କରି କିମ୍ବା ଅପମାନଜନକ ବ୍ୟାନର, ପତାକା, ପ୍ଲାକାର୍ଡ ପ୍ରଦର୍ଶନ କରିହେବ ନାହିଁ। ଏଳଭି ଘଟଣାକୁ ଫିଫା ପକ୍ଷରୁ ଦୃଢ଼ ବିରୋଧ କରାଯାଇ ଆସୁଛି। ଆର୍ଜେଣ୍ଟିନାର ଖେଳାଳିମାନେ ଫିଫାର ଆଚରଣ ସଂହିତା ଉଲ୍ଲଙ୍ଘନ କରିଛନ୍ତି। କିନ୍ତୁ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଫିଫା ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।

| ବିଶ୍ୱକପ୍-୨୦୨୬ର ଅବଶିଷ୍ଟ ଖେଳସୂଚୀ | | | |
|---|---|---|---|
| ତୃତୀୟ ସ୍ଥାନ ମୁକାବିଲା | | | |
| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
| ଜୁଲାଇ ୧୮ | ଫ୍ରାନ୍ସ- ଇଂଲଣ୍ଡ | ମିଆମି | ଶନିବାର ରାତି ୨ଟା ୩୦ |
| ଗ୍ରାଣ୍ଡ ଫାଇନାଲ | | | |
| ଜୁଲାଇ ୧୯ | ଆର୍ଜେଣ୍ଟିନା-ସ୍ପେନ୍ | ନ୍ୟୁଜର୍ସୀ | ରବିବାର ରାତି ୧୨ଟା ୩୦ |

### ଫାକ୍‌ଲାଣ୍ଡ ବିବାଦର ପୃଷ୍ଠଭୂମି

ଗତକିଛି ବର୍ଷ ଧରି ବ୍ରିଟେନର ଉପନିବେଶବାଦ୍ ଶେଷ ହୋଇଥିଲେ ମଧ୍ୟ ଆର୍ଜେଣ୍ଟିନା ନିକଟରେ ଥିବା ଫାକ୍‌ଲାଣ୍ଡ ଦ୍ୱୀପପୁଞ୍ଜ ୧୮୮୩ରୁ ଇଂଲଣ୍ଡ ଅଧିନରେ ରହିଛି। ଏହାକୁ ବିରୋଧ କରି ୧୯୮୨ରେ ଆର୍ଜେଣ୍ଟିନାର ତତ୍‌କାଳୀନ ସାମରିକ ଶାସକ ଫାକ୍‌ଲାଣ୍ଡ ଦଖଲ ଲାଗି ଉଦ୍ୟମ କରିଥିଲେ। ସେଠାକୁ ସୈନ୍ୟ ପ୍ରେରଣ କରି କବ୍‌ଜା କରିବା ପରେ ଇଂଲଣ୍ଡ ପକ୍ଷରୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାକୁ ନେଇ ଉଭୟ ଦେଶ ମଧ୍ୟରେ ୭୪ ଦିନ ଯୁଦ୍ଧ ଲାଗିଥିଲା ଓ ଇଂଲଣ୍ଡ ପୁଣିଥରେ ଫାକ୍‌ଲାଣ୍ଡକୁ ନିଜ କବ୍‌ଜାକୁ ନେଇଥିଲା। ଏଥିରେ ଆର୍ଜେଣ୍ଟିନାର ୬୪୯ ଜଣ ଓ ଇଂଲଣ୍ଡର ୨୫୫ ଜଣ ସାମରିକ କର୍ମଚାରୀ ଓ ସେଠାରେ ବସବାସ କରୁଥିବା ୩ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିଲେ। ଏହା ସତ୍ତ୍ୱେ ଫାକ୍‌ଲାଣ୍ଡକୁ ଆର୍ଜେଣ୍ଟିନା ସର୍ବଦା ନିଜର ବୋଲି ଦାବି କରିଆସୁଛି ଓ ସମ୍ବିଧାନରେ ଏହି ଦ୍ୱୀପପୁଞ୍ଜ ନିଜର ବୋଲି ଉଲ୍ଲେଖ କରିଛି। ଏହି ବିବାଦର ସମାଧାନ ଫାକ୍‌ଲାଣ୍ଡରେ ଦୁଇଥର ଗଣମତ କରାଯାଇଛି। ୧୯୮୬ରେ ୯୬.୪୫ ଶତକଡ଼ା ଓ ୨୦୧୩ରେ ୯୯.୮ ଶତକଡ଼ା ଫାକଲାଣ୍ଡର ବାସିନ୍ଦା ଇଂଲଣ୍ଡ ସହ ରହିବାକୁ ଭୋଟ ଦେଇଥିଲେ। ଆର୍ଜେଣ୍ଟିନା କିନ୍ତୁ ତାହାର ଦାବି ସବୁ ଫୋରମରେ ଦୋହରାଇ ଆସୁଛି। ସେମିଫାଇନାଲ ମ୍ୟାଚ୍ ଶେଷରେ ଏପରି ଏକ ରାଜନୈତିକ ବିବାଦକୁ ବ୍ୟାନର ମାଧ୍ୟମରେ ଖେଳାଳିମାନେ ଉପସ୍ଥାପିତ କରି ବିପଦକୁ ଆମନ୍ତ୍ରଣ କରିଛନ୍ତି।

## ଗୋଲ୍ଡେନ ବୁଟ୍ ରେସ୍‌ରେ ମେସି ନଂ-୧

ଆଟଲାଣ୍ଟା,୧୬।୭ (ଏଜେନ୍ସି): ଆର୍ଜେଣ୍ଟିନାର ସୁପରଷ୍ଟାର ଲିଓନେଲ ମେସି ୨୦୨୬ରେ ଗତ ଦୁଇଟି ଫିଫା ବିଶ୍ୱକପ୍ ନକ୍‌ଆଉଟ ମ୍ୟାଚ୍‌ରେ ଗୋଲ ଦେଇ ପାରି ନ ଥିଲେ ମଧ୍ୟ ଗୋଲ ଦେବାରେ ସହାୟତା କରି ଗୋଲ୍ଡେନ ବୁଟ୍ ରେସ୍‌ରେ ପ୍ରଥମ ସ୍ଥାନରେ ରହିଛନ୍ତି। ଏଠାରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଆର୍ଜେଣ୍ଟିନା ୨-୧ ଗୋଲ୍‌ରେ ଇଂଲଣ୍ଡକୁ ହରାଇଥିଲା। ଏଥିରେ ମେସି ଗୋଟିଏ ହେଲେ ଗୋଲ ଦେଇ ନ ଥିଲେ, କିନ୍ତୁ ୨ଟି ଯାକ ଗୋଲ ଦେବାରେ ଆସିଷ୍ଟ କରିଥିଲେ। ଏହା ଫଳରେ ଚଳିତ ବିଶ୍ୱକପ୍‌ରେ ମେସି ୮ଟି ଗୋଲ ସ୍କୋର କରିବା ଓ ୪ଟି ଗୋଲରେ ଆସିଷ୍ଟ କରିଥିବାରୁ ଗୋଲ୍ଡେନ ବୁଟ୍ ରେସ୍‌ରେ ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ସେହିପରି ଫ୍ରାନ୍ସ ଅଧିନାୟକ କିଲିଆନ୍ ଏମବାପେ ମେସିଙ୍କ ସହ ସମାନ ୮ଟି ଗୋଲ ସ୍କୋର କରିଥିଲାବେଳେ ୩ଟି ଗୋଲ ଦେବାରେ ଆସିଷ୍ଟ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଶନିବାର ରାତିରେ ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ସ୍ଥାନ ଲାଗି ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ମେସିଙ୍କୁ ଏମବାପେ ଅତିକ୍ରମ କରିଯିବେ ବୋଲି ଆଶା କରାଯାଉଛି। ଏହା ପରେ ଅର୍ଥାତ୍ ରବିବାର ଫାଇନାଲରେ ସ୍ପେନ୍ ସହ ଆର୍ଜେଣ୍ଟିନାର ମୁକାବିଲା ହେବ। ଏହି ମୁକାବିଲାରେ ମେସି ସ୍ପେନ୍‌ର ରକ୍ଷଣଭାଗକୁ ଅତିକ୍ରମ କରି ଗୋଲ ଦେବା କଷ୍ଟକର। ଇଂଲଣ୍ଡର ଦୁଇଜଣ ଖେଳାଳି ଯଥା ଅଧିନାୟକ ହ୍ୟାରୀ କେନ୍ ଓ ଯୁବ ଖେଳାଳି ଜୁଡ୍ ବେଲିଂହାମ୍ ୬ଟି ଲେଖାଏଁ ଗୋଲ ସ୍କୋର ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି। ଏମାନେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିପାରିଲେ ମେସି ଓ ଏମ୍‌ବାପେଙ୍କୁ ଅତିକ୍ରମ କରିବାର ସମ୍ଭାବନା ରହିଛି।

## ୩ଟି ଫାଇନାଲ ଖେଳିବାରେ ମେସି ହେବେ ଦ୍ୱିତୀୟ ଖେଳାଳି

ଆଟଲାଣ୍ଟା,୧୬।୭ (ଏଜେନ୍ସି): ସ୍ପେନ୍ ବିପକ୍ଷ ୨୦୨୬ ବିଶ୍ୱକପ୍ ଫାଇନାଲରେ ପଦାର୍ପଣ କରିବାର ସୁଯୋଗ ପାଇଲେ ଆର୍ଜେଣ୍ଟିନାର ଅଧିନାୟକ ଲିଓନେଲ ମେସି ବିଶ୍ୱର ମାତ୍ର ଦ୍ୱିତୀୟ ଖେଳାଳିଭାବେ ୩ଟି ଫାଇନାଲ ଖେଳିବାର ରେକର୍ଡ କରିବେ। ମେସି ୨୦୧୪ରେ ଫାଇନାଲ ଖେଳିଥିଲାବେଳେ ଜର୍ମାନୀଠାରୁ ୧-୦ ଗୋଲରେ ହାରିଯାଇଥିଲା। ୨୦୨୨ରେ ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ତୃତୀୟ ଟାଇଟଲ ଜିତିଥିଲା। ତାଙ୍କ ପୂର୍ବରୁ ବ୍ରାଜିଲ୍‌ର କାଫୁ ୧୯୯୪, ୧୯୯୮ ଓ ୨୦୦୨ ବିଶ୍ୱକପ୍ ଫାଇନାଲରେ ପଦାର୍ପଣ କରିଥିଲେ।

## ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ୧୩ଟି ମ୍ୟାଚ୍‌ରେ ଅପରାଜେୟ

ଆଟଲାଣ୍ଟା,୧୬।୭ (ଏଜେନ୍ସି): ଇଂଲଣ୍ଡକୁ ୨-୧ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିବା ପରେ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା କ୍ରମାଗତ ୧୩ଟି ମ୍ୟାଚ୍‌ରେ ଅପରାଜେୟ ରହିଛି। ଏହି ଦେଶ ଯଦି ଆଉ ୩ଟି ମ୍ୟାଚ୍‌ରେ ବିଜୟୀ ହୁଏ, ତେବେ କ୍ରମାଗତ ୧୬ଟି ମ୍ୟାଚ୍ ଜିତିବାରେ ନେଦରଲ୍ୟାଣ୍ଡସର ରେକର୍ଡ ସହ ସମକକ୍ଷ ହେବ। ଆର୍ଜେଣ୍ଟିନା ଯଦି ଏଥର ବିଶ୍ୱକପ୍ ଜିତେ ତେବେ ଇଟାଲୀ ଓ ବ୍ରାଜିଲ ପରେ ବିଶ୍ୱର ତୃତୀୟ ଦେଶ ଭାବେ ଟାଇଟଲ ବଜାୟ ରଖିବାରେ ସମର୍ଥ ହେବ।

## ୨ଥର ବିଶ୍ୱକପ୍ ଫାଇନାଲ ନେବାରେ ସ୍କୋଲାନି ୭ମ ହେଡ୍ କୋଚ୍

ଆଟଲାଣ୍ଟା, ୧୬।୭ (ଏଜେନ୍ସି): ଲିଓନେଲ ସ୍କୋଲାନିଙ୍କ ତତ୍ତ୍ୱାବଧାନରେ ଆର୍ଜେଣ୍ଟିନା କ୍ରମାଗତ ଦ୍ୱିତୀୟଥର (୨୦୨୨ ଓ ୨୦୨୬) ବିଶ୍ୱକପ୍ ଫାଇନାଲରେ ଖେଳିବାକୁ ଯାଉଛି। ଏପରି ସଫଳତା ପାଇବାରେ ସେ ହେଉଛନ୍ତି ବିଶ୍ୱର ୭ମ ହେଡ୍ କୋଚ୍। ତାଙ୍କ ପୂର୍ବରୁ ୧୯୩୪ ଓ ୧୯୩୮ରେ ଇଟାଲୀର ଭିଟ୍ଟୋରିଓ ପୋଜୋ, ୧୯୬୬ ଓ ୧୯୭୪ରେ ଜର୍ମାନୀର ହେଲମୁଟ ସ୍କନ୍, ୧୯୭୦ ଓ ୧୯୯୮ରେ ବ୍ରାଜିଲର ମାରିଓ ଜଗାଲୋ, ୧୯୮୬ ଓ ୧୯୯୦ରେ ଆର୍ଜେଣ୍ଟିନାର କାର୍ଲୋସ ବିଲାର୍ଡୋ ଓ ଜର୍ମାନୀର ଫ୍ରାଙ୍କ ବେକେନବର, ୨୦୧୮ ଓ ୨୦୨୨ରେ ଫ୍ରାନ୍ସର ଡିଡିଏର ଡେସ୍‌ଚାମ୍ପ୍।

## ଚାପୁଡ଼ା ମାରି ବାସନ୍ଦ ହୋଇପାରନ୍ତି ବେଲିଂହାମ୍

ଆଟଲାଣ୍ଟା,୧୬।୭ (ଏଜେନ୍ସି): ଏଠାରେ ବୁଧବାର ରାତିରେ ଖେଳାଯାଇଥିବା ସେମିଫାଇନାଲରେ ଇଂଲଣ୍ଡକୁ ୨-୧ ଗୋଲରେ ହରାଇବା ପରେ ଆର୍ଜେଣ୍ଟିନା ଖେଳାଳିମାନେ ଆନନ୍ଦରେ ମାତିଥିଲେ। ଇଂଲଣ୍ଡ ଖେଳାଳିମାନେ ମଧ୍ୟ ପାଖରେ ଥିଲେ। ଆର୍ଜେଣ୍ଟିନା ଖେଳାଳିଙ୍କ ବିଜୟୀ ପ୍ରତିକ୍ରିୟା ଇଂଲଣ୍ଡର ୨୩ ବର୍ଷୀୟ ମିଡ୍‌ଫିଲ୍ଡର ଜୁଡ୍ ବେଲିଂହାମ୍‌ଙ୍କ ଦେହରେ ଗଲାନାହିଁ। ଏଥିରେ କ୍ଷୁବ୍ଧ ହୋଇ ବେଲିଂହାମ୍ ତାଙ୍କ ନିକଟରେ ଥିବା ଆର୍ଜେଣ୍ଟିନା ଖେଳାଳି ଭାଲେଣ୍ଟିନ୍ ବାର୍କୋଙ୍କ ମୁଣ୍ଡ ପଛରେ ଚାପୁଡ଼ା ମାରିଥିଲେ। ବାର୍କୋ ତାଙ୍କୁ ଉସୁକାଇଥିଲେ କି ନାହିଁ ତାହା ଜଣାପଡ଼ିନାହିଁ। କିନ୍ତୁ ବେଲିଂହାମ୍ ଚାପୁଡ଼ା ମାରିବା ପରେ ଉଭୟ ଖେଳାଳିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସେ ଯାହା ହେଉ ବେଲିଂହାମ୍ ଚାପୁଡ଼ା ମାରି ଫିଫା ଆଚରଣ ସଂହିତ ଉଲ୍ଲଙ୍ଘନ କରିଥିବାରୁ ବାସନ୍ଦ ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ।



## ଫିଫାର ଓଡ଼ିଆ ପୋଷ୍ଟ ଜିତିଲା ପ୍ରଶଂସକଙ୍କ ମନ

ଭୁବନେଶ୍ୱର,୧୬।୭ (ସମିସ): ଓଡ଼ିଆ ଭାଷାର ଗୌରବ ବୃଦ୍ଧି କରି ବିଶ୍ୱ ଫୁଟବଲ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା 'ଫିଫା' ନିଜର ଆଧିକାରିକ ସୋସିଆଲ ମିଡିଆ ଆକାଉଣ୍ଟ ଇନଷ୍ଟାଗ୍ରାମ୍‌ରେ ଓଡ଼ିଆ ଭାଷାରେ ଏକ ପୋଷ୍ଟ ଶେୟାର କରିଛି। ଫିଫା ବିଶ୍ୱକପ୍ ୨୦୨୬ରେ ନରୱେ ବିପକ୍ଷ ମ୍ୟାଚ୍‌ରେ ଚମତ୍କାର ହ୍ୟାଟ୍ରିକ ଅର୍ଜନ କରିଥିବା ଫ୍ରାନ୍ସର ଷ୍ଟାର୍ ଖେଳାଳି ଓସମାନ ଡେମ୍ବେଲେଙ୍କ ଫଟୋ ସହ ଓଡ଼ିଆରେ 'ଯାଦୁକର' ଲେଖି ଫିଫା ତାଙ୍କର ପ୍ରଶଂସା କରିଛି। ଏହି ପୋଷ୍ଟ ଓଡ଼ିଆ ଲୋକଙ୍କ ମଧ୍ୟରେ ଅହେତୁକ ଉତ୍ସାହ ସୃଷ୍ଟି କରିଛି। ଏହା ମଧ୍ୟ ରାଜ୍ୟବାସୀଙ୍କ ପାଇଁ ଗର୍ବର ମୁହୂର୍ତ୍ତ ସୃଷ୍ଟି କରିଛି। ବିଶ୍ୱକପ୍‌ର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇସାରିଥିବା ବେଳେ ଏହି ପୋଷ୍ଟକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ଏହା ଦେଶରେ ଫୁଟବଲ୍‌ର ସ୍ଥିତିକୁ ନେଇ ପୁଣିଥରେ ଚର୍ଚ୍ଚା ଆରମ୍ଭ କରିଛି। ଭାରତ ଆଜି ପର୍ଯ୍ୟନ୍ତ କେବେ ବି ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିପାରିନାହିଁ। ଏହି ପରିପ୍ରେକ୍ଷୀରେ, ଓଡ଼ିଶା ସରକାର ଯେଭଳି ଭାରତୀୟ ହକିର ପ୍ରାୟୋଜକ ସାଜି ଦେଶରେ ହକିର କାୟାକଳ୍ପ ବଦଳାଇ ଦେଇଛନ୍ତି, ସେହିଭଳି ଓଡ଼ିଶା ଭାରତୀୟ ଫୁଟବଲ୍‌ର ଉନ୍ନତି ପାଇଁ ମଧ୍ୟ ସହଯୋଗର ହାତ ବଢ଼ାଉ ବୋଲି ପ୍ରଶଂସକମାନେ ଆଶା ପ୍ରକାଶ କରିଛନ୍ତି। ଫୁଟବଲ୍‌ର ତୃଣମୂଳ ସ୍ତରର ବିକାଶ ଓ ଉନ୍ନତ ପ୍ରଶିକ୍ଷଣ ମାଧ୍ୟମରେ ହିଁ ଭାରତୀୟ ଦଳ ବିଶ୍ୱ ମଞ୍ଚରେ ପହଞ୍ଚିପାରିବ ବୋଲି କ୍ରୀଡ଼ାପ୍ରେମୀମାନେ ମତ ଦେଇଛନ୍ତି।




## ୧୦ ବର୍ଷ ପୂର୍ବରୁ ଆର୍ଜେଣ୍ଟିନା-ସ୍ପେନ୍ ଫାଇନାଲ୍‌ର ସଙ୍କେତ ଦେଇଥିଲେ ଧୋନି

ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି): ଫିଫା ବିଶ୍ୱକପ୍ ୨୦୨୬ରେ ଆର୍ଜେଣ୍ଟିନା ଓ ସ୍ପେନ ଫାଇନାଲ୍‌କୁ ପହଞ୍ଚିବା ପରେ ମହେନ୍ଦ୍ର ସିଂହ ଧୋନିଙ୍କ ୧୦ ବର୍ଷ ପୁରୁଣା ଏକ ସୋସିଆଲ୍ ମିଡିଆ ପୋଷ୍ଟ ଭାଇରାଲ୍ ହୋଇଛି। ସେହି ପୋଷ୍ଟରେ ଧୋନି ଅକ୍ଷର ପଟେଲ, ଜୟଦେବ ଉନାଦକଟ ଓ କରୁଣ ନାୟରଙ୍କ ସହ 'ଫିଫା' ଭିଡିଓ ଖେଳ ଖେଳୁଥିବାର ଦେଖାଯାଇଥିଲେ ଏବଂ କ୍ୟାପସନ୍‌ରେ'ସ୍ପେନ୍ ବନାମ ଆର୍ଜେଣ୍ଟିନା' ଲେଖାଯାଇଥିଲା। ଚେନ୍ନାଇ ସୁପର କିଙ୍ଗ୍ସ ଏହି ପୁରୁଣା ଫଟୋକୁ ପୁଣି ଶେୟାର କରି 'ଏଲିଟ୍ ବଲ୍ ନଲେଜ୍' ବୋଲି ଲେଖିବା ପରେ ଏହା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଏହା କେବଳ ଏକ ସଂଯୋଗ ମାତ୍ର ବୋଲି ମନେ କରାଯାଉଛି। ଅନ୍ୟପଟେ, ଫାଇନାଲ୍ ପୂର୍ବରୁ ଲିଓନେଲ୍ ମେସିଙ୍କ ସହ ଶିଶୁ ଲାମିନ୍ ୟାମାଲଙ୍କ ପୁରୁଣା ଫଟୋ ମଧ୍ୟ ପୁଣିଥରେ ଭାଇରାଲ୍ ହୋଇଛି।

**ପୁରୁଣା ପୋଷ୍ଟ ଏବେ ଭାଇରାଲ୍**

## ରାୟଚନ୍ଦନିଙ୍କ ଦ୍ୱିଶତକ

ଗଲ, ୧୬।୭ (ଏଜେନ୍ସି): ଓପନର ଲକ୍ଷ୍ୟ ରାୟଚନ୍ଦନିଙ୍କ ଦ୍ୱିଶତକ, ଓପନର ସାଗର ଭିର୍କଙ୍କ ୧୩୪ ଓ ୱିକେଟ ରକ୍ଷକ ମାନବ କ୍ରିଷ୍ଣାଙ୍କ ୧୦୦ ରନ୍ ସହାୟତାରେ ଏଠାରେ ଶ୍ରୀଲଙ୍କା ସହ ଶେଷ ହୋଇଥିବା ୧୯ ବର୍ଷରୁ କମ୍ ଟେଷ୍ଟ ଡ୍ର ରହିଛି। ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ଶ୍ରୀଲଙ୍କା ୯ ୱିକେଟରେ ୪୨୪ ରନ୍ କରି ଇନିଂସ ସମାପ୍ତି ଘୋଷଣା କରିଥିଲା। ଜବାବରେ ରାୟଚନ୍ଦନି ୩୨୪ ବଲ୍‌ରୁ ୨୦୭ ରନ କରିବା ପରେ ଭାରତର ପ୍ରଥମ ଇନିଂସ ୫୭୬ ରନ୍‌ରେ ଶେଷ ହୋଇଥିଲା।


## ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନ: କ୍ୱାର୍ଟରରେ ସିନ୍ଧୁ

ଟୋକିଓ,୧୬।୭ (ଏଜେନ୍ସି): ଦୁଇଥରର ଅଲିମ୍ପିକ୍ ପଦକ ବିଜୟିନୀ ଭାରତର ପିଭି ସିନ୍ଧୁ ଜାପାନ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ମହିଳା ଏକକ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ମ୍ୟାଚ୍‌ରେ ସେ ବିଶ୍ୱର ୫ ନମ୍ବର ଖେଳାଳି ଚୀନ୍‌ର ହାନ୍ ୟୁଏଙ୍କୁ ମାତ୍ର ୩୫ ମିନିଟ୍‌ରେ ୨୧-୧, ୨୧-୧୪ ସେଟ୍‌ରେ ପରାସ୍ତ କରିଛନ୍ତି। ଶୁକ୍ରବାର ଖେଳାଯିବାକୁ ଥିବା କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ୩୧ ବର୍ଷୀୟା ସିନ୍ଧୁଙ୍କ ମୁକାବିଲା ଜାପାନର ପୂର୍ବତନ ବିଶ୍ୱର ଏକ ନମ୍ବର ଖେଳାଳି ନୋଜୋମି ଓକୁହାରାଙ୍କ ସହ ହେବ। ଚଳିତ ସିଜିନ୍‌ରେ ସିନ୍ଧୁଙ୍କର ଏହା ଷଷ୍ଠ କ୍ୱାର୍ଟର ଫାଇନାଲ ପ୍ରବେଶ। ଅନ୍ୟପଟେ, ମିଶ୍ରିତ ଯୁଗଳ ବର୍ଗରେ ଭାରତର ଧ୍ରୁବ କପିଲା ଏବଂ ତନିଶା କ୍ରାଷ୍ଟୋ ଯୋଡ଼ି ଚୀନ୍ ଯୋଡ଼ିଙ୍କଠାରୁ ହାରି ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି।



## ବୁଦାପେଷ୍ଟ କୁସ୍ତି ର୍‌ୟାଙ୍କିଙ୍ଗ୍ ସିରିଜ | ଅମନ ସେରାୱତଙ୍କୁ ସ୍ୱର୍ଣ୍ଣ

ବୁଦାପେଷ୍ଟ, ୧୬।୭ (ଏଜେନ୍ସି): ହଙ୍ଗେରୀର ବୁଦାପେଷ୍ଟଠାରେ ଚାଲିଥିବା 'କୁସ୍ତି ର୍‌ୟାଙ୍କିଙ୍ଗ ସିରିଜ୍ ୨୦୨୬'ର ପ୍ରଥମ ଦିନରେ ଭାରତୀୟ ପହିଲବାନ ଅମନ ସେହରାୱତ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସର ଏହି କାଂସ୍ୟ ପଦକ ବିଜେତା, ପୁରୁଷ ୫୭ କିଲୋଗ୍ରାମ ଫ୍ରି-ଷ୍ଟାଇଲ୍ ବର୍ଗର ଫାଇନାଲରେ ଜର୍ଜିଆର ରବର୍ଟ ଡିଙ୍ଗାଶଭିଲିଙ୍କୁ ୧୩-୩ ରେ ପରାସ୍ତ କରି ଦେଶ ପାଇଁ ଗୌରବ ଆଣିଛନ୍ତି। ଅମନଙ୍କ ବ୍ୟତୀତ ଭାରତର ଦୀପକ (୬୧ କିଲୋଗ୍ରାମ) ଏବଂ ବିଶାଳ କାଳିରମଣା (୬୫ କିଲୋଗ୍ରାମ) ନିଜ ନିଜ ବର୍ଗରେ କାଂସ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି। ଏଥି ସହ ପ୍ରଥମ ଦିନରେ ଭାରତର ମୋଟ ପଦକ ସଂଖ୍ୟା ୩ରେ ପହଞ୍ଚିଛି।



## ଭାରତ-ଇଂଲଣ୍ଡ ଦ୍ୱିତୀୟ ଦିନିକିଆ | କୋହଲି-୬୫, ଆୟର-୬୬, ଭାରତ ୨୩୩

କାର୍ଡିଫ୍,୧୬।୭ (ଏଜେନ୍ସି):

ସିନିଅର ଖେଳାଳି ବିରାଟ କୋହଲି ଓ ଉପଅଧିନାୟକ ଶ୍ରେୟସ ଆୟରଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୪୪ ଓଭରରେ ୨୩୩ ରନ୍ କରି ଅଲଆଉଟ ହୋଇଯାଇଛି। କୋହଲି ୬୬ ବଲ୍‌ରୁ ୬୫ ଓ ଆୟର ୭୧ ବଲ୍‌ରୁ ୬୬ ରନ୍ କରିବା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଦଳ ଦୁଇ ଶହ ରନ୍ ଅତିକ୍ରମ କରିବାକୁ ସମର୍ଥ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଶୁବମନ ଗିଲ୍ ୩୧ବଲ୍‌ରେ ୩୦ ଓ ରୋହିତ ଶର୍ମାଙ୍କ ୪୭ ବଲ୍‌ରେ ୨୬ ରନ୍‌କୁ ଛାଡିଦେଲେ ଯଶପ୍ରୀ ବୁମ୍‌ରା ୧୩ ବଲ୍‌ରୁ ୨୦ ରନର ଉଲ୍ଲେଖନୀୟ ଯୋଗଦାନ ଦେଇଥିଲେ। ଦଳରେ ସାମିଲ ହୋଇଥିବା ସମସ୍ତ ବାମହାତୀ ବ୍ୟାଟର ଏହି ମ୍ୟାଚ୍‌ରେ ଫେଲ୍ ମାରିଥିଲେ। ସେମାନଙ୍କ ମଧ୍ୟରୁ ଅସୁସ୍ଥ ଲୋକେଶ ରାହୁଲଙ୍କ ସ୍ଥାନରେ ଖେଳିଥିବା ଇଶାନ କିଶାନ ୧, ୱାଶିଂଟନ ସୁନ୍ଦର ୨, ଅକ୍ଷର ପଟେଲ ୧ ଓ ଶିବମ ଦୁବେ ଖାତା ଖୋଲି ପାରି ନ ଥିଲେ। ଆଉ ଜଣେ ବ୍ୟାଟର ଗୁରନୁର ବ୍ରାର୍ ବାମହାତୀଙ୍କ ମଧ୍ୟରେ ସର୍ବାଧିକ ୭ ରନ୍ କରିଥିଲେ। ଏହାର ଅର୍ଥ ପ୍ରାଧାନ୍ୟ ବିସ୍ତାର କରୁଥିବା ୫ଜଣ





### ଭାରତର ବାମହାତୀ ବ୍ୟାଟର ଫେଲ୍

ବାମହାତୀ ବ୍ୟାଟର ଏହି ମ୍ୟାଚ୍‌ରେ ୧୧ ରନ୍ କରିଥିଲେ। ୧୭୮ ରନ୍‌ରେ କୋହଲିଙ୍କ ଆଉଟ ପରେ ୪୫ ରନ୍‌ରେ ଶେଷ ୬ଟି ୱିକେଟ ହରାଇଥିଲା। ଇଂଲଣ୍ଡ ପକ୍ଷରୁ ଫାଷ୍ଟ ବୋଲର ୯ଟି ଓ ଏକମାତ୍ର ସ୍ପିନର ୱିଲ ଜ୍ୟାକ୍ସ ବରିଷ୍ଠ ଖେଳାଳି ରୋହିତ ଶର୍ମାଙ୍କୁ ଆଉଟ କରିଥିଲେ। ଜୋଫ୍ରା ଆର୍ଚର ଓ ଗସ୍ ଆଟକିନସନଙ୍କୁ ୩ଟି ଲେଖାଏଁ, ସାକିବ ମହମ୍ମଦ୍‌ଙ୍କୁ ୨ଟି ଓ ସାମ କରନଙ୍କୁ ଗୋଟିଏ ୱିକେଟ ମିଳିଥିଲା। ପ୍ରଥମ ଦିନିକିଆରେ ଭାରତ ବିଜୟୀ ହୋଇଥିଲାବେଳେ ତୃତୀୟ ତଥା ଶେଷ ଦିନିକିଆ ଲର୍ଡ୍ସରେ ଜୁଲାଇ ୧୯ ତାରିଖ ରବିବାର ଖେଳାଯିବ।

### ରାହୁଲ ଅସୁସ୍ଥ, ଇଶାନଙ୍କୁ ସୁଯୋଗ

ଏହି ମ୍ୟାଚ୍‌ରେ ଭାରତୀୟ ଦଳରେ ଏକ ବଡ଼ ତଥା ଗୋଟିଏ ପରିବର୍ତ୍ତନ ଦେଖିବାକୁ ମିଳିଛି। ୱିକେଟକିପର ବ୍ୟାଟର ଲୋକେଶ ରାହୁଲ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ଏହି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଇଶାନ କିଶନଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଛି। ଏହି ମ୍ୟାଚ୍‌ରେ ଇଂଲଣ୍ଡର ଅଧିନାୟକ ହ୍ୟାରି ବ୍ରୁକ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ।

## ଅସୁନ୍ତାଙ୍କ ଯୌନ ନିର୍ଯାତନା ଅଭିଯୋଗ

ନୂଆଦିଲ୍ଲୀ,୧୬।୭ (ଏଜେନ୍ସି): ପୂର୍ବତନ ମହିଳା ହକି ଅଧିନାୟିକା ଅସୁନ୍ତା ଲାକ୍ରାଙ୍କ ଦ୍ୱାରା ହୋଇଥିବା ଯୌନ ନିର୍ଯାତନା ଓ ଧମକଚମକ ଅଭିଯୋଗର ତଦନ୍ତ କରି ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏସନ ବା ଆଇଓଏ। ଏ ସମ୍ପର୍କରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆଇଓଏକୁ ନିର୍ଦ୍ଦେଶ ଦିଆଯାଇଛି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମଧ୍ୟ ଏକ ନିରପେକ୍ଷ ତଦନ୍ତ କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟକୁ ଚିଠି ଲେଖି ଅନୁରୋଧ କରିଥିଲେ। ଏବେ ଆଇଓଏ ତଦନ୍ତ କମିଟି ଗଠନ କରିବ ଓ ଏହି କମିଟି ତଦନ୍ତ କରିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ବିବରଣୀରୁ ପ୍ରକାଶ ଯେ ବିହାରର ଜଣେ ହକି କୋଚ୍ ମହିଳା ଖେଳାଳି ଅସୁନ୍ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ଆଣିବା ପରେ ଏହାର ସଭାପତି ତଥା ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ ଓମକ ଚମକ ଦେଇଥିଲେ। ଏ ସମ୍ପର୍କରେ ଅସୁନ୍ତାଙ୍କ ଅଭିଯୋଗକୁ ଭିତ୍ତି କରି ହକି ଇଣ୍ଡିଆ ତଦନ୍ତ କରିବ ବୋଲି ଦାବି ହୋଇଥିଲା। କିନ୍ତୁ ସଭାପତି ତିର୍କୀଙ୍କ ଅନୁଯାୟୀ ହକି ଇଣ୍ଡିଆର ପଦାଧିକାରୀ ଏହି ମାମଲାରେ ସମ୍ପୃକ୍ତ ଥିବାରୁ ସଂଘର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଦ୍ୱାରା ଯାଞ୍ଚ କରାଗଲେ ଏହାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠିପାରେ ବୋଲି ଆଶଙ୍କା ପ୍ରକାଶ କରିଥିଲେ। ସଂଘର କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ହିଁ ଏହି ଘଟଣାରେ ଅଭିଯୋଗକାରୀ ଓ ପ୍ରତିପକ୍ଷ ଅଟନ୍ତି। ଏଣୁ ହକି ଇଣ୍ଡିଆର ଆଭ୍ୟନ୍ତରୀଣ କମିଟି ଏହାର ତଦନ୍ତ କରିବାକୁ ଦିଲୀପ ନାପସନ୍ଦ କରିଥିଲେ। ଏବେ କ୍ରୀଡ଼ା ମନ୍ତ୍ରଣାଳୟ ଆଇଓଏକୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ପରେ ଏହାକୁ କେହି ଅଙ୍ଗୁଳି ଦେଖାଇ ପାରିବେ ନାହିଁ।

**ତଦନ୍ତ କରିବ ଆଇଓଏ**

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS